

୪୦୦ କୋଟିର 'ରାମାୟଣ'

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-24 ◆FRIDAY ◆18 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୪ ◆ଶୁକ୍ରବାର ◆୧୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଇରାକ ସପିଂ ମଲ୍‌ରେ ଅଗ୍ନିକାଣ୍ଡ; ୬୦ ମୃତ



■ **ବାଗଦାଗ, ୧୭ ।୭ (ଏଜେନ୍ସି):** ଇରାକ୍‌ର କୁଟ୍ ସହରର ଏକ ବଡ଼ ସପିଂ ମଲ ତଥା ସୁପର ମାର୍କେଟ୍‌ରେ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ୬୦ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏଥିରେ ୫୦ରୁ ଅଧିକ ଆହତ ହୋଇଛନ୍ତି । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଅଗିକାଣ୍ଡକୁ ଆୟତ୍ତ କରାଯାଇଥିଲେ ମଧ୍ୟ ୧୧ ଜଣ ନିଖୋଜ ରହିଛନ୍ତି ବୋଲି ଇରାକର ସରକାରୀ ସମାଚାର ଏଜେନ୍ସି ଆଇଏନ୍‌ଏ ସୂଚନା ଦେଇଛି । ଏଥିରେ କୁହାଯାଇଛି ଯେ ୫୯ ଜଣ ମୃତକଙ୍କ ପରିଚୟ ମିଳିସାରିଛି ଏବଂ ଜଣେ ବ୍ୟକ୍ତୀର ମୃତଦେହ ଅତି ଭୟଙ୍କର ଭାବେ ଜଳି ଯାଇଥିବାରୁ ତା'ର ପରିଚୟ ମିଳିପାରି ନାହିଁ । ୫ ଦିନ ପୂର୍ବରୁ ଏହି ସୁପରମାର୍କେଟ ଖୋଲାଯାଇଥିଲା । ତେବେ କ'ଣ ପାଇଁ ଏହି ଅଗ୍ନିକାଣ୍ଡ ଘଟିଥିଲା ତାହାର କାରଣ ଜଣାପଡ଼ିନାହିଁ । ଘଟଣା ଯାଞ୍ଚ ପାଇଁ ଇରାକ ପ୍ରଧାନମନ୍ତ୍ରୀ ମହମ୍ମଦ ସିଆ ଅଲ-ସୁଦାନୀ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୩ରେ ଉତ୍ତର ଇରାକର ଏକ ୱେଡିଂ ହଲରେ ନିଆଁ ଲାଗିଯିବାରୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

## ପାଟନା ହସ୍ପିଟାଲ୍‌ରେ ଗ୍ୟାଙ୍ଗଷ୍ଟରକୁ ଗୁଳିକରି ହତ୍ୟା



■ **ପାଟନା, ୧୭ ।୭(ଏଜେନ୍ସି):** ୫ ଜଣ ସଶସ୍ତ୍ର ଯୁବକ ଆସିଲେ । ହାତରେ ପିସ୍ତଲ ଧରି ମେଡିକାଲରେ ପଶିଲେ । ମେଡିକାଲରେ ଚିକିତ୍ସାଧୀନ ଥିବା ରୋଗୀ ଉପରେ ଗୁଳି ବର୍ଷା କଲେ । ସେ ମରିଯିବା ପରେ ୩୦ ସେକଣ୍ଡ ଭିତରେ ମେଡିକାଲରୁ ଫେରାର ହୋଇଯାଇଥିଲେ । ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ନୁହେଁ, ବରଂ ଏହା ହେଉଛି ବିହାର ରାଜଧାନୀ ପାଟନାରେ ଅପରାଧୀଙ୍କ ରାଜର ନଗ୍ନ ନମୁନା । ମୃତ ବ୍ୟକ୍ତି ଜଣକ ହେଉଛି ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ମିଶ୍ରା । ୧୨ଟି ହତ୍ୟା ମାମଲାରେ ଜେଲରେ ସଜା କାଟୁଥିବା ଚନ୍ଦନ ପାରୋଲରେ ଆସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାକୁ ଏଭଳି ହତ୍ୟା କରାଯାଇଛି । ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ଗୋଷ୍ଠୀ ଶେରୁ ସିଂ ଗ୍ୟାଙ୍ଗର ହାତ ଥିବାର ସନ୍ଦେହ କରାଯାଉଛି ।

ପାଟନାର ପାରସ ହସ୍ପିଟାଲ୍‌ରେ ସ୍ପଷ୍ଟ ଦିବାଲୋକରେ ଗୁରୁବାର ଫିଲ୍ମ ଷ୍ଟାଇଲ୍‌ରେ ଗ୍ୟାଙ୍ଗଷ୍ଟର ହତ୍ୟାକାଣ୍ଡର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ଏଥିରେ ୫ ଜଣ ▶ପୃଷ୍ଠା-୭

## ସୌମ୍ୟାଶ୍ରୀ ନିର୍ଯାତନା ନିଆଁ; ସାରା ରାଜ୍ୟରେ କ୍ରୋଧ

# ବନ୍ଦ ସ୍ୱତଃସ୍ଫୂର୍ତ୍ତ, ଶାନ୍ତିପୂର୍ଣ୍ଣ

**ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଛି । ମିଳିତ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଇ ସାରା ଓଡ଼ିଶାର ଜନସାଧାରଣ ଦିବଂଗତ ଛାତ୍ରୀଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବ୍ୟବସ୍ଥାଗତ ତ୍ରୁଟିକୁ ପରୋକ୍ଷରେ ଧିକ୍କାର କରିଛନ୍ତି । ନାରୀ ସୁରକ୍ଷା ଓ ମହିଳା ସଶକ୍ତୀକରଣର ନାରା ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାରର ମାତ୍ର ଏକ ବର୍ଷର ଶାସନ ପରେ ସାଧାରଣଜନତାଙ୍କ ତିକ୍ତ ଉପଲବ୍ଧିର ସ୍ୱର ସରକାରଙ୍କ ପାରିବାପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି ।**

### ଦୋକାନବଜାର ବନ୍ଦ, ବସ୍ ଓ ରେଳ ଚଳାଚଳ ପ୍ରଭାବିତ
### କଂଗ୍ରେସ ସମେତ ସାମିଲ ହେଲେ ୮ ସମଭାବାପନ୍ନ ଦଳ
### ଯୋଗଦେଲେ ମହିଳା ଓ ଛାତ୍ର କଂଗ୍ରେସ ଜାତୀୟ ସଭାପତି



■ **ଭୁବନେଶ୍ୱର, ୧୭।୭ (ସମିସ):** ସାରା ରାଜ୍ୟବାସୀଙ୍କ ମନରେ କ୍ରୋଧ ସୃଷ୍ଟି କରିଛି ସୌମ୍ୟାଶ୍ରୀ ନିର୍ଯାତନା ଓ ଆତ୍ମଦାହ ନିଆଁ । ଗାଁରୁ ସହର, ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସୃଷ୍ଟି କରିଛି ଆଲୋଡ଼ନ । ଯାହାର ପ୍ରତିଫଳନ ଆଜି ସାରା ରାଜ୍ୟରେ ଦେଖିବାକୁ ମିଳିଛି କଂଗ୍ରେସ ଓ ସମଭାବାପନ୍ନ ୮ ବିରୋଧୀଦଳ ଡ଼କରାରେ ଆଜି ବନ୍ଦ ହୋଇ ଯାଇଛି ଅଖଚକ, ଦୋକାନବଜାର । ଶୂନଶାନ ହୋଇ ଯାଇଛି ସଡ଼କ, ଅଚଳ ହୋଇଯାଇଛି ବେପାରବଣିଜ । ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବରେ ସାରା ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦକୁ ସମର୍ଥନ ପ୍ରଦାନ କରିଛନ୍ତି । କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଗାଡ଼ିକୁ ଛାଡ଼ି ଦେଲେ ରାଜ୍ୟସାରା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାରିପଦା, ଅନୁଗୋଳ, ଜୟପୁର, ବଲାଙ୍ଗିର ସହ ରାଜ୍ୟର ବିଭିନ୍ନ ସହରରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଛି । ଜିଲ୍ଲା ମୁଖ୍ୟାଳୟ, ବ୍ଲକ୍, ଏପରିକି ଗାଁରେ ମଧ୍ୟ ଏହାର ପ୍ରଭାବ ଅନୁଭବ ହୋଇଛି ।

ସାରା ରାଜ୍ୟରେ ଖାଁ ଖାଁ ସ୍ଥିତି ସୃଷ୍ଟି ହୋଇଛି । ସକାଳ ୬ଟାରୁ ବନ୍ଦର ପ୍ରଭାବ ଆରମ୍ଭ ହୋଇଥିବାରୁ କଂଗ୍ରେସ ଓ ସହଯୋଗୀ ବିରୋଧୀ ଦଳର ନେତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦରେ ସାମିଲ ହେବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ବସ୍ ଓ ଟ୍ରେନ୍ ଚଳାଚଳ ବ୍ୟାହତ ହେବା ଯୋଗୁଁ ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପଡ଼ିଛି । କାଁ ଭାଁ ଛୋଟଛୋଟ ଘଟଣାକୁ ବାଦ ଦେଲେ ରାଜ୍ୟର ପ୍ରାୟ ସବୁ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଛି । ରାଜଧାନୀ ଭୁବନେଶ୍ୱରରେ ସକାଳୁ ସକାଳୁ ପିସିସି ▶ପୃଷ୍ଠା-୭

**୨୧ରୁ ସଂସଦର ମୌସୁମୀ ଅଧିବେଶନ**

# କେନ୍ଦ୍ର ପାଇଁ ଶିରପୀଡ଼ା ହେବ ଓଡ଼ିଶା ପ୍ରସଙ୍ଗ

■ **ଭୁବନେଶ୍ୱର/ନୂଆଦିଲ୍ଲୀ ୧୭।୭ (ସମିସ):** ଆସନ୍ତା ୨୧ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ । ଏଥିପାଇଁ ୨୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ମାତ୍ର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ଘେରିବା ନିମନ୍ତେ ୧୯ରେ ରଣନୀତି ପ୍ରସ୍ତୁତ କରିବ ଇଣ୍ଡିମେଣ୍ଟ । ବିଶେଷ ଭାବରେ ଆଗାମୀ ଅଧିବେଶନରେ ଜାତୀୟ ପ୍ରସଙ୍ଗ ସହ ବିରୋଧୀଙ୍କ ପାଇଁ ଓଡ଼ିଶା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିବ ବୋଲି କୁହାଯାଉଛି । ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଛି । ଗୋପାଳପୁର ଗଣ ବଳାତ୍କାର ଘଟଣା, ରଥଯାତ୍ରା ଅଘଟଣ ଓ ଦଳାଚକଟାରେ ୩ ମୃତ, ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନଙ୍କୁ ଘୋଷାରି ଘୋଷାରି ମାଡ଼, ଧରାକୋଟରେ ଦୁଇ ଦଳିତଙ୍କ ପ୍ରତି ବର୍ବର ବ୍ୟବହାର ଏବଂ ଏବେ ବ୍ୟବସ୍ଥା ଦ୍ୱାରା ନିର୍ଯାତିତ ହୋଇ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି । ରାଜ୍ୟର ଆଇନଶୃଙ୍ଖଳା ଓ ପ୍ରଶାସନିକ ଅପାରଗତା ଯୋଗୁଁ ଏପରି ଘଟଣା ଘଟୁଥିବା ଜାତୀୟ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ବିଶେଷ ଭାବରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ଓ ବରିଷ୍ଠ ନେତା ଜୟରାମ ରମେଶ ଯେପରି ଓଡ଼ିଶା ପ୍ରସଙ୍ଗରେ ସକ୍ରିୟ ହୋଇଛନ୍ତି; ତାହା କଂଗ୍ରେସର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ସେହିପରି ଓଡ଼ିଶାରେ ବଙ୍ଗଳାଭାଷୀ ଶ୍ରମିକଙ୍କୁ ଅଟକ ପ୍ରସଙ୍ଗକୁ ନେଇ ତୃଣମୂଳ କଂଗ୍ରେସ କଠୋର ଆଭିମୁଖ୍ୟ ପୋଷଣ କରିଛି । ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



### ୧୯ରେ ଇଣ୍ଡିମେଣ୍ଟ ବୈଠକ; ପ୍ରସ୍ତୁତ ହେବ ରଣନୀତି

ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ବିଜେପି ଓ ଏହି ଦଳ ଶାସିତ ରାଜ୍ୟକୁ ନିଶାଣ କରିଛନ୍ତି । ତୃଣମୂଳ କଂଗ୍ରେସ ଏହି ପ୍ରସଙ୍ଗକୁ ସଂସଦରେ ଉଠାଇବ ବୋଲି ସୂଚନା ମିଳିଛି ।

ଅନ୍ୟପକ୍ଷରେ ମୌସୁମୀ ଅଧିବେଶନରେ ୮ଟି ବିଲ୍ ଆଗତ କରିବାକୁ ସରକାର ଯୋଜନା କରିଥିବା ବେଳେ ବିଭିନ୍ନ ପ୍ରସଙ୍ଗ ନେଇ ସରକାର ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ▶ପୃଷ୍ଠା-୭

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

# କ୍ରାଇମବ୍ରାଞ୍ଚ ଟିମ୍‌ର ଖୋଳତାଡ଼

■ **ବାଲେଶ୍ୱର, ୧୭ ।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ବିଶିଙ୍କ ଆତ୍ମାହୁତି ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି କ୍ରାଇମବ୍ରାଞ୍ଚ । ଆଜି ଅପରାହ୍ଣରେ କ୍ରାଇମବ୍ରାଞ୍ଚର ୫ ଜଣିଆ ଏକ ଟିମ୍ କଲେଜରେ ପହଞ୍ଚି ଖୋଳତାଡ଼ କରିଛନ୍ତି । ଏହି ଟିମ୍‌ରେ ୱିମେନ ୱିଙ୍ଗର ଆଇଜି ଏସ୍‌ଏସ୍ ସାଇନିଙ୍କ ସହ ଡିଏସ୍‌ପି ଇମାମ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଂଚାଳି ରାଉତ ପ୍ରମୁଖ ରହିଥିଲେ । ଅପରାହ୍ଣ ପ୍ରାୟ ୪ଟା୧୫ରେ ସର୍କିଟ ହାଉସଠାରୁ ବାହାରି ଉକ୍ତ ଟିମ୍ ଫକୀର ମୋହନ ମହାବିଦ୍ୟାଳୟକୁ ଯାଇଥିଲା । ଆଜି ପେଟ୍ରୋଲକୁ ନେଇ ତନାଘନା ହୋଇଥିବା ଜଣାଯାଇଛି । ଘଟଣା ଦିନ ସୌମ୍ୟାଶ୍ରୀ ସାଙ୍ଗରେ କଲେଜକୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ପେଟ୍ରୋଲ ଦେଇଥିଲା, ଯଦି ଅନ୍ୟ କିଏ ତାଙ୍କୁ ଯୋଗାଇଛି ତେବେ ସେ କିଏ? ସେହିପରି, କଲେଜ ପରିସରକୁ ପଲିଥିନ୍‌ରେ ପେଟ୍ରୋଲ ଅଣାଯାଇଥିଲା ନା କୌଣସି ଡବାରେ ଏବଂ କେଉଁ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଅଣାଯାଇଥିଲା, ସେନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି । ଘଟଣା ଘଟିବାର କିଛି ସମୟ ପୂର୍ବରୁ ଜଣେ କଲେଜ ଛାତ୍ର ନିକଟସ୍ଥ ପେଟ୍ରୋଲ ପମ୍ପରୁ ପେଟ୍ରୋଲ କିଣିଥିବା ▶ପୃଷ୍ଠା-୭

**କ୍ୟାମ୍ପସକୁ କିଏ ଆଣିଥିଲା ପେଟ୍ରୋଲ, ଦିଆସିଲି?**

### ଆଜିଠୁ ଉଚ୍ଚସ୍ତରୀୟ କମିଟି ତଦନ୍ତ

■ **ଭୁବନେଶ୍ୱର, ୧୭ ।୭ (ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଓ ଉଚ୍ଚଶିକ୍ଷା ବିଭାଗର ତଦନ୍ତ କରିଛି । ମାମଲାରେ ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷ ଜେଲ୍ ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ତଦନ୍ତ ପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଆଉ ଏକ ଉଚ୍ଚସ୍ତରୀୟ କମିଟି କଲେଜକୁ ଯିବ । ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ଗୋଟି ଗୋଟି କରି ପଚରାଉଚରା ▶ପୃଷ୍ଠା-୭

**ବ୍ୟକ୍ତିଗତ ହାଜିରା ଦେବେ ସମସ୍ତ ଆଇସିସି ସଦସ୍ୟ**

# ଛାତ୍ରୀଙ୍କୁ ଯୌନ ଶୋଷଣ; ଅଧ୍ୟାପକ ଗିରଫ



■ **ସମ୍ବଲପୁର, ୧୭ ।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନ ହାରିବା ଘଟଣାକୁ ଦିନ ୨ଟା ନ ବିତୁଣୁ ସମ୍ବଲପୁରରୁ ପୁଣି ଏକ ଛାତ୍ରୀ ନିର୍ଯାତନାର ଖବର ଆସିଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବିବାହର ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଯୌନ ଶୋଷଣ କରୁଥିବା ଭଳି ସଂଗିନ୍ ଅଭିଯୋଗ ହୋଇଛି । ଏନେଇ ଥାନାରେ ମାମଲା ପରେ ପୁଲିସ୍ ଏଜୁକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ଗୋପିକାନ୍ତ ସୁନା (୩୨)ଙ୍କୁ ଗିରଫ କରିଛି । ତାଙ୍କ ଘର ବରଗଡ଼ ଜିଲ୍ଲାରେ । ଅପରପକ୍ଷେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଛନ୍ତି । ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ବିଏ ବିଏଡ୍ ଯୁକ୍ତ ଦୁଇବର୍ଷର ଜଣେ ଛାତ୍ରୀ ଗତକାଲି ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଅନୁସାରେ, ୨୦୨୩ ଡିସେମ୍ବରରୁ ଏକାଡେମିକ୍ କ୍ଷେତ୍ରରେ ସାହାଯ୍ୟ କରିବା ଆଳରେ ଗୋପିକାନ୍ତ ତାଙ୍କ ସହ ସଂପର୍କ ବଢ଼ାଇଥିଲେ । ଏପରିକି, ପରେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ, ବର୍ତ୍ତମାନ ଅଧ୍ୟାପକଜଣଙ୍କ ବିବାହ କରିବା ପାଇଁ ରାଜି ହେଉନାହାନ୍ତି । ଏଥିରେ ଛାତ୍ରୀଜଣଙ୍କ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି । ତେଣୁ, ନ୍ୟାୟ ପାଇବା ଆଶାରେ ବାଧ୍ୟ ହୋଇ ବୁଧବାର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ୍ ନମ୍ବର ୫୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗୋପିକାନ୍ତଙ୍କୁ ବୁଢ଼ାରଜାରୁ ଗିରଫ କରି ▶ପୃଷ୍ଠା-୭

**ସମ୍ବଲପୁରରେ ଲଜ୍ଜା!**

### ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ

# ଆବାସିକ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ଗର୍ଭବତୀ

■ **ବିଷମ କଟକ, ୧୭।୭ (ସମିସ):** ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ । ରାୟଗଡ଼ା ଜିଲ୍ଲାରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା । ବିଷମକଟକ ବ୍ଲକ୍ ଡକୁମ୍ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତି ତଥା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ଏହି ଘଟଣା ଜଣାପଡ଼ିବା ପରେ ବୁଧବାର ରାତିରେ ବିଷମକଟକ ଥାନାରେ ଏକ ଏତଲା ଦିଆଯାଇଛି । ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଛାତ୍ରୀଙ୍କ ପୁନଃ ଡାକ୍ତରୀମାଇନା ପରେ ତାଙ୍କୁ ଶିଶୁ ମଙ୍ଗଳ କମିଟିଙ୍କ ପାଖରେ ହାଜର କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ କହିଛନ୍ତି ।

ଗତକାଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ୍ରାମ୍ୟମାଣ ଦଳ ଡୁକୁମ ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟ ଆନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମ୍ପୃକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା ବେଳେ ପରୀକ୍ଷାନିରୀକ୍ଷା କରିବାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଚିକିତ୍ସକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ପରେ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଡାକି ସମସ୍ତ କଥା ପଚାରି ବୁଝିଥିଲେ । ଛାତ୍ରୀଜଣଙ୍କ ଗ୍ରୀଷ୍ମଛୁଟିରେ ଘରକୁ ଯାଇଥିବା ବେଳେ ତାଙ୍କ ମାମୁପୁଅ ସହ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲା । ଏ ସମସ୍ତ କଥା ଝିଅର ବାପା, ମା'ଙ୍କୁ ଶିକ୍ଷୟିତ୍ରୀ ସୂଚନା ଦେଇଥିଲେ । ଛାତ୍ରୀଜଣଙ୍କ ଗର୍ଭବତୀ ରହିଥିବା ନେଇ ବିଭାଗୀୟ ▶ପୃଷ୍ଠା-୭

**ନାଲିଫିତା ତଳେ ତଦନ୍ତ**

# ନ୍ୟାୟ ଅପେକ୍ଷାରେ ଆଉଜଣେ ସୌମ୍ୟା

■ **ପଟ୍ଟାମୁଣ୍ଡାଇ, ୧୭।୭ (ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟା ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣ ସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ତେବେ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜର ଯୁକ୍ତ ୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ କେବେ ହେବ ଓ ଦୋଷୀ ଦଣ୍ଡ ପାଇବେ ସେନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି । ଘଟଣାର ୫ ମାସ ପରେ ବି ତଦନ୍ତ ନାଲିଫିତା ତଳେ ଚାପି ହୋଇରହିଯାଇଛି । ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରି ନାହିଁ । ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି ।

ଅନ୍ୟପକ୍ଷରେ ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ କ୍ଷୋଭକ୍ତି ପ୍ରକାଶ କରିଛନ୍ତି । କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି । ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବାରୁ ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି ।

ଘଟଣାରେ ତତ୍କାଳୀନ ଅଧ୍ୟକ୍ଷଙ୍କ ବିବାଦୀୟ ବୟାନକୁ ନେଇ ବହୁ ଛାତ୍ର, ଅଣଛାତ୍ର, ରାଜନୈତିକ ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହିତ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ଘଟଣାର ତଦନ୍ତ କରୁଥିବା ପୁଲିସ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନର ନେତୃବର୍ଗଙ୍କ କଥାକୁ ଗୁରୁତ୍ୱ ଦେଇନଥିବା ବେଳେ ମୃତା ଛାତ୍ରୀଙ୍କ ମାଆଙ୍କ ଉପରେ କଲେଜ ବିରୁଦ୍ଧରେ କେସ ନକରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଆସୁଛି ।

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ କହିଥିବା ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଆଦେଶ କାର୍ଯ୍ୟକାରୀ ନହୋଇଥିବାରୁ ଏହା ପାଣିରେ ଗାର ସଦୃଶ ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ▶ପୃଷ୍ଠା-୭

▶▶ ଅସଦାଚରଣର ଶିକାର ହୋଇ କରିଥିଲେ ଆତ୍ମହତ୍ୟା
▶▶ ମାମଲା ନକରିବାକୁ ପୁଲିସ ପକାଉଥିଲା ଚାପ
▶▶ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ



## ବିଏଲ୍ଏ ଆକ୍ରମଣରେ ୨୭ ପାକ୍ ସୈନ୍ୟ ମୃତ

କ୍ୱେଟା, ୧୭।୭(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ଥାନ ରାଜ୍ୟରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଆଉ ଏକ ବଡ଼ କାଣ୍ଡ ଘଟାଇଛି। ବିଏଲ୍ଏ ଆକ୍ରମଣରେ ୨୭ ଜଣ ପାକିସ୍ତାନ ସୈନ୍ୟ ପ୍ରାଣ ହରାଇଛନ୍ତି। ଗତ ୧୨ ଘଣ୍ଟା ମଧ୍ୟରେ ଅବାରାନ, କ୍ୱେଟା ଓ କଲାଜ ଜିଲ୍ଲାରେ ବିଏଲ୍ଏ ଆକ୍ରମଣ କରି ପାକିସ୍ତାନ ସେନାର ବଡ଼ କ୍ଷତି ଘଟାଇଛି। ସେନାର ଏକ ଟ୍ରାନ୍ସପୋର୍ଟ ବସକୁ ଟାର୍ଗେଟ କରି ବିଏଲ୍ଏ ବିଦ୍ରୋହୀ ଆକ୍ରମଣ କରିଥିଲେ। ଏଥିରେ ଏକାଧିକ ସୈନ୍ୟ ଆହତ ହୋଇଛନ୍ତି। ଏହି ବସ୍ କରାଚୀରୁ କ୍ୱେଟା ଯାଉଥିଲା। ସେହିପରି ଅନ୍ୟ ଏକ ଘଟଣାରେ କ୍ୱେଟାର ହାଜରଗଞ୍ଜି ଅଞ୍ଚଳରେ ବିଏଲ୍ଏ ବିଦ୍ରୋହୀଙ୍କ ଆକ୍ରମଣରେ ୨ ଜଣ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଗତ ଏକ ଦଶନ୍ଧି ଧରି ପାକିସ୍ତାନରୁ ଅଲଗା ହୋଇ ସ୍ୱାଧୀନତା ହାସଲ କରିବାକୁ ବେଲୁଚିସ୍ତାନରେ ଏହି ବିଦ୍ରୋହ ଦେଖାଯାଇଛି ଓ ଏହା ଦିନକୁ ଦିନ ତୀବ୍ରତର ହେବାକୁ ଲାଗିଛି।

## ଭାଇଭାଉଜ, ପୁତୁରା ଉପରେ କାର୍ ଚଢ଼ାଇଦେଲେ ଓକିଲ

ମୋଗା, ୧୭।୭(ଏଜେନ୍ସି): ପଞ୍ଜାବର ମୋଗା ଜିଲ୍ଲାରେ ଏକ ପରିବାରରେ ଚାଲିଥିବା ଜମି ବିବାଦ ଶେଷରେ ହିଂସକ ରୂପ ଧାରଣ କରିଛି। ଜଣେ ବ୍ୟକ୍ତି ନିଜ ଭାଇ, ଭାଉଜ ଓ ପୁତୁରା ଉପରେ କାର୍ ଚଢ଼ାଇଦେଇଛନ୍ତି। ଏଥିରେ ୩ ଜଣ ଯାକ ଆହତ ହୋଇଛନ୍ତି। ରକ୍ତ ଜୁଡୁବୁଡୁ ଏହି ୩ ଜଣଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଘର ବାହାରେ ଲଗାଯାଇଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି ଓ ଏହା ଭାଇରାଲ ହୋଇଛି। ପୁତୁରାର ମୁଣ୍ଡ ଓ ନାକରେ ଆଘାତ ଲାଗିଥିବା ବେଳେ ବଡ଼ ଭାଇ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ଅଭିଯୁକ୍ତ ସାନ ଭାଇ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ପୁଲିସ୍ ମାମଲା ରୁଜୁ କରିଛି। ୩.୫ ଏକର ଜମି ପାଇଁ ଦୁଇ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଚାଲିଆସିଥିଲା।

## ବ୍ରିଟେନରେ ମତଦାନ ବୟସ ୧୬କୁ ହ୍ରାସ


ଲଣ୍ଡନ, ୧୭।୭(ଏଜେନ୍ସି): ଦୀର୍ଘ ୫୬ ବର୍ଷ ପରେ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ଏକ ବଡ଼ ତଥା ବୈପ୍ଳବିକ ପରିବର୍ତ୍ତନ କରାଯାଇଛି। ଏବେ ଏହି ଦେଶରେ ୧୬ ଓ ୧୭ ବର୍ଷର ପିଲା ମତଦାନ ଦେବାର ଅଧିକାର ହାସଲ କରିବେ। ବ୍ରିଟେନରେ ମତଦାନ ଦେବାର ସର୍ବନିମ୍ନ ବୟସକୁ ୧୬କୁ କମାଇ ଦିଆଯାଇଛି। ପୂର୍ବରୁ ୧୯୬୯ରେ ବ୍ରିଟେନରେ ମତଦାନର ବୟସ ଶେଷ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଏହାକୁ ୨୧ରୁ ୧୮ ବର୍ଷ କରାଯାଇଥିଲା। ଏହାକୁ ବ୍ରିଟେନ ନିର୍ବାଚନ ପ୍ରକ୍ରିୟାରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି। ପୂର୍ବରୁ କେବଳ ସ୍କଟଲାଣ୍ଡ ଓ ୱେଲ୍ସରେ କେତୋଟି ନିର୍ବାଚନରେ ଯୁବ ଭୋଟରମାନେ ମତଦାନ ଦେବାର ଅଧିକାର ପାଇଥିଲେ। କିନ୍ତୁ ଏବେ ସାରା ବ୍ରିଟେନ୍‌ରେ ୧୬ ବର୍ଷ ବୟସର ପିଲାମାନେ ମତଦାନ କରିପାରିବେ। ଏହାଦ୍ୱାରା ସାରା ଦେଶରେ ୯୫ ଲକ୍ଷ ଲୋକ ଲାଭବାନ ହୋଇପାରିବେ। ଏଥିସହ ସରକାର ଭୋଟ ପରିଚୟ ପତ୍ର ନିୟମରେ ମଧ୍ୟ ପରିବର୍ତ୍ତନ କରିଛନ୍ତି। ଡ୍ରାଇଭିଂ ଲାଇସେନ୍ସ, ବ୍ୟାଙ୍କ କାର୍ଡ ଦେଖାଇ ଭୋଟର ମତଦାନ କରିପାରିବେ।

## ପାକିସ୍ତାନର ପଞ୍ଜାବରେ ଭୟଙ୍କର ବନ୍ୟା

ଇସଲାମାବାଦ୍, ୧୭।୭(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଗୁରୁବାର ପ୍ରବଳ ବର୍ଷା ହେବା ସହ ଭୟଙ୍କର ବନ୍ୟା ଆସିଛି। ଏଥିରେ ୬୩ ଜଣ ଲୋକ ମୃତ୍ୟୁବରଣ କରିଥିବାବେଳେ ୨୯୦ ଜଣ ଆହତ ହୋଇଛନ୍ତି। ସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ସରକାର କେତେକ ଅଞ୍ଚଳରେ ଇମର୍ଜେନ୍ସି ଲାଗୁ କରିଛନ୍ତି। ଲାହୋରରେ ୧୫, ଫୈସଲାବାଦ୍‌ରେ ୯, ସାହିବାଲ୍‌ରେ ୫, ପାକପଟ୍ଟନରେ ୩ ଓ ଓକାରାରେ ୯ ଜଣ ପ୍ରାଣ ହରାଇଛନ୍ତି ବୋଲି ପଞ୍ଜାବ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି (ପିଡିଏମ୍ଏ) ସୂଚନା ଦେଇଛି। ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ରାଶି ଦେବାକୁ ସରକାର ଘୋଷଣା କରିଛନ୍ତି। ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲା। ବନ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ଦଳ ଲାଗି ପଡ଼ିଛନ୍ତି। ରାଜଧାନୀ ଇସ୍‌ଲାମାବାଦ୍‌ରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇ ଦିଆଯାଇଛି।

## ଯୁଲିଆ ୟୁକ୍ରେନର ନୂଆ ପ୍ରଧାନମନ୍ତ୍ରୀ

କିଭ୍, ୧୭।୭(ଏଜେନ୍ସି): ଯୁଦ୍ଧ ବିଧ୍ୱସ୍ତ ୟୁରୋପୀୟ ଦେଶ ୟୁକ୍ରେନରେ ଏବେ ଜଣେ ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ୩୯ ବର୍ଷୀୟା ଯୁଲିଆ ସିରିଡେଙ୍କୋ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭୋଲୋଡିମୀର



ଜେଲେନସ୍କି ତାଙ୍କ ନାମ ସୁପାରିସ କରିଥିଲେ। ପରେ ଯୁଲିଆଙ୍କୁ ସଂସଦରେ ନୂଆ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ କରାଯାଇଥିଲା। ସେ ଜେଲେନସ୍କିଙ୍କ ବିଶ୍ୱସ୍ତ ଅନୁଗତ ଭାବେ ଜଣାଶୁଣା। ପୂର୍ବରୁ ଯୁଲିଆ ଉପ-ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ମଧ୍ୟ ଜଣେ ଅର୍ଥଶାସ୍ତ୍ରୀ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଖଣିଜ ଚୁକ୍ତି କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଓ ଏଥିପାଇଁ ସେ ସବୁ ମହଲରୁ ପ୍ରଶଂସିତ ହୋଇଥିଲେ। ଏଥିସହ ନୂଆ କ୍ୟାବିନେଟ୍‌ରେ ମଧ୍ୟ କେତୋଟି ପରିବର୍ତ୍ତନ ହୋଇଛି। ୨୦୦୮ରେ ସେ ଅର୍ଥଶାସ୍ତ୍ରୀ ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୧ରେ ସେ ୟୁକ୍ରେନର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ଓ ଆର୍ଥିକ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୫ ଡିସେମ୍ବର ୨୫ରେ ସେ ଚେରନିହିଭ ସହରରେ ଜନ୍ମଗ୍ରହଣ କରିଥିଲେ।

# ସମାଧିସ୍ଥଳର ଛାତିଥରା କାହାଣୀ

ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି): କର୍ଣ୍ଣାଟକ ଦକ୍ଷିଣ କନ୍ନଡ ଜିଲ୍ଲା ସ୍ଥିତ ଧର୍ମସ୍ଥଳ ସହରରୁ ଯୌନ ଉତ୍ପୀଡ଼ନ, ହିଂସା ଏବଂ ହତ୍ୟାର ହୃଦୟ ବିଦାରକ କାହାଣୀର ପର୍ଦ୍ଦାଫାସ ହୋଇଛି। ମହିଳା, ଛାତ୍ରୀ, ନାବାଳିକା ଆଦିଙ୍କୁ ଅପହରଣ କରି କ୍ଷମତାଶାଳୀ ଯୌନସୁଖ ମେଣ୍ଟା ଯାଉଥିଲା। ନିର୍ଯାତନା ଦେବା ପରେ ହତ୍ୟା କରି ମୃତଦେହକୁ ଠିକଣାରେ ଲଗା ଯାଉଥିଲା। କୌଣସି ଗୋଟିଏ ସ୍ଥାନରେ ପୋତିଲେ ଜଣାପଡ଼ିବା ପରେ କର୍ମଚାରୀଙ୍କୁ ଲଗାଇ ଭିନ୍ନ ଭିନ୍ନ ସ୍ଥାନରେ ମୃତଦେହ ପୋତି କିମ୍ବା ଜଳାଇ ଦିଆଯାଉଥିଲା। ଏହାର କୌଣସି ଖବର ମଧ୍ୟ ମିଳୁ ନଥିଲା। ଦୀର୍ଘ ବର୍ଷ ଧରି ପ୍ରସିଦ୍ଧ ଧର୍ମସ୍ଥଳ ମନ୍ଦିରରେ ଏହି ମୃତ୍ୟୁ ଏବଂ ଅତ୍ୟାଚାରର ଖେଳ ଚାଲିଥିଲା। ସହରରୁ ଜଣଙ୍କ ପରେ ଜଣେ ଯୁବତୀ, ମହିଳା, ଛାତ୍ରୀ ନିଖୋଜ ହେବାରେ ଲାଗିଥିଲେ। ଅଭିଯୋଗ ସତ୍ତ୍ୱେ ଯାଞ୍ଚ ଆଗେଇ ପାରୁ ନ ଥିଲା। ପୁଲିସ ପୀଡ଼ିତାଙ୍କ ଖୋଜ ଖବର ମଧ୍ୟ ପାଉ ନଥିଲା। କିଛି ଦିନ ପରେ ପୁଣି ମାମଲା ଦବି ଯାଉଥିଲା। ଶହେରୁ ଅଧିକ ମହିଳାଙ୍କ ମୃତଦେହ ଧର୍ମସ୍ଥଳର ଆଖପାଖରେ ପୋତା ଯାଇଛି। ଯିଏ ଏ ବିଷୟରେ ମୁହଁ ଖୋଲୁଥିଲା ତାକୁ ଧମକ ଦିଆଯାଉଥିଲା। ନ ମାନିଲେ ମାରି ଦିଆଯାଉଥିଲା। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେଙ୍ଗାଲୁରୁର ନେତ୍ରାବତୀ ନଦୀକୂଳରେ ଥିବା ଏହି ମଞ୍ଜୁନାଥ ମନ୍ଦିରରେ ୧୯ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ଜଣେ ସଫେଇ କର୍ମୀ ଏହି ଦାବି କରିଛନ୍ତି।

ଅନେକ ବର୍ଷ ପର୍ଯ୍ୟନ୍ତ ସେ ଏହି ହତ୍ୟାର ମୂକସାକ୍ଷୀ ହୋଇ ରହିଥିଲେ। ଏହା ସତ୍ତ୍ୱେ ତାଙ୍କ ପରିବାରର ଝିଅକୁ ମଧ୍ୟ ଛଡ଼ା ଯାଇ ନ ଥିଲା। ଏହା ଦେଖିବା ପରେ ଉକ୍ତ ସଫେଇ କର୍ମୀ ପରିବାର ସହ ଉକ୍ତ ଅଞ୍ଚଳ ଛାଡ଼ି ପଳାଇ ଥିଲେ। ଡରି ଡରି କର୍ଣ୍ଣାଟକ ଆଖପାଖ ରାଜ୍ୟରେ ଶରଣ ନେଉଥିଲେ। ମାତ୍ର ୧୯ ବର୍ଷର ଏହି ଯନ୍ତ୍ରଣା ତାଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେଇ ନଥିଲା। ଶେଷରେ ସେ ବେଲ୍‌ଥାଗଣ୍ଡି କୋର୍ଟରେ ଏକ ଖପୁରୀ ସହ ହାଜର ହୋଇ ଏହି କରୁଣ କାହାଣୀ ବର୍ଣ୍ଣନା କରିଥିଲେ। ଏହି

### ଶହ ଶହ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ପରେ ପୋତାଯାଇଛି

ମନ୍ଦିରରେ ହିନ୍ଦୁ ପୂଜା କରୁଥିବାବେଳେ ତାହାକୁ ଏକ ଜୈନ ପରିବାର ଚଳାଉ ଥିଲା। ଗତ ୧୧ ତାରିଖରେ କୋର୍ଟରେ ହାଜର ହୋଇ ଉକ୍ତ ବ୍ୟକ୍ତି ଏହି ତଥ୍ୟ ଦେଇଛନ୍ତି। ତାଙ୍କୁ କୋର୍ଟରେ ହାଜର କରିବା ସମୟରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସାରା ଶରୀର ମୁଖା ଲଗାଇ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। କେବଳ ଦେଖିବା ପାଇଁ ଟିକେ ଫାଙ୍କ ରହିଥିଲା। ଜୀବନ ଏବଂ ପରିବାର ପ୍ରତି ବିପଦ ଥିବାରୁ ଏବଂ କେହି ତାଙ୍କ ପରିଚୟ ନ ଜାଣିବା ଲାଗି ଏହି ପଦକ୍ଷେପ ନିଆଯାଇଥିଲା। ବୟାନ ରେକର୍ଡ କରିବା ପରେ ତାଙ୍କୁ ଏକ ଅଜଣା ସ୍ଥାନକୁ ନେଇ ରଖା ଯାଇଥଇଲା। ସେ କରିଥିବା ଦାବି ଯଦି ସତ୍ୟ ସାବ୍ୟସ୍ତ ହୁଏ ତେବେ ଏହା ଦେଶକୁ ଦୋହଲାଇ ଦେଇଥିବା ଖୁଲାସା ହେବ।

ଧର୍ମସ୍ଥଳର ପୂର୍ବରୁ କାମ କରୁଥିବା ଏହି ସଫେଇ କର୍ମୀ କହିଥିଲେ ଯେ ୧୯ ବର୍ଷ ହେଲା ଧର୍ମସ୍ଥଳ ଗାଁରେ ଅନେକ ମୃତଦେହକୁ ସେ ଠିକଣାରେ ଲଗାଇଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ମହିଳା ଏବଂ ଯୁବତୀ ସାମିଲ ଅଛନ୍ତି। ତାଙ୍କ ଦେହରେ କପଡ଼ା ନ ଥିଲା କି ଅନ୍ତବସ୍ତ୍ର ପିନ୍ଧି ନ ଥିଲେ। ଶରୀରରେ କ୍ଷତ ଚିହ୍ନ ଥିଲା। ବେକ କାଟି ହତ୍ୟା କରାଯାଇଥିଲା। ସମସ୍ତେ ଯୌନ ଉତ୍ପୀଡନର ଶିକାର ହୋଇଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ୧୯୯୫ରୁ ୨୦୧୪ ମଧ୍ୟରେ ଏଭଳି କାଣ୍ଡ ଘଟିଥିଲା। ଏକ ପ୍ରଭବାଶାଳୀ ପରିବାର ଦ୍ୱାରା ପରିଚାଳିତ ଏହି ମନ୍ଦିରରେ ପୂର୍ବରୁ ଏହି ଧାରା ଜାରି ରହିଥିଲା ବୋଲି କୁହାଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଅଭିଯୋଗ ହେବା ସତ୍ତ୍ୱେ ପୁଲିସ ଏ ପର୍ଯ୍ୟନ୍ତ ମାମଲାର ତଦନ୍ତ ଆରମ୍ଭ କରିନାହିଁ। ସେ ପୂର୍ବରୁ ଦକ୍ଷିଣ କନ୍ନଡ ଜିଲ୍ଲାର ଏସଏସପିଙ୍କୁ ଚିଠି ଲେଖି ଏହି ଅଭିଯୋଗ କରିଥିଲେ। ସେ କୋର୍ଟ ଏବଂ ପୁଲିସକୁ ପ୍ରମାଣ ଦେବା ଲାଗି ଖପୁରୀ ଧରି କୋର୍ଟକୁ ଆସିଥିଲେ।

ଏହି ବ୍ୟକ୍ତି ଅଭିଯୋଗ କରିବା ପରେ ଅନେକ ପୀଡ଼ିତ ସାମ୍ନାକୁ ଆସିଲେଣି। ସୌଜନ୍ୟା (୨୦୧୨), ଅନନ୍ୟା (୨୦୦୩ ମେଡିକାଲ ଛାତ୍ରୀ), ନାରାୟଣ, ଯମୁନା, ବେଦାବଲ୍ଲି, ପଦ୍ମଲତା ଆଦିଙ୍କ ମାମଲାର ସତ୍ୟ ଏ ପର୍ଯ୍ୟନ୍ତ ସାମ୍‌ନାକୁ ଆସିନାହିଁ।

## ବେଙ୍ଗାଲୁରୁ ଦଳାଚକଟାରେ ଆର୍‌ସିବି, କୋହଲିଙ୍କ ଭୂମିକା ରହିଛି

ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି): ଆଇପିଏଲ ବିଜୟ ପରେ ବେଙ୍ଗାଲୁରୁରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ପରେଡରେ ହୋଇଥିବା ଦଳାଚକଟାର ସରକାରୀ ରିପୋର୍ଟ ସାମ୍‌ନାକୁ ଆସିଛି। ଏହି ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ଦୁର୍ଘଟଣା ପାଇଁ ଆରସିବିକୁ ଦାୟୀ କରାଯାଇଛି। ଏଥିରେ କ୍ରିକେଟର ବିରାଟ କୋହଲିଙ୍କ ନାମ ମଧ୍ୟ ରହିଛି। କର୍ଣ୍ଣାଟକ ସରକାର କହିଛନ୍ତି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ ବିଜୟ ପରେଡ୍ ପାଇଁ ଆରସିବି ସରକାରଙ୍କଠାରୁ କୌଣସି ଅନୁମତି ନେଇ ନ ଥିଲା। କିନ୍ତୁ ଖାଲି ଏହାର ସୂଚନା ଦିଆଯାଇଥିଲା। ଆଇନ ଅନୁଯାୟୀ ଏପରି କାର୍ଯ୍ୟକ୍ରମ ପାଇଁ ଅତିକମରେ ସାତ ଦିନ ପୂର୍ବରୁ ଅନୁମତି ନେବାକୁ ପଡେ। କିନ୍ତୁ ଆରସିବି ସରକାରୀ ଅନୁମତି ପାଇଁ ଆବେଦନ କରି ନଥିଲା। କେତେ ଲୋକ ଆସିବେ, ବ୍ୟବସ୍ଥା କିମ୍ବା ସମ୍ଭାବ୍ୟ ସମସ୍ୟା ବିଷୟରେ ପୁଲିସକୁ ଅବଗତ କରାଯାଇ ନଥିଲା। ତେଣୁ ଅନୁମତି ଦିଆଯାଇ ନ ଥିଲା। ବିରାଟ କୋହଲିଙ୍କ ନାମରେ ଲୋକଙ୍କୁ ଡକା



### ରିପୋର୍ଟରେ ସରକାରଙ୍କୁ କ୍ଲିନ୍‌ଚିଟ୍

### ମାଗଣା ପାସ୍ ଯୋଗୁଁ ଅଣାୟତ୍ତ ହୋଇଥିଲା ସ୍ଥିତି

ଯାଇଥିଲା। ମାଗଣା ପାସ୍ ମଧ୍ୟ ବଣ୍ଟା ଯାଇଥିଲା। ଅସମ୍ଭାଳ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ ଜଣ ଆହତ ହୋଇଥିଲେ।

ଏହି ରିପୋର୍ଟରେ କୁହାଯାଇଛି ଯେ ଯଦି କାର୍ଯ୍ୟକ୍ରମକୁ ହଠାତ୍ ବାତିଲ କରାଯାଇଥାନ୍ତା ତେବେ ହିଂସା ସୃଷ୍ଟି ହେବାର ଆଶଙ୍କା ଥିଲା। ସହରରେ ଆଇନ ଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇଥାନ୍ତା। ଗତ ୧୫ ତାରିଖରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା। ଏହି ରିପୋର୍ଟକୁ ଗୋପନୀୟ ରଖିବା ପାଇଁ ସରକାର ଅନୁରୋଧ କରିଥିଲେ। ମାତ୍ର ଏପରି ଗୋପନୀୟତାର କୌଣସି ଆଇନଗତ ଆଧାର ନାହିଁ ବୋଲି ହାଇକୋର୍ଟ କହିଥିଲେ। ସେହିପରି କର୍ଣ୍ଣାଟକ ମନ୍ତ୍ରୀ ଶରଣ ପ୍ରକାଶ ପାଟିଲ କହିଛନ୍ତି ଯେ କୌଣସି ବଡ଼ ଆୟୋଜନ ବିଭାଗର ଦାୟିତ୍ୱ ହୋଇଥାଏ। ନିଶ୍ଚିତ ଭାବେ ଏଠାରେ ଭୁଲ୍ ହୋଇଛି। ଯୁବ ବର୍ଗଙ୍କ ଜୀବନ ଯାଇଛି। ଏହାକୁ ସହଜରେ ନିଆଯିବ ନାହିଁ। ଆମେ କିଛି କାର୍ଯ୍ୟାନୁଷ୍ଠାନ ନେବୁ।

## ସୁନା ଚୋରା ଚାଲାଣ: ରାନ୍ୟାଙ୍କୁ ଏକବର୍ଷ ଜେଲ୍ ଦଣ୍ଡ



ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): କନ୍ନଡ ସିନେମା ଅଭିନେତ୍ରୀ ରାନ୍ୟା ରାଓଙ୍କୁ ସୁନା ଚୋରା ଚାଲାଣ ମାମଲାରେ ଏକ ବର୍ଷର ଜେଲ୍ ଦଣ୍ଡାଦେଶ ଦିଆଯାଇଛି। ବୁଧବାର ଉପଦେଷ୍ଟା କମିଟି ମୁଦ୍ରା ସଂରକ୍ଷଣ ଓ ଚୋରା ଚାଲାଣ ଗତିବିଧିକୁ ରୋକିବା ଅଧିନିୟମ (ସିଓଏଫ୍‌ଇପିଓଏସ୍ଏ) ଅନୁସାରେ ଏହି ଦଣ୍ଡାଦେଶ ଦେଇଛି। ଜେଲ୍‌ରେ ରହିବା ବେଳେ ରନ୍ୟାଙ୍କୁ ଏହି କମିଟି ଜାମିନ ଆବେଦନ ଓ ପାଇବାର ଅଧିକାର ଦେବାକୁ ମନା କରିଛି। ଗତ ମେ ୨୦ରେ ବେଙ୍ଗାଲୁରୁର ଏକ କୋର୍ଟ ରନ୍ୟାଙ୍କ ସହ ଅନ୍ୟ ଅଭିଯୁକ୍ତ ତରୁଣ ରାଜୁଙ୍କୁ ଜାମିନ ଦେଇଥିଲା। ୨ ଲକ୍ଷ ଟଙ୍କାର ବଣ୍ଡରେ କୋର୍ଟ ଏହି ଦୁଇଜଣଙ୍କୁ କେତୋଟି ସର୍ତ୍ତ ସହ ଡିଫଲ୍ଟ ଜାମିନ ଦେଇଥିଲା। ଦୁଇଜଣଙ୍କୁ ଦେଶ ଛାଡି ନଯିବା ପାଇଁ ଓ ଏହି ଅପରାଧ ନ ଦୋହରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲା।

## ଦର୍ଶନଙ୍କ ପାଇଁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ବହୁ ଚର୍ଚ୍ଚିତ ରେଣୁକାସ୍ୱାମୀ ହତ୍ୟାକାଣ୍ଡ ମାମଲାରେ ସୁପ୍ରିମକୋର୍ଟ କର୍ଣ୍ଣାଟକ ହାଇକୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଏହି ମାମଲାର ଅଭିଯୁକ୍ତ କନ୍ନଡ ସିନେମା ଅଭିନେତା ଦର୍ଶନ ଥୁଗୁଦୀପାଙ୍କୁ ହାଇକୋର୍ଟ ଜାମିନ ଦେଇଥିଲେ। ତେବେ ସୁପ୍ରିମକୋର୍ଟ ଜାମିନ ଦେବା ନେଇ ହାଇକୋର୍ଟଙ୍କୁ ପ୍ରଶ୍ନ କରିଛନ୍ତି। ବିଚାରପତି ଜେବି ପର୍ଦ୍ଦିୱାଲା ଓ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟଙ୍କ ଜାମିନ ଦେବା ନିଷ୍ପତ୍ତି ନେଇ ଆଦୌ ସହମତ ନୁହଁନ୍ତି ବୋଲି କହିଛନ୍ତି। ହାଇକୋର୍ଟ ଏହି ମାମଲରେ ଯେଉଁଭଳି ଭାବେ ବିବେକ ପ୍ରୟୋଗ କରିଛନ୍ତି ସେ ନେଇ ଆମେ ସନ୍ତୁଷ୍ଟ ନୁହଁ ବୋଲି ଏହି ଖଣ୍ଡପୀଠ କହିଛି। ଏ ନେଇ ଖଣ୍ଡପୀଠ ଦର୍ଶନଙ୍କ ତରଫରୁ କେସ ଲଢୁଥିବା ବରିଷ୍ଠ ଓକିଲ କପିଲ ଶିବଲଙ୍କୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଥାଉ କି, ଦର୍ଶନଙ୍କ ସମେତ ଅଭିନେତ୍ରୀ ପବିତ୍ରା ଗୌଡା ଓ ଅନ୍ୟ କେତେକ ସାଥି ହୋଇ ୩୩ ବର୍ଷୀୟ ରେଣୁକାସ୍ୱାମୀ ନାମକ ଜଣେ ପ୍ରଶଂସକଙ୍କୁ ଅପହରଣ କରି ହତ୍ୟା କରିଥିଲେ।

## ଅହମଦାବାଦ ବିମାନ ଦୁର୍ଘଟଣା: ପାଇଲଟଙ୍କୁ କାହିଁକି ଦୋଷ ଦେଉଛି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାକୁ ନେଇ ଆମେରିକୀୟ ଖବରକାଗଜ 'ୱାଲ୍ ଷ୍ଟ୍ରିଟ ଜର୍ଣ୍ଣାଲ' (ଡବ୍ଲ୍ୟୁଏସ୍‌ଜେ) ନୂଆ ଦାବି କରିଛି। ଏହି ବିମାନର ପାଇଲଟ ସୁମିତ ସଭରୱାଲ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି କୁହାଯାଇଛି। ଉଭୟ ପାଇଲଟଙ୍କ ମଧ୍ୟରେ ହୋଇଥିଲା ବାର୍ତ୍ତାଳାପର କକ୍‌ପିଟ ରେକର୍ଡିଂରୁ ଏହି ସୂଚନା ମିଳିଛି। ଭଏସ ରେକର୍ଡିଂରୁ ଜଣାପଡ଼ିଛି ଯେ ବୋଇଂ ବିମାନ ଉଡ଼ାଉ ଥିବା କୋ-ପାଇଲଟ କ୍ଲାଇଭ କୁନ୍ଦର ସୁମିତଙ୍କୁ ଆପଣ ଫୁଏଲ ସ୍ୱିଚ୍‌କୁ 'କଟ୍‌ଅଫ୍' ପୋଜିସନ୍‌କୁ କାହିଁକି ଆଣିଥିଲେ? ଏହି ପ୍ରଶ୍ନ କରିବା ସମୟରେ କୋ-ପାଇଲଟ ବିଚଳିତ ହୋଇ ଯାଇଥିଲେ। ତାଙ୍କ ସ୍ୱରରେ ଭୟ ଥିଲା। କିନ୍ତୁ କ୍ୟାପ୍‌ଟେନ୍ ସୁମିତ ଶାନ୍ତ ଥିଲେ ବୋଲି ଡବ୍ଲ୍ୟୁଏସ୍‌ଜେ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାର ଯାଞ୍ଚ ସମ୍ବନ୍ଧିତ ଆମେରିକା ସୂତ୍ରରୁ ଖବରକାଗଜ ଏହି ସୂଚନା ଦେଇଛି। ତେବେ ଭାରତୀୟ ଏଜେନ୍ସି ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ବିମାନ କମ୍ପାନୀ ବୋଇଂକୁ ବଞ୍ଚାଇବା ଲାଗି ବିଦେଶୀ ଗଣମାଧ୍ୟମ ପାଇଲଟ୍‌ଙ୍କ ଉପରେ ଦୋଷ ବୋଳିବାକୁ ଚାହୁଁଛନ୍ତି

### ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଦୋଷ ଲଦାଯାଉଛି: ଏଏଆଇବି

### ଭାରତଠାରୁ ଅଧିକ ସୂଚନା ରଖିଛ କି: ଭାରତୀୟ ବିଶେଷଜ୍ଞ

ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣାର ପାଇଲଟ୍‌ଙ୍କୁ ଦୋଷ ଦେଇ କମ୍ପାନୀଙ୍କୁ ସୁରକ୍ଷା ଦିଆଯାଇଥିବା ନଜିର ରହିଛି। ରିପୋର୍ଟ ଅନୁଯାୟୀ ଏବେ ସୁଦ୍ଧା ସାରା ବିଶ୍ୱରେ



୬ ହଜାରରୁ ଅଧିକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହେଲାଣି। ଏଥିରୁ ୪୧୫ଟି ଭୟଙ୍କର ଦୁର୍ଘଟଣା ଥିଲା। ଏଥିରେ ୯ ହଜାର ଲୋକଙ୍କ ଜୀବନ ଯାଇଛି। ତେଣୁ ବୋଇଂକୁ ଉଡ଼ନ୍ତା ମୃତ୍ୟୁ ବୋଲି କୁହାଯାଏ। ଏପରି ସ୍ଥଳେ ବୋଇଂର ଛବି ଖରାପ ନ କରିବା ପାଇଁ ଡବ୍ଲ୍ୟୁଏସ୍‌ଜେ ଏପରି ରିପୋର୍ଟିଂ କରୁଥିବା କୁହାଯାଉଛି।

ଅନ୍ୟପଟେ ଡବ୍ଲ୍ୟୁଏସ୍‌ଜେର ରିପୋର୍ଟକୁ ଭାରତର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଆଧାରହୀନ କହିଛି। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏବଂ ବିନା ଯାଞ୍ଚ ରିପୋର୍ଟିଂ କରାଯାଇଥିବା କୁହାଯାଇଛି। ଚୂଡ଼ାନ୍ତ ରିପୋର୍ଟ ନ ଆସିବା ପୂର୍ବରୁ ନିଷ୍କର୍ଷରେ ପହଞ୍ଚିବାକୁ ଆମେରିକା ଖବରକାଗଜ ପ୍ରୟାସ କରୁଛି। ତଦନ୍ତ ଜାରି ରହିଥିବାବେଳେ ଏଭଳି ଦାବି କରିବା ଦାୟିତ୍ୱହୀନତାର ପରିଣାମକୁ ଦର୍ଶାଉଛି। ସେହିପରି ଆଭିଏସନ ବିଶେଷଜ୍ଞ ସଞ୍ଜୟ ଲଜାର ଯାଞ୍ଚ ରିପୋର୍ଟ ଲିକ୍ ହେବା ଉପରେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଗଣମାଧ୍ୟମ ଭାରତର ସଂସଦ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଠାରୁ ଅଧିକ ସୂଚନା ରଖିଥିବା ପରି ଲାଗୁଛି। ଏହା ରିପୋର୍ଟ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉଛି। କୌଣସି ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ମାମଲାର ଯାଞ୍ଚ ହେବା ଉଚିତ।

## ଆମନ୍ତ୍ରଣ ପରେ ଫଡ଼୍‌ନାଭୀସଙ୍କୁ ଭେଟିଲେ ଉଦ୍ଧବ

ମୁମ୍ବାଇ, ୧୭।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ପଡ଼ିଛି। ରାଜ୍ୟରେ ନୂଆ ସମୀକରଣ ନେଇ ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଭେଟଘାଟକୁ ନେଇ ଏହି ଚର୍ଚ୍ଚା ଜୋର୍ ଧରିଛି। ଉଭୟ ନେତା ବିଧାନପରିଷଦ ଅଧ୍ୟକ୍ଷ ରାମ ସିନ୍ଦେଙ୍କ କାର୍ଯ୍ୟାଳୟରେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ସମୟରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକରେ ମଧ୍ୟ ଉପସ୍ଥିତ ଥିଲେ। ଏହାର ଦିନକ ତଳେ ବୁଧବାର ମୁଖ୍ୟମନ୍ତ୍ରୀ ଫଡନାଭିସ ଏକ କାର୍ଯ୍ୟକ୍ରମରେ ଉଦ୍ଧବଙ୍କୁ ସରକାରରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେ ଉଦ୍ଧବଙ୍କୁ କହିଥିଲେ ଯେ ୨୦୨୯ ପର୍ଯ୍ୟନ୍ତ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ। କିନ୍ତୁ ଉଦ୍ଧବ କ୍ଷମତାସୀନଙ୍କ ପକ୍ଷକୁ ଆସିପାରିବେ। ଏହା ଉପରେ ମଧ୍ୟ ବିଚାର କରାଯାଇପାରେ। ଚଳିତ ଥର ଆମେ ଅଲଗା ଭାବେ ଚିନ୍ତା କରିବୁ ବୋଲି ଫଡନାଭିସ କହିଥିଲେ। ଏହାର ମାତ୍ର ୨୪ ଘଣ୍ଟା ଭିତରେ ଉଦ୍ଧବ ନିଜ ପୁଅକୁ ଧରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଘଟଣା ଭିନ୍ନ କିଛି ସଙ୍କେତ ଦେଉଛି ବୋଲି

### ବିଜେପି-ଶିବସେନା ଏକାଠି ହେବା ନେଇ ଚର୍ଚ୍ଚା !



କୁହାଯାଉଛି। ଏହି ସମୟରେ ଉଦ୍ଧବ ଫଡନାଭିସଙ୍କୁ ଏକ ପୁସ୍ତକ ଉପହାର ଦେଇଥିଲେ। ଏଥିରେ ଲେଖା ଯାଇଥିଲା ଯେ ହିନ୍ଦୀ ପ୍ରତି କଠୋର କାହିଁକି ଏବଂ ତ୍ରିଭାଷା ଜରୁରୀ କାହିଁକି? ଏବେ ଏହି ଚର୍ଚ୍ଚାକୁ ନେଇ ରାଜନୈତିକ ଅଙ୍କକଷା ଜାରି ରହିଛି। ତେବେ ପୂର୍ବରୁ ବିଜେପି ଉଦ୍ଧବଙ୍କୁ ଧୋକାବାଜ କହିଥିଲା। ଆଉ ତାଙ୍କ ସହ ମେଣ୍ଟ କରାଯିବ ନାହିଁ ବୋଲି କୁହାଯାଇଥିଲା।

୨୦୧୪ ପର୍ଯ୍ୟନ୍ତ ଶିବସେନା-ବିଜେପି ମେଣ୍ଟ ଠିକ୍‌ଠାକ୍ ଚାଲିଥିଲା। ମାତ୍ର ୨୦୧୪ ବିଧାନସଭା ନିର୍ବାଚନରେ ଆସନ ବୁଝାମଣାକୁ ନେଇ ତିକ୍ତତା ସୃଷ୍ଟି ହୋଇଥିଲା। ୨୦୧୯ ବିଧାନସଭା ନିର୍ବାଚନ ଜିତିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ ହେବାରୁ ଦୁଇ ଦଳ ଅଲଗା ହୋଇଥିଲେ। କଂଗ୍ରେସ, ଏନ୍‌ସିପି ସହ ମିଶି ସରକାର ଗଠନ କରି ଉଦ୍ଧବ ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ହନିଟ୍ରାପ୍‌ରେ ଫସିଛନ୍ତି ୭୨ରୁ ଊର୍ଦ୍ଧ୍ୱ ଅଧିକାରୀ: ନାନା ପଟୋଲେ

ମୁମ୍ବଇ, ୧୭।୭(ଏଜେନ୍ସି): ମହାରାଷ୍ଟ୍ର କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାନା ପଟୋଲେ ରାଜ୍ୟ ସରକାରଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସାମ୍ନାକୁ ଆସିଥିବା ହନିଟ୍ରାପ୍ କାଣ୍ଡରେ ରାଜ୍ୟର କେତେଜଣ ମନ୍ତ୍ରୀ, ବରିଷ୍ଠ ଆଇଏଏସ୍ ଓ ଆଇପିଏଲ୍ ଅଧିକାରୀ ଫସିଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ ୭୨ ଜଣ ଏଥିରେ ଫସିଛନ୍ତି। କିନ୍ତୁ ପ୍ରକୃତରେ ଆହୁରି ଅଧିକ ବିଶିଷ୍ଟ ବ୍ୟକ୍ତି ଏଥିରେ ଫସିଛନ୍ତି। ମୋ ପାଖରେ ଥିବା ପେନ୍ ଡ୍ରାଇଭ୍‌ରେ ସବୁ ପ୍ରମାଣ ରହିଛି। ତେବେ ଆମେ କାହାର ବ୍ୟକ୍ତିଗତ ଚରିତ୍ର ସଂହାର କରିବାକୁ ଚାହୁଁନାହୁଁ ଓ ଏଥିପାଇଁ ଏହାକୁ ସାର୍ବଜନୀନ କରୁନାହୁଁ। କିନ୍ତୁ ସରକାର ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ବିରୋଧୀ ଦଳ ଏହାକୁ ସାର୍ବଜନୀନ କରିବାକୁ ବାଧ୍ୟ ହେବ ବୋଲି ସେ ସତର୍କ କରାଇଛନ୍ତି।

## ଭଦ୍ରାଙ୍କ ବିରୋଧରେ ଆରୋପପତ୍ର

ଗୁରୁଗ୍ରାମ୍, ୧୭।୭(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ୍‌ରେ ଲ୍ୟାଣ୍ଡ ଡିଲ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତ୍ରୀ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଆରୋପ ପତ୍ର ଦାଖଲ କରିଛି। ଏହା ଲ୍ୟାଣ୍ଡ ଡିଲ୍ ସହିତ ଜଡିତ ମନି ଲଣ୍ଡ୍ରିଂ ବାବଦରେ ଏହି ଆରୋପ ପତ୍ର ଜାରି କରାଯାଇଛି। ପ୍ରଥମଥର ପାଇଁ କୌଣସି ଯାଞ୍ଚ ଏଜେନ୍ସି କୌଣସି ଅପରାଧ ମାମଲାରେ ରବର୍ଟଙ୍କ ବିରୋଧରେ ଆରୋପ ପତ୍ର ଦାଏର କରିଛି। ଏଥିରେ ଅନ୍ୟ ବ୍ୟକ୍ତିଙ୍କ ସହ କମ୍ପାନୀଗୁଡିକର ନାମ ମଧ୍ୟ ସାମିଲ କରାଯାଇଛି। ୨୦୦୮ରେ ଗୁରୁଗ୍ରାମ୍‌ର ଶିକୋହପୁରରେ ଏହି ଲ୍ୟାଣ୍ଡ ଡିଲ୍ ହୋଇଥିଲା। ଏହି ମାମଲାରେ ସେବେକାର ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ସିଂ ହୁଡା, ରିୟଲ ଇଷ୍ଟେଟ କମ୍ପାନୀ ଡିଏଲ୍‌ଏଫ୍ ଓ ଜଣେ ପ୍ରପର୍ଟି ଡିଲରଙ୍କ ନାମରେ ୨୦୧୮ରେ ମାମଲା ରୁଜୁ କରାଯାଇଥିଲା। ଏହି ଏଫ୍‌ଆଇଆରରେ ଦୁର୍ନୀତି, ଷଡ଼ଯନ୍ତ୍ର, ଠକାମୀ ସହିତ ଅନ୍ୟ ଅଭିଯୋଗ ମଧ୍ୟ ହୋଇଥିଲା। ରବର୍ଟଙ୍କ ସହିତ ଜଡିତ କମ୍ପାନୀ ୭ କୋଟି ଟଙ୍କାରେ ଜମି କିଣି ୫୮ କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି।

## 'ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ଖବର ଠିକ୍ ନୁହେଁ'

ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ପ୍ରଖ୍ୟାତ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ବାସଭବନ ଭଙ୍ଗାଯିବା ନେଇ ଚାଲିଥିବା ଚର୍ଚ୍ଚା ଓ ଖବରକୁ ବାଂଲାଦେଶ ସରକାର ଖଣ୍ଡନ କରିଛନ୍ତି। ମିମେନସିଂ ସହରରେ ସତ୍ୟଜିତଙ୍କ ଘରକୁ ବୁଲଡୋଜର ଦ୍ୱାରା ଭଙ୍ଗାଯାଇଛି ବୋଲି ଗଣମାଧ୍ୟମଗୁଡିକରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଭଙ୍ଗାଯାଇଥିବା ଘର ସହିତ ସତ୍ୟଜିତଙ୍କ ପରିବାରର କୌଣସି ସମ୍ପର୍କ ନାହିଁ ବୋଲି ସରକାର କହିଛନ୍ତି। ଏହି ଘର ଜମିଦାର ଶଶିକାନ୍ତ ଆଚାର୍ଯ୍ୟ ଚୌଧୁରୀଙ୍କ ଥିଲା। ତେବେ ଜମିଦାରୀ ପ୍ରଥା ଉଠିଯିବା ପରେ ଏହି ଘର ସରକାରଙ୍କ ନିୟନ୍ତ୍ରଣକୁ ଆସିଥିଲା ଓ ଏହାକୁ ବାଂଲାଦେଶ ଶିଶୁ ଏକାଡେମୀକୁ ପ୍ରଦାନ କରାଯାଇଥିଲା। ତେବେ ସତ୍ୟଜିତଙ୍କ ବାସଭବନ ବହୁପୂର୍ବରୁ ବିକ୍ରି ହୋଇସାରିଛି ଓ ଏଠାରେ ଏକ ବହୁତଳ କୋଠା ନିର୍ମାଣ କରାଯାଇଛି। ତେବେ ମେମେନସିଂର ହରିକିଶୋର ରୟରୋଡ୍‌ରେ ଥିବା ଘର ସତ୍ୟଜିତ୍‌ଙ୍କ ଅଣଜେଜେ ହରିକିଶୋର ରାଏଙ୍କ ନାମରେ ରହିଥିଲା। ଏହି ଘର ପୂର୍ବରୁ ବିକ୍ରି ହୋଇସାରିଛି ବୋଲି ବାଂଲାଦେଶର ଅନ୍ତରୀଣ ସରକାର କହିଛନ୍ତି।

# ସୁବର୍ଣ୍ଣରେଖାରେ ୪ର୍ଥ ବନ୍ୟା

## ମାସେ ହେଲା ଲୋକେ ଜଳବନ୍ଦୀ, ମିଳୁନି ପିଇବା ପାଣି



ବାଲେଶ୍ୱର(ଉତ୍ତର)/ଭୋଗରାଇ, ୧୭।୭ (ସମିସ): ଉପରମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳଭଣ୍ଡାରରୁ ୧୧ଟି ଦେଇ ଲଗାତାର ବନ୍ୟାଜଳ ନିଷ୍କାସନ କରାଯାଉଥିବାରୁ ସୁବର୍ଣ୍ଣରେଖାର ଜଳସ୍ତର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଫଳରେ ଭୋଗରାଇବାସୀଙ୍କୁ ପୁଣି ଏକ ବନ୍ୟାର ସାମ୍ନା କରିବାକୁ ପଡ଼ିଛି। ଏହାକୁ ମିଶାଇ ଏହା ଚଳିତବର୍ଷର ଚତୁର୍ଥ ବନ୍ୟା। ସନ୍ଧ୍ୟା ସାଢ଼େ

### ଉପମୁଖ୍ୟମନ୍ତ୍ରୀଙ୍କ ରିଲିଫ ଘୋଷଣା ପାଣିର ଗାର

୬ଟା ବେଳକୁ ରାଜଘାଟ ଗେଜ୍‌ଠାରେ ନଦୀର ଜଳସ୍ତର ସତର୍କ ସୂଚନା (୯.୪୫ ମିଟର)ରୁ ଊର୍ଦ୍ଧ୍ୱରେ ୧୦.୧୫ମିଟରେରେ ପ୍ରବାହିତ ହେଉଛି। ଘଣ୍ଟାକୁ ୩ ସେମି ଲେଖାଏଁ ଜଳସ୍ତର ବଢୁଥିବାରୁ ଏହା ସମସ୍ୟାକୁ ନିମନ୍ତ୍ରଣ କରୁଛି। ସେପଟେ, ଉତ୍ତର ବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକ୍‌ରେ ବନ୍ୟାପାଣି ମାଡୁଛି। ବନ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ସେଚ ବିଭାଗ କର୍ମଚାରୀଙ୍କ ତତ୍ପରତା ପ୍ରକାଶ ପାଇଛି।

ଗତ ଜୁନ୍ ୨୦ରୁ ଅଦ୍ୟାବଧି ସୁବର୍ଣ୍ଣରେଖାରେ ୪ଥର ବନ୍ୟା ଆସିଥିବାରୁ ବନ୍ୟା ଅଞ୍ଚଳର ଲୋକଙ୍କ ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଛି। ଗତ ୩ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବନ୍ୟାଞ୍ଚଳ ଅନୁଧ୍ୟାନ କରି ଭୋଗରାଇ ତାଳସାରୀ ଓଟିଡ଼ିସିରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ଅନ୍ୟ ଜନପ୍ରତିନିଧିଙ୍କ ରିଲିଫ୍ ଚାଉଳ ଯୋଗାଣ ଦାବିକୁ ଗୁରୁତ୍ୱ ଦେଇ ୭ଦିନର ରିଲିଫ ଚାଉଳ ଖୁବଶୀଘ୍ର ଯୋଗାଇ ଦେବାକୁ ଶ୍ରୀମତୀ ପରିଡ଼ା ଏହି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ରିଲିଫ ଚାଉଳ ପହଞ୍ଚି ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏକ ମାସ ଧରି ବନ୍ୟା ବିପନ୍ନମାନେ ଜଳ ଯନ୍ତ୍ରଣାରେ କଲବଲ ହେଉଥିବା ବେଳେ ସମସ୍ତ ଉତ୍ସ ପାଣିରେ ବୁଡ଼ି ରହିଥିବାରୁ ଲୋକେ ଟୋପାଏ ଶୁଦ୍ଧ ପାନୀୟ ଜଳନପାଇ ଦୂଷିତ ଜଳ ପିଇବାକୁ ବାଧ ହେଉଛନ୍ତି। ଏହି ପରିସ୍ଥିତିରେ ଉପମୁଖ୍ୟମନ୍ତ୍ରୀ ରିଲିଫ୍ ଘୋଷଣା ପାଣିର ଗାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ରିଲିଫ୍ ଦେବାକୁ କହି ସରକାର ଧୋକା ଦେଇଛନ୍ତି ବୋଲି ବିଧାୟକ ଗୌତମବୁଦ୍ଧ କହିଛନ୍ତି।

## ଲଗାଣ ବର୍ଷାରେ ବେହାଲ ଚାଷୀ

# ଆର୍ଥିକ ମେରୁଦଣ୍ଡକୁ ମାଡ଼

ଭୁବନେଶ୍ୱର, ୧୭।୭(ସମିସ): ଖରିଫ ଧାନ ଅମଳ ପରେ କିଛି ରୋଜଗାର ଆଶାରେ ଚଳିତ ରବିଋତୁରେ ଚାଷୀ ପନିପରିବା ଚାଷ କରିଥିଲା। ଚାଷ ଆରମ୍ଭରୁ ପାଗ ଭଲ ରହିଲା। ଆବଶ୍ୟକ ବର୍ଷା-ଖରା ହେଲା। ଫଳରେ ଭଲ ପରିବା ଉତ୍ପାଦନ ହେବ ବୋଲି ଆଶା ଥିଲା। ହେଲେ ମୌସୁମୀ ଓ ଲଗାଣ ବର୍ଷା ଚାଷୀର ସେ ଆଶାକୁ ମାରିଦେଛି।

ଗତ ମାସେ ହେଲା ଲଗାଣ ବର୍ଷା ହେବା କାରଣରୁ ଜମିରେ ଲାଗିଥିବା ଅମୃତଭଣ୍ଡା, ଭେଣ୍ଡି,କାକୁଡି, ଜହ୍ନି, ଛଚିନ୍ଦ୍ରା, ବାଇଗଣ ଆଦି ବର୍ଷା ପାଣିରେ ପଚିଗଲାଣି।

### ■ ବଢୁଛି ପନିପରିବା ଦର
### ■ ଆହୁରି ଦୁଇ ମାସ କନ୍ଦେଇବ

ବିଶେଷକରି ଅମୃତଭଣ୍ଡା ମୂଳରେ ବର୍ଷା ପାଣି ରହି ଗଛକୁ ନଷ୍ଟ କରୁଛି। ସେହିପରି ବାଇଗଣ ଫସଲ ମଧ୍ୟ ବିଶେଷ ନଷ୍ଟ ହେଉଛି। ବର୍ଷା ଯୋଗୁଁ ପନିପରିବା ଫସଲ ଜମିରୁ ପାଣି ସମ୍ପୂର୍ଣ୍ଣ ନିଷ୍କାସନ ହୋଇ ନ ପାରି ଫସଲ ମୂଳରେ ଜମି ରହୁଛି। ଏଥିସହ ବର୍ଷା ପ୍ରଭାବରେ ଫୁଲରେ ଫଳ ଆସିବା କମି ଯାଇଛି। ମେଘୁଆ ପାଗ ସାଙ୍ଗକୁ ମାଟିରେ ଆର୍ଦ୍ରତା କାରଣରୁ ଫସଲରେ ଅଧିକ ରୋଗପୋକଙ୍କ ଆକ୍ରମଣ ବି ଦାଉ ସାଧିଲାଣି। ଏଥିସହ ଚାଷୀ ବହୁ କମ୍ ପରିମାଣରେ ପରିବା ଅମଳ କରୁଛନ୍ତି। ଏହାର ପ୍ରଭାବ ବଜାର ଉପରେ ପଡୁଛି। ଗ୍ରାହକଙ୍କ ଉପରେ ମହଙ୍ଗା ମାଡ଼ ହେଉଛି। ଆଗରୁ ଯେତିକି ପରିବା ଘରକୁ ନେଉଥିଲେ, ସେତିକି ନ ନେଇ ଅଳ୍ପରେ ସନ୍ତୁଷ୍ଟ ହେବାକୁ ପଡୁଛି ବୋଲି ଖାଉଟିମାନେ କହୁଛନ୍ତି। ରାଜଧାନୀ ଉପକଣ୍ଠ ବାଲିଅନ୍ତା, ବାଲିପାଟଣା, ବାଲକାଟି, ଝିଣ୍ଟି ସମେତ ରାଜ୍ୟର ପ୍ରମୁଖ କଞ୍ଚା ପରିବା ଉତ୍ପାଦନ କରୁଥିବା କଟକ, ବାଙ୍କୀ, ଅନୁଗୋଳ ସମେତ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର ପର୍ଯ୍ୟନ୍ତ ସବୁଆଡେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି।

ଏବେ ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସ ପର୍ଯ୍ୟନ୍ତ ପ୍ରାୟତଃ ସ୍ଥାନୀୟ ପନିପରିବା ବଜାର ଚାହିଦା ମେଣ୍ଟାଇଥା'ନ୍ତି। ପରବର୍ତ୍ତୀ ସମୟରେ କାର୍ତ୍ତିକ ମାସ ବେଳକୁ ବାହାର ପରିବା ଉପରେ ନିର୍ଭର କରିବାକୁ ପଡ଼ିଥାଏ। ମାତ୍ର ଏବେ ବର୍ଷାରେ ଫସଲ ନଷ୍ଟ ହୋଇଯିବାରୁ କଞ୍ଚାପରିବାର ଅଭାବ ଦେଖାଯିବ। ତେଣୁ ଆସନ୍ତା ଦୁଇତିନି ମାସ ପର୍ଯ୍ୟନ୍ତ ପରିବା ଦର ଉଚ୍ଚା ରହିବ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

ଏକ ନମ୍ବର ହାଟର ଗ୍ରାହକ ବିଶ୍ୱରଞ୍ଜନ ବେହେରା କହିଛନ୍ତି, ପରିବା ଫସଲ ପ୍ରଭାବିତ କାରଣରୁ ପରିବା ଚାଷୀମାନେ କ୍ଷତି ସହିବା ସାଙ୍ଗକୁ ବଜାରରେ ମଧ୍ୟ ପରିବା ଦର ବଢୁଛି। ଆମେ ଦରବୃଦ୍ଧିର ଶିକାର ହେଉଛୁ। ପରିବା ଦର ଆମ ପକେଟ ଖାଲି କରିଦେଉଛି। ସ୍ଥିତି ଏମିତି ହୋଇଛି ଯେ ପରିବା ମାର୍କେଟ୍‌ରେ ହାତ ମାରି ହେଉନି। ପରିବା କିଣିଲା ବେଳକୁ ବ୍ୟାଗ୍ ଭର୍ତ୍ତି ହେଉନି ବୋଲି ସେ କହିଛନ୍ତି। ବ୍ୟବସାୟୀ ନକୁଳନାଥ ସାହୁ କହିଛନ୍ତି, ଯେଉଁ ପରିବା ଦର କିଛିଦିନ ପୂର୍ବେ କେଜି ପ୍ରତି ୨୦, ୩୦ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୫୦ରୁ ୬୦ ଟଙ୍କା ହୋଇଛି। ବାଇଗଣ ୬୦ରୁ ୮୦ ଦର ପାର କରିଛି। ଝୁଡ଼ଙ୍ଗ ୬୦, କଲରା ୬୦ଟପିଛି। ଚାଷୀ ନଟବର ଗିରି କହିଛନ୍ତି, ବିଗତ ବର୍ଷ ବି ଏମିତି କ୍ଷତି ହୋଇଥିଲା। ଗଲା ଡିସେମ୍ବର ମାସ ଶେଷ ସପ୍ତାହରେ ଅଦିନିଆ ଲଗାଣ ବର୍ଷା ପରକୁ ଜାନୁଆରୀ ମାସର ପ୍ରଥମ ସପ୍ତାହରେ ଘନ କୁହୁଡି ପିଆଜ, ଫୁଲକୋବି, ବାଇଗଣ, କାକୁଡି ସମେତ ବିଭିନ୍ନ ପନିପରିବା ଚାଷକୁ କ୍ଷତିଗ୍ରସ୍ତ କରିଥିଲା। ତେଣୁ ଦଇବ ଯେଉଁଭଳି ଦାଉ ସାଧୁଛ. ଚାଷ ଆଉ କରିହେବନି ବୋଲି ସେ କହିଛନ୍ତି।

## ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ଚିନ୍ତା

# ହେଲ୍ପଲାଇନ ନମ୍ବର ଜାରି କଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୧୭।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁ ଘଟଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚେତା ପଶିଛି। ଉଚ୍ଚ ଶିକ୍ଷାନୁଷ୍ଠାନ ପରି ବିଦ୍ୟାଳୟରେ ମଧ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ତତ୍ପରତା ପ୍ରକାଶ କରିଛି। କର୍ମ କ୍ଷେତ୍ରରେ ମହିଳାଙ୍କୁ

■ ଆଇସିସି ଗଠନ କରିବାକୁ କଡ଼ା ନିର୍ଦ୍ଦେଶ
■ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଗୁରୁତ୍ୱ
■ ପ୍ରମୁଖ ସ୍ଥାନରେ ଲାଗିବ ସଚେତନତା ପୋଷ୍ଟର

ଯୌନ ନିର୍ଯାତନା ଆଇନ ୨୦୧୩କୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛି। ଏନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯିବା ସହ ୪ଟି ହେଲ୍ପଲାଇନ ନମ୍ବର ଜାରି କରିଛି।

ବିଦ୍ୟାଳୟରେ ମହିଳା କର୍ମଚାରୀ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଓମେନ୍ସ ହେଲ୍ପଲାଇନ- ୧୮୧, ଶିଶୁ ହେଲ୍ପଲାଇନ-୧୦୯୮ ଓ ପୁଲିସ୍ ହେଲ୍ପଲାଇନ୍-୧୧୨କୁ ଯୋଗାଯୋଗ ପାଇଁ କୁହାଯାଇଛି। ସେହିପରି ସମସ୍ତ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଡିଇଓ ଏବଂ ଡିପିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ଲିଙ୍ଗଭିତ୍ତିକ ହିଂସା ଦୂର କରିବା ପାଇଁ ଉଦ୍ଦିଷ୍ଟ ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ, ତୁରନ୍ତ ହେଲ୍ପଲାଇନ ନମ୍ବର ୧୮୦୦୩୪୫୬୭୨୨ ନମ୍ବରରେ ଯୋଗାଯୋଗ କରିପାରିବେ। ସମସ୍ତ ହେଲ୍ପଲାଇନ ନମ୍ବର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରାଯିବ। ଅନ୍ୟଥା ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କୁହାଯାଇଛି।

## ସାଂସଦ ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡି

# ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି

ଭୁବନେଶ୍ୱର,୧୭।୭(ସମିସ): ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଦେଇଥିବା ମନ୍ତବ୍ୟକୁ ବିଜେଡି କଡ଼ା ସମାଲୋଚନା କରିଛି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିବା ସହ ତାଙ୍କୁ ନୈତିକତାର ପାଠ ପଢ଼ାଇଛନ୍ତି। ଶ୍ରୀମତୀ ଛୁରିଆ କହିଛନ୍ତି, ସାଂସଦ ଅପରାଜିତା ଜଣେ ନାରୀ ହୋଇ ଆଉ ଜଣେ ନାରୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ସେ ଆଜି ଦେଇଥିବା ମନ୍ତବ୍ୟ କେବଳ ନିଜ ଦଳର ସରକାରଙ୍କ ପିଠି ଥାପୁଡ଼ାଇବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ମ୍ରିୟମାଣ, ସେତେବେଳେ ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମ୍‌ସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡାମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାର ଥିଲା। ଏବେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ତାଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି। ଶ୍ରୀମତୀ ଛୁରିଆ କହିଥିଲେ, ଅନ୍ୟ ଦଳର ଲୋକ ସୌମ୍ୟାଶ୍ରୀଙ୍କୁ ବିରୋଧ କରି ଟାହିଟାପରା କରୁଥିଲେ। ଯାହା ତାଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟକଲା ବୋଲି ବିଜେପି କହୁଛି। ଏହି ମନ୍ତବ୍ୟ କେବଳ ରାଜନୀତି ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ବିଜେପି ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଆଯାଉ। ମାତ୍ର ଅନ୍ୟ ଉପରେ ଦୋଷ ଲଦି ଜନମାନସକୁ ବିଭ୍ରାନ୍ତ କରା ନ ଯାଉ। ଆରମ୍ଭରୁ ପୀଡ଼ିତାଙ୍କ ଏତଲା ଗ୍ରହଣ କରି କ'ଣ ପାଇଁ ପୁଲିସ ମାମଲା ରୁଜୁ କଲା ନାହିଁ। ସେତେବେଳେ ଶାସକ ଦଳର କେଉଁ ନେତା ପୁଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ଅଛି ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଛାତ୍ରୀଙ୍କ ମୃତ୍ୟୁ ପରେ ଅପରାଜିତା ଶୂନ୍ୟସହନଶୀଳତା କଥା କହୁଛନ୍ତି। କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ବାର ଦୁଆର ବୁଲୁଥିଲା, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ



ନିଦ୍ରାରେ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡିତା ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏ ଘଟଣାରେ କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଯେତିକି ଦାୟୀ, ଯେଉଁମାନେ ଛାତ୍ରୀଙ୍କର ଅଭିଯୋଗକୁ ଅଣଦେଖା କରିଛନ୍ତି, ସେମାନେ ମଧ୍ୟ ସମପରିମାଣରେ ଦାୟୀ। ସାଂସଦ ଅପରାଜିତା ସେହିଦିଗ ପ୍ରତି ନିରବ କାହିଁକି ବୋଲି ବେଜେଡି ପ୍ରଶ୍ନ କରିଛି।

ସେହିପରି ଡଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ରାଜ୍ୟରେ ମହିଳାଙ୍କ ସମ୍ମାନ ବୃଦ୍ଧି କ୍ଷେତ୍ରରେ ଓ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା।

■ ଛାତ୍ରୀଙ୍କ ମୃତ୍ୟୁ ପୂର୍ବରୁ ସରକାରଙ୍କ ଶୂନ୍ୟସହନଶୀଳତା କେଉଁଠି ଥିଲା
■ ଅନ୍ୟକୁ ଆକ୍ଷେପ ଛାଡ଼ି ପୀଡ଼ିତାଙ୍କୁ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ

ଯେଉଁଥିପାଇଁ ଓଡ଼ିଶାର ଜନସାଧାରଣ ନବୀନଙ୍କୁ ପାଞ୍ଚ ପାଞ୍ଚ ଥର ଆଶୀର୍ବାଦ କରିଥିଲେ। ସାଂସଦ ଅପରାଜିତା ନବୀନ ପଟ୍ଟନାୟକଙ୍କ ଉପରେ ମନ୍ତବ୍ୟ ଦେବା ପୂର୍ବରୁ ନିଜ ଆଡ଼କୁ ଟିକେ ଦେଖନ୍ତୁ। ସାଂସଦ ଭାବେ ତାଙ୍କ ଉପଲବ୍ଧି କଣ ରହିଛି? କେବଳ ଏକ ଫୁଟ୍ ଓଭରବ୍ରିଜ ବ୍ୟତୀତ ଆଉ ବିଶେଷ କିଛି ନାହିଁ। ତେଣୁ ସେ ଅନ୍ୟକୁ ଆକ୍ଷେପ କରିବା ଛାଡ଼ନ୍ତୁ। ଜଣେ ନାରୀ ନେତ୍ରୀ ହିସାବରେ ପୀଡିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଡଃ ମଲ୍ଲିକ କହିଛନ୍ତି। ସୂଚନା ଥାଉ କି ଗୁରୁବାର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ବିଜେଡିକୁ ପ୍ରତିଆକ୍ଷେପ କରିବା ସହ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଛନ୍ତି।

# ନିଆଁରେ ପୋଡ଼ି ହୋଇ ମହିଳା ଗୁରୁତର

ବାଲେଶ୍ୱର, ୧୭।୭ (ସମିସ): ସହଦେବଖୁଣ୍ଟା ଥାନା ଏଡିଏମ୍ ଛକ ଅଞ୍ଚଳରେ ଆଜି ଜଣେ ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ସ୍ୱାମୀ ମଧ ଆହତ ହୋଇଛନ୍ତି। ଆହତ ଦମ୍ପତି ହେଲେ, ବିଦ୍ୟୁଲତା ଜେନା(୫୬) ଏବଂ ସ୍ୱାମୀ ରବୀନ୍ଦ୍ର ଜେନା (୬୨)। ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୧ଟାରେ ଏହି ଅଘଟଣ ଘଟିଛି। ତେବେ ବିଦ୍ୟୁଲତାଙ୍କ ଦେହରେ କେମିତି ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। ସୂଚନାନୁଯାୟୀ, ବିଦୁଲତା ଘରେ ଥିବା ବେଳେ ତାଙ୍କ ଦେହରେ ନିଆଁ ଲାଗିଥିବା ଦେଖି ରବୀନ୍ଦ୍ର ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ମହିଳାଙ୍କ ଶରୀରର ୭୦% ଜଳିଯାଇଥିବା ବରିଷ୍ଠ ସର୍ଜରୀ ବିଶେଷଜ୍ଞ ଡା. ରଞ୍ଜନ କୁମାର ନାୟକ କହିଛନ୍ତି।

## ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା

# ଜ୍ୟୋତିପ୍ରକାଶଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

କଟକ,୧୭।୭(ସମିସ): ଏସ୍‌ସିବି ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସାଧୀନ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି। ପ୍ରାୟ ୩ ଘଣ୍ଟା ଧରି କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଆଜି ବର୍ଣ୍ଣ ୟୁନିଟରେ ରହିଥିଲେ। ଅପରାହ୍ନ ୧ଟାରେ ବଡ଼ ମେଡ଼ିକାଲରେ ପହଞ୍ଚି ୪ଟାରେ ଫେରିଥିଲେ। ସମ୍ପୃକ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେବା ସମୟରେ ଜ୍ୟୋତିପ୍ରକାଶ ସେଠାରେ ଉପସ୍ଥିତ ଥିଲେ। ଏପରିକି, ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ି ହୋଇଛି। ସୌମ୍ୟାଶ୍ରୀ ଦେହରେ ନିଆଁ ଲଗାଇବା ପୂର୍ବରୁ ଜ୍ୟୋତିପ୍ରକାଶ ସେଠାରେ ଛିଡ଼ା ହୋଇ ଭିଡିଓ ଉତ୍ତୋଳନ କରୁଥିବା ମଧ ସିସି କ୍ୟାମେରା ଫୁଟେଜରୁ ସ୍ପଷ୍ଟ ହୋଇଛି। ପ୍ରାଧ୍ୟାପକଙ୍କଠାରୁ ନିର୍ଯାତନା ପାଇବାରୁ ଆରମ୍ଭ କରି ବାରମ୍ବାର ନ୍ୟାୟ ଭିକ୍ଷା କରି ବିଫଳ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ସୌମ୍ୟାଶ୍ରୀଙ୍କ ବାବଦରେ ବିଭିନ୍ନ ତଥ୍ୟ ଯୋଗାଡ଼ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରିଥିବା କୁହାଯାଇଛି।

ପ୍ରକାଶଯୋଗ୍ୟ, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଘଟଣା ଦିନ ସେ ସୌମ୍ୟାଶ୍ରୀଙ୍କୁ ରକ୍ଷା କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲେ। ଏଥିରେ ତାଙ୍କର ଦୁଇଟି ହାତ, ବାହୁ ଓ ମୁହଁ ପୋଡ଼ିଛି। ତାଙ୍କର ଶ୍ୱାସନଳୀ ମଧ୍ୟ ସାମାନ୍ୟ ପୋଡି ହୋଇଛି। ସ୍ପାଇରୋମିଟ୍ରି ଏକ୍ସରସାଇଜ୍ କରାଯାଉଥିବା ବେଳେ ହାତର ସ୍କିନ ଗ୍ରାଫଟିଂ ହେବ ବୋଲି ଏସ୍‌ସିବି ଡାକ୍ତର କହିଛନ୍ତି। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଜ୍ୟୋତିପ୍ରକାଶଙ୍କ ଚିକିତ୍ସା କରୁଛି।

## ଜାମଦାରେ ବିଚିତ୍ର ଶିକ୍ଷାନୀତି

# ଛାତ୍ରୀଙ୍କୁ ବିଲରେ ଖଟାଇଲେ ଶିକ୍ଷୟିତ୍ରୀ

ରାଇରଙ୍ଗପୁର,୧୭।୭(ସମିସ): ପ୍ରଧାନମନ୍ତ୍ରୀଙ୍କ 'ବେଟି ପଢ଼ାଅ, ବେଟି ବଚାଓ' ନାରା ଏବେ ପ୍ରହସନ ପାଲଟିଛି। ଜଣେ ଶିକ୍ଷୟିତ୍ରୀ ସ୍କୁଲ ଛାତ୍ରୀଙ୍କୁ ମୂଲିଆ ସଜାଇ ବିଲରେ ଧାନରୁଆ କାମରେ ନିୟୋଜିତ କରାଇବା ଭଳି ଏକ ଅଭାବନୀୟ ଘଟଣା ତାଳଗାଁ ପଞ୍ଚାୟତର କାଣ୍ଡସର ହାଇସ୍କୁଲରେ ଦେଖିବାକୁ ମିଳିଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ସହଯୋଗ ମଧ କରୁଛନ୍ତି। ଏହି

### ଉଦ୍ଧାର କଲେ ବିଇଓ

ଖବର ପ୍ରଘଟ ହେବା ପରେ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାନୁସାରେ, ଜାମଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଏହି ହାଇସ୍କୁଲ ଅଧୀନ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି ଆବାସିକ ବାଳିକା ହଷ୍ଟେଲରେ ବାଳିକାଙ୍କ ନିମନ୍ତେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ରହିଛି। ଏହାର ସୁପରିଣ୍ଟେଣ୍ଡେଣ୍ଟ ତଥା କାଣ୍ଡସର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ନାଏକ ଦାୟିତ୍ୱରେ ଅଛନ୍ତି। ସେହି ସ୍କୁଲର ପ୍ରାଥମିକ ସେକସନରେ ଦୁବଲତା ବେହେରା ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ। ହେଲେ ଶିକ୍ଷୟିତ୍ରୀଜଣଙ୍କ ପ୍ରଧାନଶିକ୍ଷକଙ୍କୁ ଫୁସୁଲାଫୁସୁଲି କରି ବୁଧବାର ଷଷ୍ଠ, ଅଷ୍ଟମ ଏବଂ ନବମ ଶ୍ରେଣୀର ୩ ନାବାଳିକା ଆଦିବାସୀ ଛାତ୍ରୀଙ୍କୁ ତାଙ୍କ ଗ୍ରାମ ରାଇରଙ୍ଗପୁର ଥାନା ଅନ୍ତର୍ଗତ ଡାହାଣୀମରା ଗ୍ରାମକୁ ନେଇ ଘରେ ରଖିଥିଲେ। ଗୁରୁବାର ଓଡ଼ିଶା ବନ୍ଦରେ ସ୍କୁଲ ଛୁଟି ରହିଥିବାରୁ ଉକ୍ତ ଛାତ୍ରୀଙ୍କୁ ବିଲରେ ଧାନରୁଆ କାମରେ ନିୟୋଜିତ କରାଇଥିଲେ। ଖବର ପାଇ ଜାମଦା ବିଇଓ ଅଭିରାମ ନାଏକ, ଏବିଇଓ ପ୍ରତାପ ନାଏକ, ସିଆରସିସି ହରିପଦ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ୩ ଛାତ୍ରୀଙ୍କୁ ବିଲରୁ



ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକ ଏବଂ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

କାହା ଚାପରେ ପିଲାମାନେ ଶିକ୍ଷୟିତ୍ରୀଙ୍କ ଗାଁକୁ ଯାଇ ବିଲରେ କାମ କଲେ ତାହା ତଦନ୍ତ ସାପେକ୍ଷ। ପିଲାମାନେ ନିଜ ଖୁସିରେ ଦିଦିଙ୍କ ସହ ଯାଇଥିଲେ ନା ଚାପରେ ଯାଇଥିଲେ; ଏହାର ତଦନ୍ତ ପାଇଁ ଦାବି ହୋଇଛି।

## ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ୍ ୨୦୨୪-୨୫

# ଦେଶରେ ଦ୍ୱିତୀୟ ସ୍ଥାନରେ ଆସ୍କା, ଚିକିଟି

ଭୁବନେଶ୍ୱର, ୧୭।୭ (ସମିସ): ବର୍ଷ ୨୦୨୪-୨୫ ପାଇଁ ଜାତୀୟସ୍ତରରେ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କିଙ୍ଗ ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ଆସ୍କା ଓ ଚିକିଟି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରାଜଧାନୀ ଭୁବନେଶ୍ୱର ୯ମ, ରାଉରକେଲା ୧୫ତମ ଓ କଟକ ୩୦ତମ ସ୍ଥାନ ଅକ୍ତିଆର କରିଛି। ସେହିପରି, ସ୍ୱଚ୍ଛ ସର୍ବେକ୍ଷଣରେ ରାଜ୍ୟରେ ଆସ୍କା ପ୍ରଥମ ସ୍ଥାନରେ ରହିଛି।

### ନବମ ସ୍ଥାନରେ ଭୁବନେଶ୍ୱର, ୧୫ତମ ସ୍ଥାନରେ ରାଉରକେଲା

ଭୁବନେଶ୍ୱରକୁ ୩ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ଶ୍ରେଣୀରେ ଏହି ରାଙ୍କ୍ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ରୀୟ ଗୃହ ଏବଂ ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରକୁ ଏଥିପାଇଁ ମନ୍ତ୍ରଣାଳୟ ସ୍ତରୀୟ ପୁରସ୍କାର- ପ୍ରମିଜିଂ ସ୍ୱଚ୍ଛ ସହର ରାଜ୍ୟ /କେନ୍ଦ୍ରଶାସିତ ଅଞ୍ଚଳ ଭାବେ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ରାଙ୍କିଙ୍ଗ୍‌ରେ ଆସ୍କା ଏନ୍‌ଏସି ଶ୍ରେଷ୍ଠ ପ୍ରଦର୍ଶନ କରି ୧ନମ୍ବର ସ୍ଥାନ ହାସଲ କରିଥିଲା କେନ୍ଦ୍ରୀୟ ରାଙ୍କିଙ୍ଗ୍‌ରେ ୨ନମ୍ବର ସ୍ଥାନ ପାଇ ରାଷ୍ଟ୍ରପତି ପୁରସ୍କାର ପାଇଛି। ରାଉଲକେଲା ୧୫ ନମ୍ବର ସ୍ଥାନରେ ରହିଥିଲା ବେଳେ କଟକ ୩୦ତମ ସ୍ଥାନରେ ରହିଛି।



ଭୁବନେଶ୍ୱରକୁ ସ୍ୱଚ୍ଛ ସର୍ବେକ୍ଷଣ ରାଙ୍କି ୨୦୨୪-୨୫ରେ ୧୦୫୪୮ ନମ୍ବର ନିଆଯାଇଛି। ଏଣୁ ରାଜ୍ୟ ସମସ୍ତ ସହର ମଧ୍ୟରେ ରାଙ୍କିରେ ୨ନମ୍ବର ସ୍ଥାନରେ ରହିଛି। ଗାର୍ବେଜ୍ ଫ୍ରି' ସିଟିରେ ୩ଷ୍ଟାର୍ ଦିଆଯାଇଛି। ଘଟଣାସ୍ଥଳରେ ଅଳିଆ ପୃଥକୀକରଣ ପାଇଁ ୭୮ପ୍ରତିଶତ ନମ୍ବର ଦିଆଯାଇଛି। ସେହିପରି ଓଡିଏଫ୍ ଷ୍ଟାଟସ୍ ୱାଟର+ ରହିଥିଲା ବେଳେ ପ୍ରକ୍ରିୟାକରଣରେ ୯୮ ପ୍ରତିଶତ ଏବଂ ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହରେ ୯୭ ପ୍ରତିଶତ ରହିଛି।

ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ନଗର ଉନ୍ନୟନ ବିଭାଗର ସଚିବ ଉଷା ପାଢ଼ୀ ଏବଂ ବିଏମସି କମିସନର ରାଜେଶ ପ୍ରଭାକର ପାଟିଲ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭୁବନେଶ୍ୱର ବ୍ୟତୀତ, ଗଞ୍ଜାମ ଜିଲ୍ଲାର ଆସ୍କା ଏବଂ ଚିକିଟି ଏନଏସିକୁ ମଧ୍ୟ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା। ଆସ୍କା ଏନଏସି ୨୦,୦୦୦ରୁ ୫୦,୦୦୦ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛତା ପୁରସ୍କାର ପାଇଛି। ରାଙ୍କିଙ୍ଗ୍‌ରେ ୧୦୭୭୨ ନମ୍ବର ରଖି ରାଜ୍ୟର ସମସ୍ତ ସହର ତୁଳନାରେ ଭଲ ପ୍ରଦର୍ଶନ କରି ୧ ନମ୍ବର ସ୍ଥାନ ଅକ୍ତିଆର କରିଥିଲା ବେଳେ ଦେଶରେ ୨ନମ୍ବର ସ୍ଥାନରେ ରହିଛି। ସେହିପରି ଚିକିଟି ଏନ୍‌ଏସି ୨୦,୦୦୦ରୁ କମ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛ ସହର ପୁରସ୍କାର ପାଇଛି। ବିଏମସି କର୍ତ୍ତୃପକ୍ଷ ରାଜଧାନୀ ନଗରୀର ଲୋକମାନଙ୍କୁ ସେମାନଙ୍କ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ କରିଥିବା ପ୍ରୟାସ ବଦଳରେ ଧନ୍ୟବାଦ ଜଣାଇଛନ୍ତି।

## ଦୁଇ ଛାତ୍ରଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

# ପ୍ରଧାନ ଶିକ୍ଷକଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା

**କୁଆଁମରା, ୧୭।୭(ସମିସ)**

ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକ କୁଆଁମରା ନୂତନ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକ ଦଶମ ଶ୍ରେଣୀର ଦୁଇ ଜଣ ଛାତ୍ରଙ୍କୁ ନିର୍ଯାତନା ଦେଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରି ଏକ ମାମଲା ରୁଜୁ କରିଛି। ଚିଲିମା ଗ୍ରାମର ଜ୍ୟୋତିଶଙ୍କର ମହାନ୍ତି ଓ ମୃତ୍ୟୁଞ୍ଜୟ ବଳିଆର ସିଂହଙ୍କ ପୁଅ ଦଶମ ଶ୍ରେଣୀରେ ଅଧ୍ୟୟନ କରନ୍ତି। କିଛି ଦିନ ହେବ ଦୁଇଛାତ୍ରଙ୍କୁ ଆକ୍ରୋଶ ମୂଳକ ଭାବେ ମାଡମାରିବା, ଉଠାବସା କରିବା, ଅନ୍ୟ ଛାତ୍ରଙ୍କ ଆଗରେ ଆକ୍ଷେପ କରିବା, ଛୋଟ ଛୋଟ କଥାକୁ ନେଇ ଗାଳିଗୁଲଜ କରି ଆସୁଥିଲେ ପ୍ରଧାନଶିକ୍ଷକ ଶିଶିର କୁମାର ପାତ୍ର ଓ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ। ହେଲେ କ୍ରମେ ନିର୍ଯାତନା ବଢ଼ିବାରୁ ଦୁଇ ଛାତ୍ର ନିଜର ଅଭିଭାବକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ଏବଂ ସ୍କୁଲ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ପରେ ଦୁଇ ଅଭିଭାବକ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିବାରୁ ସନ୍ତୋଷ ଜନକ ଉତ୍ତର ମିଳି ନ ଥିଲା। ଫଳରେ ଉଭୟ ଆଇନର ଆଶ୍ରୟ ନେବାକୁ ବାଧ ହୋଇଥିଲେ ବୋଲି କହିଛନ୍ତି। ତବେ ପ୍ରଧାନ ଶିକ୍ଷକ ଏହି ଘଟଣାକୁ ନେଇ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନତ କୁମାର ଗନ୍ତାୟତ ଓ ସମ୍ପାଦକ ସସ୍ମିତା ମହାପାତ୍ରଙ୍କୁ ଡାକି ଆଲୋଚନା କରିଥିଲେ। ସଭାପତି ଓ ସମ୍ପାଦକ ଏହି ଘଟଣାକୁ ସମାଧାନ କରିବା ପରିବର୍ତ୍ତେ ଶ୍ରେଣୀ ଗୃହ ମଧ୍ୟକୁ ଯାଇ ସମସ୍ତ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ସମ୍ପୃକ୍ତ ଦୁଇ ଛାତ୍ରଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଫଳରେ ଉକ୍ତ ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେବା ସହ ଉତ୍ତେଜନା ଦେଖାଦେଇଥିଲା। ଉଭୟ ଶିକ୍ଷକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। କୁଆଁମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଉଭୟ ଶିକ୍ଷକ ଓ ଅଭିଭାବକଙ୍କୁ ନେଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଫଳ ମିଳିନଥିଲା। ପରେ ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ର, ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ପରିଚାଳନା କମିଟିର ସଭାପତି ସନତ କୁମାର ଗନ୍ତାୟତ ଓ ସମ୍ପାଦକ ସସ୍ମିତା ମହାପାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏ ନେଇ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ନାହିଁ। ଜାଣିଶୁଣି ମୋତେ ଫସାଇ ଦେବା ନିମନ୍ତେ ଉଦ୍ୟମ ହେଉଛି ବୋଲି କହିଛନ୍ତି।

# କୃଷି ଉଦ୍ୟମୀ ତାଲିମ ଶିବିର ଉଦ୍‌ଯାପିତ



**ବାରିପଦା, ୧୭।୭(ସମିସ):** ବ୍ୟାଙ୍କ ଅଫ ଇଣ୍ଡିଆ, ଆରଏସଟିରେ ଏକ କୃଷି ଉଦ୍ୟମୀ ତାଲିମ ଶିବିର ୧୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୫ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ସମସ୍ତ ପ୍ରକାର ଚାଷ, ରୋଗ ପୋକ ପରିଚାଳନା, ମିଶ୍ରିତ ଚାଷ, କୁକୁଡ଼ା, ବତକ, ଛେଳି, ଗାଈ, ମାଛ, ଛତୁ, ମହୁ, ଫୁଲ ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତ ପ୍ରଣାଳୀ ଓ ଜିଆ ଖତ ପ୍ରସ୍ତୁତି ଉଭୟ ଥିଓରୀ ଓ ପ୍ରାକ୍ଟିକଲରେ ପଢ଼ାଯାଇଥିଲା। ବ୍ୟାଙ୍କ ସହାୟତା, ବିଭିନ୍ନ ଚାଷର ଯୋଜନାରେ ରିହାତି, ବୀମା, ଭଲ ଉଦ୍ୟୋଗୀ କିପରି ହୋଇପାରିବେ, ବଜାର ବ୍ୟବସ୍ଥା ଇତ୍ୟାଦିର ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଶରତ କୁମାର ମିଶ୍ର ଓ ହେମନ୍ତ ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପ୍ରଶିକ୍ଷକ ଶିଶିର କୁମାର ମହାନ୍ତ, ଫାକଲ୍ଟି ଅନ୍ତର୍ଯ୍ୟାମୀ ମହାନ୍ତ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶେଷରେ ସମସ୍ତ ଶିବିରାର୍ଥୀଙ୍କୁ ବ୍ୟାଙ୍କ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବାରିପଦା, ୧୭।୭(ସମିସ):** ଜମ୍ବୀରାଡିହା ଛକ ନିକଟରେ ଏକ ଦ୍ରୁତଗାମୀ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଚନ୍ଦାବିଲା ଅଞ୍ଚଳର ରୁହିୟା ମାର୍ଣ୍ଡି(୨୩)। ସେ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସିନେ ନିର୍ଦ୍ଦେଶକଙ୍କ ପତ୍ନୀଙ୍କଠାରୁ ହାର ଲୁଟ୍

**ବାରିପଦା:** କିଛି ଦିନର ବ୍ୟବଧାନ ପରେ ବାରିପଦା ସହରରେ ପୁଣି ଛିନତାଇ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ସିନେ ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକଙ୍କ ପତ୍ନୀଙ୍କଠାରୁ ସୁନାହାର ଛିନତାଇ କରିଛନ୍ତି। ଏନେଇ ପୁରୁଣାହାଟସାହି ଅଞ୍ଚଳର କାବେରୀ ଦାସପଟ୍ଟନାୟକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ କଲ୍ୟାଣ ମଣ୍ଡପରୁ ଘରକୁ ଫେରୁଥିବା ବେଳେ ପାଲବଣି ଜାତୀୟ ରାଜପଥରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପରେ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ସହାୟତାରେ ଯାଞ୍ଚ କରିଥିଲେ। ଖବର ପାଇ ସିଭିଲ ଟିମ ଛାନଭିନ ଆରମ୍ଭ କରିଛି।

## ମୋରମ ଟ୍ରାକ୍ଟର ଜବତ; ଚାଳକ ଗିରଫ

**ବାରିପଦା:** ବେଆଇନ ଭାବେ ମୋରମ ଚୋରା ଚାଲାଣ ବେଳେ ବାରିପଦା ସଦର ଥାନା ପୁଲିସ ଦ୍ୱାରା ମୋରମ ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଇଟାମୁଣ୍ଡିଆ ଗ୍ରାମର ଦୀନବନ୍ଧୁ ନାଏକ(୨୮)। ପୁଲିସ ପକ୍ଷରୁ ଗୌଡ଼ଡିହା ଛକ ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଟିପିଏନ୍‌ଓଡିଏଲ୍ ସୁପରଭାଇଜରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେତନଟୀ, ୧୭।୭(ସମିସ):** ବେତନଟୀ ଟାଟା ପାୱାର ଷ୍ଟୋର ସୁପରଭାଇଜରଙ୍କ ବୁଧବାର ରାତିରେ ଏକ ବନ୍ଦ ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବନ୍ତଳା ଉପକଣ୍ଠ ଉପୁଲା ଅଞ୍ଚଳର ରଞ୍ଜନ ମଲ୍ଲିକଙ୍କ ପୁତ୍ର ଶଶାଙ୍କ ଶେଖର ମଲ୍ଲିକ (୩୦)। ସେ ଅଢେଇ ବର୍ଷ ହେବ ଟାଟା ପାୱାରରେ ଷ୍ଟୋର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅପରାହ୍ନରେ କାର୍ଯ୍ୟ ସାରି ବେତନଟୀ ଭଡାଘରକୁ ଫେରିଥିଲେ। ସହକର୍ମୀମାନେ ତାଙ୍କୁ ବାରମ୍ବାର ଫୋନ କରିଥିଲେ; କିନ୍ତୁ ସେ ଫୋନ ଉଠାଇ ନ ଥିଲେ। ପରେ ସେମାନେ ତାଙ୍କ ଭଡାଘରର କବାଟ ବାଡେଇଥିଲେ। ଦୀର୍ଘ ସମୟ ଧରି କବାଟ ନ ଖୋଲିବାରୁ ସ୍କାଏଲାଇଟ ଉପରେ ଚଢି ଦେଖିଲା ବେଳକୁ ତାଙ୍କର ମୃତଦେହ ଝୁଲୁଛି। ପରେ ଘରମାଲିକ ଓ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲେ। ସେ ସିଲିଂ ଫ୍ୟାନରେ ଲୁଙ୍ଗି ବାନ୍ଧି ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ଅନୁମାନ କରାଯାଉଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ଠାକୁରମୁଣ୍ଡା/ମହୁଲଡିହା, ୧୭।୭(ସମିସ):** ମହୁଲଡିହା ଥାନା ଜରକ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଣପୋଷି ଗ୍ରାମର ଚାଷୀ ଟୁଲୁ ପମ୍ପ ସାହାଯ୍ୟରେ ତଳି କିଆରୀରେ ପାଣି ମଡାଇବା ବେଳେ ବିଦ୍ୟୁତ୍ ଆଘାତରେ ଆଜି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବରଙ୍ଗା ହୋ (୩୫)। ସେ ଧାନ ବିଲକୁ ଟୁଲୁ ପମ୍ପ ସାହାଯ୍ୟରେ ତଳିରେ ପାଣି ମଡାଇବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ତ୍ରୀ ଚାନ୍ଦୁ ହୋ ଏବଂ ଗ୍ରାମବାସୀ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଏସଆଇ ସଞ୍ଜୟ କୁମାର ନାଏକ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

# ମଞ୍ଚସ୍ଥ ହେଲା ନାଟକ 'ହେ ମଣିମା'



**ବାରିପଦା, ୧୭।୭(ସମିସ):** ବାରିପଦା ସହିଦ ସ୍ମୃତି ଭବନରେ ନୂତନ ନାଟ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ 'ହେ ମଣିମା' ନାଟକ ମଞ୍ଚସ୍ଥ ହୋଇଛି। ଏହି ଦୁଇ ଦିନିଆ ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଚ୍ଛାୟତ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଗୋକୁଳ ଚନ୍ଦ୍ର ଦାସଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ 'ହେ ମଣିମା'ରେ ସହ ନିର୍ଦ୍ଦେଶନା ଦେଇଥିଲେ ଅଭିନେତା ରାଜେନ୍ଦ୍ର ସାହୁ। କୋଟି ଓଡ଼ିଆଙ୍କ ମଉଡମଣୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଅଭିମାନ ଆପତ୍ତି ଅଭିଯୋଗ କରି କିଭଳି ଭକ୍ତଟିଏ କାଣିଚାଏ କୃପା ପାଇ କୃତାର୍ଥ ହୋଇଯାଏ ତାହା ଦର୍ଶକଙ୍କୁ ବେଶ ମନ ମୋହିଛି ଓ ନାଟକର ବିଭିନ୍ନ ଚରିତ୍ରରେ ନାଟ୍ୟକାର ଗୋକୁଳ ଚନ୍ଦ୍ର ଦାସ, ରାଜେନ୍ଦ୍ର ସାହୁ, ଦୀପଙ୍କର ମିଶ୍ର, ସୁବ୍ରତ ବାରିକ, ଶୁଭଶ୍ରୀ ଦାସ, ଶୁଭଶ୍ରୀ ବାଗ୍ ଏବଂ ଶିଶୁକଳାକାର ଭାବେ ଚନ୍ଦ୍ରକାନ୍ତ ଦାସ ଅଭିନୟ କରିଥିଲେ। ଆହେ ନୀଳଶୈଳ ଗୀତରେ ନାଟକ ପ୍ରାରମ୍ଭରେ ନୃତ୍ୟ ଶିଳ୍ପୀ ହିମାଦ୍ରିତନୟା ଚୌଧୁରୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ରାଜସିନୀ ମହାନ୍ତ, ଚିନ୍ମୟ ବାରିକ ଓ ହିମାଦ୍ରୀ ତନୟା ନାଟକରେ ନୃତ୍ୟ ପରିବେଷଣ କରିଥିଲେ। ସୁମନ୍ତ ପୃଷ୍ଟି, ପଲ୍ଲିନା ସରଘରିଆ ଏବଂ ଶୁଭମ୍ ମାଇତି ସଙ୍ଗୀତ ପରିବେଷଣ କରିଥିବାବେଳେ ବାଦ୍ୟଯନ୍ତ୍ରରେ ସୁମନ୍ତ ପୃଷ୍ଟି ଓ ବିଭୂତି ଭୂଷଣ ବେହେରା, ରୂପସଜ୍ଜାରେ ଦିଲ୍ଲୀପ ଆଇଚ ଏବଂ ଶବ୍ଦ ଓ ଆଲୋକରେ ସଞ୍ଜୟ କୁମାର ନାୟକ ସହାୟତା କରିଥିଲେ। ସତ୍ୟାନନ୍ଦ ସେଜପଡ଼ା ଓ ପ୍ରଦୀପ ସରଘରିଆ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଅତିଥିରୂପେ ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସାମ୍ବାଦିକ ସଞ୍ଜୟ ଚୌଧୁରୀ ସଭାପତିତ୍ୱ କରିଥିଲେ।

## ତୀର୍ଥଯାତ୍ରାରେ ଯିବେ ୩୯୮ ବରିଷ୍ଠ ନାଗରିକ

# ବୁଲିବେ ଅଯୋଧ୍ୟା, ବାରଣାସୀ, ରମେଶ୍ୱରମ୍, ମଦୁରାଇ

**ବାରିପଦା, ୧୭।୭(ସମିସ):** ରାଜ୍ୟର ବରିଷ୍ଠ ନାଗରିକଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ସୁବିଧା ଯୋଗାଇ ଦେବା ନିମନ୍ତେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରୁ ୩୯୮ ଜଣ ଏହି ସୁଯୋଗ ପାଇବେ। ଏଥିପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ଜଣେ ତୀର୍ଥ ଯାତ୍ରୀଙ୍କ ପାଇଁ ୨୧ ହଜାର ଟଙ୍କା ଖର୍ଚ୍ଚ କରାଯିବା ନେଇ ସ୍ଥିର କରାଯାଇଛି। ଏହି ତୀର୍ଥ ଯାତ୍ରା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଏକ ସ୍ୱତନ୍ତ୍ର ରେଳ ବାଲେଶ୍ୱର ରେଳ ଷ୍ଟେସନରୁ ନଭେମ୍ବର ୭ରୁ ୧୨ତାରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ଅଯୋଧ୍ୟା-ବାରଣାସୀ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜାନୁଆରୀ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ରାମେଶ୍ୱରମ-ମଦୁରାଇ ଅଭିମୁଖେ ଯାତ୍ରା କରିବ। ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟରେ ଉପଲବ୍ଧ। ତେବେ ଏହି ଯୋଜନାରେ ସୁବିଧା ପାଇବା ନିମନ୍ତେ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ତନ୍ମଧ୍ୟରୁ ଯୋଗ୍ୟ ବରିଷ୍ଠ ନାଗରିକ ସମଗ୍ର ଜୀବନ କାଳ ମଧ୍ୟରେ ଗୋଟିଏ ଥର ଯାତ୍ରା ପାଇଁ ସୁଯୋଗ ପାଇପାରିବେ। ଆଗ୍ରହୀ ବରିଷ୍ଠ ନାଗରିକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ହୋଇଥିବ। ଏଥିସହ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ଆର୍ଥିକ ଦୁର୍ବଳ ଶ୍ରେଣୀ ତଥା ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କ ପାଇଁ ସମ୍ପୂର୍ଣ୍ଣ ଗସ୍ତ ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯିବାର ବ୍ୟବସ୍ଥା କରାଯାଇଛି। ୭୦ରୁ ୭୫ ବର୍ଷ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ଯାତ୍ରା ସମୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକ ଭାବେ ସାଙ୍ଗରେ ନେଇପାରିବେ ଏବଂ ଏଥିପାଇଁ ସମ୍ପୃକ୍ତ ବରିଷ୍ଠ ନାଗରିକ ତାଙ୍କ ସହାୟକଙ୍କ ଗସ୍ତଖର୍ଚ୍ଚର ୫୦ ଭାଗ ଅର୍ଥ ଦାଖଲ କରିବେ। ଆଗ୍ରହୀ ବରିଷ୍ଠ ନାଗରିକ ନିର୍ଦ୍ଧାରିତ ଫର୍ମ ପୂରଣ କରି ଫର୍ମ ସହିତ ନିଜର ପ୍ରମାଣପତ୍ରର ଏକ ନକଲ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଗଷ୍ଟ ୧୫ ତାରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ଦାଖଲ କରିପାରିବେ। ଏତଦ ବ୍ୟତୀତ ଅନଲାଇନ ଲିଙ୍କ ମାଧ୍ୟମରେ ମଧ ଫର୍ମ ଦାଖଲ କରି ପାରିବେ। ଆବେଦନକାରୀଙ୍କ ସଂଖ୍ୟା ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ହୁଏ ତେବେ ପ୍ରଶାସନ ସ୍ତରରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ କମିଟି ଜରିଆରେ ଲଟେରୀ କରାଯାଇ ଉପଯୁକ୍ତ ଚୟନ ପ୍ରଣାଳୀ ଦ୍ୱାରା ତୀର୍ଥଯାତ୍ରା ପାଇଁ ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକଙ୍କୁ ଚୟନ କରାଯାଇ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଠିକଣାରେ ଜଣାଇ ଦିଆଯିବ ଏବଂ ପରବର୍ତ୍ତୀ ସମୟରେ ଏହି ଯାତ୍ରା ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ଜିଲ୍ଲାର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପଠାଯିବ ବୋଲି କୁହାଯାଇଛି। ଆବେଦନ ପାଇଁ ଆବେଦନକାରି ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ଅଶ୍ୱିନୀ ମିଶ୍ରଙ୍କ ସହିତ ମୋବାଇଲ ନଂ. ୯୦୪୦୭୩୭୪୮୧ ଜରିଆରେ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସୂଚନା ଦେଇଛନ୍ତି।

## ଯୁବ ସାମ୍ବାଦିକଙ୍କୁ ହତ୍ୟାର ପ୍ରତିବାଦ

**ବାରିପଦା, ୧୭।୭(ସମିସ):** ମାଲକାନଗିରି ଜିଲ୍ଲା ମୁରଲିଗୁଡାର ଯୁବ ସାମ୍ବାଦିକ ସି.ନରେଶ କୁମାରଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବାରୁ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ଏହାର ତିବ୍ର ନିନ୍ଦା କରିବା ସହ ହତ୍ୟାକାରୀକୁ ତୁରନ୍ତ ଗିରଫ କରିବା ଦାବି କରିଛି। ଏହାବ୍ୟତୀତ ମୃତ ସାମ୍ବାଦିକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ଏବଂ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ସଂଘ। ସରକାର ଯଥାଶୀଘ୍ର ସାମ୍ବାଦିକଙ୍କୁ ସୁରକ୍ଷା ଓ ନିରାପତ୍ତା ଆଇନ ଲାଗୁ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଜିଲା ସାମ୍ବାଦିକ ସଂଘ ଦାବି କରିଛି। ମୟୂରଭଞ୍ଜ ଜିଲ୍ଲା ସଂଘ ସଂଘ ଅନୁବନ୍ଧିତ ଥିବା କଳିଙ୍ଗ ୟୁନିଅନ ଅଫ ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ ପକ୍ଷରୁ ରାଜ୍ୟ ସଭାପତି ମନୋଜ ଦାସ, ଉପ ସଭାପତି ସୌରଭ ପଟ୍ଟନାୟକ, ଜିଲ୍ଲା ସଭାପତି ଅରୁଣ କୁମାର ଓତା, ସାଧାରଣ ସମ୍ପାଦକ ସଞ୍ଜୟ ଅଗ୍ରୱାଲ, କୋଷାଧକ୍ଷ ଆଲୋକ ସ୍ୱାଇଁ, ଉପ ସଭାପତି ମନୋଜ ବେହେରା, ଦିଲ୍ଲୀପ ସାହୁ, ଜଗବନ୍ଧୁ ପ୍ରଧାନ, ଖୁଦିରାମ ମହାନ୍ତି, ସୀତାନାଥ ବେହେରା, ଉପଦେଷ୍ଟା ତପନ ମହାନ୍ତି, ସନ୍ତୋଷ ବାଛିନି, ସୁଶାନ୍ତ ମହାନ୍ତି, ନିହାର ବେହେରା, ରଣଜିତ ସାହୁ, ନେତାଜୀ ରଥ, ପ୍ରଶାନ୍ତ ଦାସ ପଟ୍ଟନାୟକ, ନିହାର ରଞ୍ଜନ ମହାପାତ୍ର, ବିଶ୍ୱରଞ୍ଜନ ପାଲ, ନିମାଇଁ ଦାଶ, ଲଲାଟେନ୍ଦୁ ଦାସ ପ୍ରମୁଖ ଘଟଣାର ଘୋର ନିନ୍ଦା କରିଛନ୍ତି।

## ନୂତନ ଅପରାଧିକ ଆଇନ ସଂକ୍ରାନ୍ତ କର୍ମଶାଳା



**ବାରିପଦା, ୧୭।୭(ସମିସ):** ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରି ତଦନ୍ତ ପ୍ରକ୍ରିୟା କରିବାକୁ ନେଇ ପୁଲିସ କର୍ମଚାରୀଙ୍କ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଛି। ନୂତନ ଭାରତୀୟ ଅପରାଧିକ ଆଇନ ନେଇ ବାରିପଦା ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଥାନା ଅଧିକାରୀ ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ମାନଙ୍କୁ କର୍ମଶାଳାରେ ନୂତନ ଆଇନ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନୀୟମକୁ ସଠିକ ଭାବେ କାର୍ଯ୍ୟକାରୀ କରି ତଦନ୍ତ ପ୍ରକ୍ରିୟା କରିବା ନେଇ ତାଲିମ ପ୍ରଦାନ କରାଯାଇଛି। ଉକ୍ତ ଅଧିନିୟମକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହା ନୂତନ ଅପରାଧିକ ଆଇନ ଜରିଆରେ ତଦନ୍ତ ପ୍ରକ୍ରିୟା ସଠିକ ଭାବେ ସମ୍ପାଦନା ହେବା ସହ ଲୋକେ ନ୍ୟାୟ ପାଇବେ ବୋଲି ଆଶା ପ୍ରକଟ କରାଯାଇଛି।

## ସମ୍ପତ୍ତି ମାଲିକାନାକୁ ନେଇ ପୀଡ଼ିତା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବାରିପଦା, ୧୭।୭(ସମିସ):** ସମ୍ପତ୍ତି ବିବାଦ ନେଇ ବାରିପଦା ଗୋଲାପବାଗ ୱାର୍ଡ ନଂ ୧୦ରେ ରହୁଥିବା ସ୍ୱାତା ସାହା ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ ଜେଜେମା'ଙ୍କ ମାଲିକାନାରେ ଥିବା ଏକ ଘରକୁ ତାଙ୍କ ଶଶୁର ଜଣେ ଓକିଲ ମାଧ୍ୟମରେ ଦାବି କରିଥିଲେ, ଯାହା ବାରିପଦା ଜିଲ୍ଲା ଅଦାଲତ ଦ୍ୱାରା ୨୦୨୩ ଫେବୃଆରୀରେ ଅବୈଧ ଘୋଷିତ ହୋଇଥିଲା। ଗତ ୭ ଜୁଲାଇ ୨୦୨୫ରେ ପ୍ରାୟ ୩୦ ଜଣ ଦୁର୍ବୃତ୍ତ ବଳପୂର୍ବକ ତାଲା ଭାଙ୍ଗି ଏହି ଘର ଦଖଲ କରିଥିବା ସ୍ୱାତା ଅଭିଯୋଗ କରିଛନ୍ତି। ଏଥିସହିତ ତାଙ୍କ ଘରୁ ମୂଲ୍ୟବାନ ଜିନିଷ ଓ ଗହଣା ଚୋରି ହୋଇଛି। ଏ ସମ୍ପର୍କରେ ବାରିପଦା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଗ୍ରହଣ କରାଯାଇ ନାହିଁ ବୋଲି ସ୍ୱାତା କହିଛନ୍ତି। ତାଙ୍କ ସ୍ୱାମୀ ବର୍ତ୍ତମାନ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବାରୁ ସେ ମାନସିକ ଓ ଶାରୀରିକ ଦୁର୍ବଳତାରେ ଭୋଗୁଛନ୍ତି ବୋଲି ଜିଲ୍ଲାପାଳଙ୍କୁ ଭେଟି କହିଛନ୍ତି। ଏଥିସହିତ ସେ ଏସ୍‌ପିଙ୍କୁ ମଧ ଫେରାଦ ହୋଇଛନ୍ତି।

## ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା ଘୋଷଣାକୁ ସ୍ୱାଗତ

**ରାଇରଙ୍ଗପୁର, ୧୭।୭(ସମିସ):** ବୁଧବାର ରାଜ୍ୟ ସରକାର ନୂତନ ରାଇରଙ୍ଗପୁର ପୁଲିସ ଜିଲ୍ଲା ଘୋଷଣା କରିଥିବାରୁ ସବୁ ମହଲରେ ସ୍ୱାଗଦ କରାଯାଇଛି। ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ଯଶିପୁର ବିଧାୟକ ତଥା ଜଙ୍ଗଲ ଓ ଶ୍ରମ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ, ପ୍ରାକ୍ତନ ଟସର ନିଗମ ଅଧ୍ୟକ୍ଷ ସଞ୍ଜିବ ମହାନ୍ତି, ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମଚରଣ ହାଁସଦା, ପ୍ରାକ୍ତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି, ବରିଷ୍ଠ ନାଗରିକ ତଥା ପ୍ରାକ୍ତନ ଓକିଲ ସଂଘ ସଭାପତି ରସାନନ୍ଦ ଲେଙ୍କା, ତୁଷାର କାନ୍ତି କବି, ପ୍ରାକ୍ତନ ଓକିଲ ସଂଘ ସଭାପତି ପ୍ରଭାସ କବି ସମେତ ସବୁ ମହଲରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏଥିସହିତ ସାଂସଦ ଶ୍ରୀ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରିପୋର୍ଟକୁ ୭ ମାସ ପୂରିଲା

# ଶୁଳିଆପଦା ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

**ବାରିପଦା, ୧୭।୭(ସମିସ)**




ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରିପୋର୍ଟକୁ ୭ ମାସ ପୂରି ୮ ମାସ ହେଲାଣି। ମାଲମାଲ ଦୁର୍ନୀତିର ପୁଳାପୁଳା ତଥ୍ୟ ପ୍ରମାଣ ସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୩ ଥର ଅଭିଯୋଗ ପରେ ବି ଏଯାଏ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ୧୫ଟି ବିଭିନ୍ନ ଦୁର୍ନୀତି ସହିତ ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କୁ ଅଫିସ ପରିଚାଳନାରେ ଅସମର୍ଥ ବୋଲି ରିପୋର୍ଟ ଆସିଲା। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଉକ୍ତ ରିପୋର୍ଟ ଉପଲବ୍ଧ ହେବା ପରେ ସାମାନ୍ୟ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ୮ ମାସ ହେଲାଣି ଏପର୍ଯ୍ୟନ୍ତ ସାମାନ୍ୟତମ କର୍ଯ୍ୟାନୁଷ୍ଠାନ ନ ହେବା ଅଭିଯୋଗକାରୀଙ୍କୁ ନିରାଶ କରିଛି। ଅଭିଯୋଗକାରୀ ଇତିମଧ୍ୟରେ ୩ ଥର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିସାରିଲେଣି। ସମସ୍ତ ତଥ୍ୟ ପ୍ରମାଣ ଓ ତଦନ୍ତ ରିପୋର୍ଟ ପରେ ମଧ କାର୍ଯ୍ୟାନୁଷ୍ଠାନ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ମୁଖ୍ୟମନ୍ତ୍ରୀ ବାରମ୍ବାର ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଶୂନ୍ୟ ସହନଶୀଳତାର କଥା ଦୋହରାଇ ଚାଲିଛନ୍ତି। ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କୁ ବାଧତାମୂଳକ ଅବସର ଦେବା ପାଇଁ ମୁଖ୍ୟଶାସନ ସଚିବ ଚିଠି ମଧ ଲେଖିସାରିଛନ୍ତି, କିନ୍ତୁ ଜନଶୁଣାଣି ରିପୋର୍ଟରେ ଅସମର୍ଥ ଉଲ୍ଲେଖ କରାଯାଇଥିବା ଶୁଳିଆପଦା ବିଇଓ ଏହି ନିୟମରୁ ବାଦ୍ ପଡୁଛନ୍ତି କିପରି ? ଗତ ୨୦୧୮ ମସିହାରେ ବିଇଓ ମାଳତୀ ଟୁଡୁ ଶୁଳିଆପଦାରେ ଯୋଗଦେବା ପରଠାରୁ ସେ ବିବାଦୀୟ ହୋଇ ପଡ଼ିଥିଲେ। ତାଙ୍କର ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଆସିଥିଲା। ବିଇଓଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବେଆଇନ ଭାବେ ସରକାରୀ ଟଙ୍କା ଯାଇଥିବା ସମସ୍ତ ପ୍ରମାଣ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପ୍ରକୋଷ୍ଠରେ ୨୦୨୪ ସେପ୍ଟେମ୍ବର ୨୩ ତାରିଖରେ ତଥ୍ୟ ପ୍ରମାଣ ସହିତ ପୁଣିଥରେ ଅଭିଯୋଗ କରିଥିଲେ ଅଭିଯୋଗକାରୀ। ଗତ ନଭେମ୍ବର ୨୫ ତାରିଖରେ ଅଭିଯୋଗ ତଦନ୍ତର ରିପୋର୍ଟ ଆସିଥିଲା ହେଲେ ଦୁର୍ନୀତି ଗ୍ରସ୍ତ ବିଇଓଙ୍କୁ ରିପୋର୍ଟରେ ଦୁର୍ନୀତି ଗ୍ରସ୍ତ ବଦଳରେ ଅସମର୍ଥ ଉଲ୍ଲେଖ କରାଯାଇଥିଲା। ମାଲମାଲ ଦୁର୍ନୀତି ସବୁ କୁଆଡେ ଚାପି ହୋଇଗଲା। ଅସମର୍ଥ ଉଲ୍ଲେଖ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏହାକୁ ନେଇ ଅଭିଯୋଗକାରୀ ପୁଣିଥରେ ଅଭିଯୋଗ କରିବାରୁ ଏକ ପୁରୁଣା ରିପୋର୍ଟ ଦିଆଗଲା। ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ, ମୁଖ୍ୟମନ୍ତ୍ରୀ ନିଜେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହୁଥିବା ବେଳେ ଆଜି ଯାଏ ଶୁଳିଆପଦା ବିଇଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।



## କଂଗ୍ରେସର ଓଡ଼ିଶା ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ

# ଜିଲ୍ଲାବ୍ୟାପୀ ଜନଜୀବନ ପ୍ରଭାବିତ; ରାସ୍ତାଘାଟ ଶୂନ୍‌ଶାନ







- ଇଣ୍ଡି ଗଠବନ୍ଧନ ସହ ଭଞ୍ଜସେନା କର୍ମୀଙ୍କ ପିକେଟିଂ
- ସବୁ ବ୍ଲକରେ ସ୍ୱତଃପ୍ରବୃତ୍ତ ଜନ ସମର୍ଥନ

ବାରିପଦା, ୧୭।୭(ସମିସ): ଗୁରୁବାର କଂଗ୍ରେସ ସହିତ ଇଣ୍ଡି ଗଠବନ୍ଧନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହୋଇଥିବାବେଳେ ଏହାକୁ ଭଞ୍ଜସେନା କରିଥିଲା। କଂଗ୍ରେସ, ଭଞ୍ଜସେନା, ଜେଏମଏମ ଓ ବିଭିନ୍ନ ବାମପନ୍ଥୀ ଦଳର କର୍ମକର୍ତ୍ତା ଏବଂ କର୍ମୀମାନେ ମୃତ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଜିଲ୍ଲାବ୍ୟାପୀ ହରତାଳ କରିଛନ୍ତି; ଯାହାର ପ୍ରଭାବରେ ଯାନବାହନ ଚଳାଚଳ ବନ୍ଦ ସହିତ ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ/ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ପୋଷ୍ଟ ଅଫିସ, ବସ ଆଦି ସବୁକୁ ବନ୍ଦ ରହିଛି। ତେବେ ଜିଲ୍ଲାରେ ରେଳ ଚଳାଚଳ ସ୍ୱାଭାବିକ ରହିଥିଲା। ବାରିପଦା ସହରର ପ୍ରବେଶ ପଥ ପାଲବଣି ଓ ପ୍ରସ୍ଥାନ ପଥ ମୁର୍ଗାବାଡ଼ି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ୨୬ଟି ବ୍ଲକର ବିଭିନ୍ନ ସ୍ଥାନରେ କର୍ମୀମାନେ ପିକେଟିଂ କରି ବନ୍ଦ



ପାଳନ କରିଥିଲେ। ଭଞ୍ଜସେନା ପକ୍ଷରୁ ସକାଳେ ଜାତୀୟ ରାଜପଥ ଅବରୋଧ କରି ଯାନବାହନ ଚଳାଚଳକୁ ବନ୍ଦ କରାଯାଇଥିଲା। ଏକ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବନ୍ଦକୁ ସମର୍ଥନ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଜିଲ୍ଲାରେ ନାରୀ ନିର୍ଯାତନା, ନାବାଳିକା ଦୁଷ୍କର୍ମ, ବନ୍ଧୁକ ମୁନରେ ଲୁଟ ଛିନତାଇ ନେଇ ଜିଲ୍ଲାରେ ନାରୀ ଅସୁରକ୍ଷିତ ଏବଂ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ମଧ୍ୟ ସଂଗଠନ ପ୍ରସଙ୍ଗ କରିଥିଲା; ଯାହାକୁ ନେଇ ସବୁଠି ସମର୍ଥନ ମିଳିବା ସହିତ ସ୍ୱତଃପ୍ରବୃତ୍ତ ଭାବେ ଜନସାଧାରଣ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ। ସରକାରୀ କାର୍ଯ୍ୟାଳୟକୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ଯିବାବେଳେ ଆନ୍ଦୋଳନକାରୀମାନେ ସେମାନଙ୍କୁ ଅଟକାଇଥିଲେ। ତେବେ ବନ୍ଦକୁ ସମର୍ଥନ ଜଣାଇବାକୁ କଂଗ୍ରେସ କର୍ମୀମାନେ ଜିଲ୍ଲା ଓ ଦେୱାଣଜଙ୍କୁ କାର୍ଯ୍ୟରେ ଯୋଗ ନ ଦେବା ପାଇଁ ନିବେଦନ କରିଥିଲେ। ଫଳରେ ସେମାନେ ଫେରି ଯାଇଥିଲେ। ଏପରିକି ଓକିଲମାନେ ମଧ୍ୟ ଫେରିଯିବାରୁ ଆଜି କୋର୍ଟ ଓ କଚେରୀ ବନ୍ଦ ରହିଥିଲା। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଭୁତି ଭୂଷଣ ନାୟକ କାର୍ଯ୍ୟାଳୟକୁ ଆସିଥିଲେ। କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ବନ୍ଦକୁ ସମର୍ଥନ ଦେବାକୁ ନିବେଦନ କରିଥିବା ବେଳେ ପୁଲିସ ଅଟକାଇଥିଲା। ଏନେଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିବେଦନକୁ ସମ୍ମାନ ଜଣାଇ ଫେରି ଯାଇଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବନ୍ଦର ପ୍ରଭାବ ଥିବା ବେଳେ ଏହାପରେ ଜନଜୀବନ ସ୍ୱାଭାବିକ ହୋଇଥିଲା। ବନ୍ଦର ନେତୃତ୍ୱ ନେଇଥିବା ସମସ୍ତ ଦଳ ଓ ସଙ୍ଗଠନର କର୍ମକର୍ତ୍ତା ଓ କର୍ମୀ ଶହଶହ ସଂଖ୍ୟାରେ ଯୋଗଦେଇଥିଲେ।

**ରାଇରଙ୍ଗପୁର :** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ନ୍ୟାୟ ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ବିଭିନ୍ନ ସ୍ଥାନରେ କର୍ମୀମାନେ ପିକେଟିଂ କରିଥିଲେ। ଏହି ବନ୍ଦ ପ୍ରଭାବ



ରାଇରଙ୍ଗପୁରରେ ମଧ୍ୟ ପ୍ରଭାବ ପକାଇଛି। ଏହି ବନ୍ଦରେ ବିଭିନ୍ନ ରାଜନୈତିକ ଓ ଅଣରାଜନୈତିକ ଦଳ ସାମିଲ ହୋଇଥିଲେ। ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ, ବସ ଚଳାଚଳ ଆଦି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଝାରଖଣ୍ଡ ମୁକ୍ତିମୋର୍ଚ୍ଚା, ଏସ୍‌ୟୁସିଆଇ, ସିପିଏମ ଏବଂ ସିପିଆଇ ଏହି ବନ୍ଦକୁ ସମର୍ଥନ ଜଣାଇ କର୍ମୀମାନେ ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ବନ୍ଦକୁ ସଫଳ କରାଇଥିଲେ। ଭଞ୍ଜ ସେନା ଓ ଆଦିବାସୀ ଛାତ୍ର ସଂଗଠନର ଶତାଧିକ କର୍ମକର୍ତ୍ତା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଇରଙ୍ଗପୁର ବଜାର ଗୋଲେଇ, ଦୁର୍ଗା ମଣ୍ଡପ, କୋର୍ଟ, କଚେରୀ, ବ୍ୟାଙ୍କ, ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ କର୍ମୀମାନେ ପିକେଟିଂ କରିବା ସହିତ ଶାନ୍ତିପୂର୍ଣ୍ଣଭାବେ ବନ୍ଦ ପାଳନ କରିଥିଲେ। ପୂର୍ବତନ ବିଧାୟକ ଶାମାଚରଣ ହାଁସଦା, ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ ବହଳଦା ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ଅଶୋକ ଅଗ୍ରୱାଲ, ରୂପକ ମହାନ୍ତି, ଭଜହରି ମହାନ୍ତ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ପ୍ରବକ୍ତା ସୁନିଲ ମାଝୀ, ସାଲୁ କିସ୍କୁ, କାଳୀ ଚରଣ, ଏସୟୁସିଆଇ ନେତା ମୋଙ୍ଗିଲାଲ ହେମ୍ବ୍ରମ, ଭଞ୍ଜସେନାର ସମଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ସେହିପରି ଜାମଦା ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ବସ୍ ଆଦି ବନ୍ଦ ରହିଥିଲା।

**କୁଳିଅଣା:** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କୁଳିଅଣାରେ ମଧ୍ୟ ବନ୍ଦ ପାଳନ ହୋଇଥିଲା। ୧୮ ନଂ ଜାତୀୟ ରାଜପଥରେ ଗାଡି ମଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦଥିବାବେଳେ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନ ବଜାର ଆଦି ସମ୍ପୂର୍ଣ୍ଣଭାବେ ବନ୍ଦ ରହିଥିଲା। କଂଗ୍ରେସ ପକ୍ଷରୁ ଗୌରୀ ନାଏକ, ଓ ପ୍ରତାପ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଭୁବନ କର, ପ୍ରସନ୍ନ କୁମାର ସାହୁ, ଦୁର୍ଯ୍ୟୋଧନ ନାଏକ, ପ୍ରଫୁଲ୍ଲ

ଦାସ, ରାମରତନ ମହାନ୍ତ, ସାଇବା ମୁର୍ମୁ, ଭଞ୍ଜସେନା ପକ୍ଷରୁ ବାଜୁନ ହାଁସଦାଙ୍କ ନେତୃତ୍ୱରେ ବ୍ଲକ ସଭାପତି ଅମିତ କୁଅଁର ବାବୁ, ଟନି ବାସ୍କେ, ନିର୍ମଳ ସୋରେନ




ଜଗଲା ମାରାଣ୍ଡି, ବାପୁନ ସିଂ, ବାଦଲ ବିନ୍ଧାଣି, ବାପିନା ପାତ୍ର ପ୍ରମୁଖ ବହୁ ସଦସ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

**ମାଣଦ୍ରୀ :** ବଡ଼ସାହି ବ୍ଲକ ଅଧୀନ ମାଣଦ୍ରୀରେ ଗୁରୁବାର କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। କଂଗ୍ରେସ ପକ୍ଷରୁ ଶଶାଙ୍କ ଶେଖର




କର ଓ ସୁରେଶ ଚନ୍ଦ୍ର ପତିଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବନ୍ଦକୁ ସଫଳ କରିଥିଲେ। କର୍ମୀମାନେ ଯାନବାହନ ଚଳାଚଳ ବନ୍ଦ ସହିତ ଦୋକାନବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ/ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଡାକଘର, ପେଟ୍ରୋଲ ପମ୍ପ ଆଦିକୁ ବନ୍ଦ ରଖିବାକୁ ନିବେଦନ କରିଥିଲେ। ଏହି ବନ୍ଦରୁ ଅତ୍ୟାବଶକ ସେବାକୁ ବାଦ ଦିଆଯାଇଥିଲା। ମାଣଦ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

**ସାରସକଣା:** ଗୁରୁବାର କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ପାଳନ ଡାକରା ସାରସକଣା ଅଞ୍ଚଳରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଏହି ବନ୍ଦ ସକାଳ ୬ଟାରୁ ସଂଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ଚାଲିଥିଲା। କଂଗ୍ରେସ ସମେତ




ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ସମାଜ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ। ତେବେ ଅତ୍ୟାବଶ୍ୟକ ସେବା, ଆମ୍ବୁଲାନ୍ସ, ରୋଗୀଙ୍କ ଚିକିତ୍ସା ଇତ୍ୟାଦି ବନ୍ଦରୁ ବାଦ ରଖାଯାଇଥିଲା। କିନ୍ତୁ ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ଲକ ତହସିଲ, ବମ୍ବେଛକ, ଜାମଶୋଳା ଆଦି ସମ୍ପୂର୍ଣ୍ଣଭାବେ ବନ୍ଦ ରହିଥିଲା। ପୀଡିତାଙ୍କୁ ନ୍ୟାୟ ଦାବିରେ ୧୨ଘଣ୍ଟା, ଅଖ, ଚକ ବନ୍ଦ କରିଛି କଂଗ୍ରେସ ଓ ବାମପନ୍ଥୀ ଦଳ। ଏଥିରେ ୮ ଟି ରାଜନୈତିକ ଦଳ ମଧ୍ୟ ସାମିଲ ହୋଇଛନ୍ତି। ଝାରପୋଖରିଆରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବିଭିନ୍ନ ଛକରେ ପୁଲିସ ମୁତୟନ କରାଯାଇଥିଲା। କଂଗ୍ରେସ, ଭଞ୍ଜସେନାର ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ରାସ୍ତା ଅବରୋଧ କରିଥିଲେ। ୪୯ ଓ ୧୮ ନଂ ଜାତୀୟ ରାଜପଥ ସମ୍ପୂର୍ଣ୍ଣଭାବେ ଶୂନ୍‌ଶାନ ହୋଇଯାଇଥିଲା। ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦରେ ଜନସାଧାରଣ ସ୍ୱତଃପ୍ରବୃତ୍ତଭାବେ ସମର୍ଥନ ଜଣାଇ ମୃତ ଛାତ୍ରୀଙ୍କୁ ନ୍ୟାୟ ଦାବି କରିଥିଲେ।

**କପ୍ତିପଦା:** ଗୁରୁବାର ବାଲେଶ୍ୱର ଏଫଏମ କଲେଜର ବିଇଡି ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କପ୍ତିପଦା ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ



ଦେଖିବାକୁ ମିଳିଛି। ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିବା ବେଳେ ସ୍କୁଲ, କଲେଜ, ବ୍ଲକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ କଂଗ୍ରେସ କର୍ମୀମାନେ ଧାରଣା ଦେବାସହ ବନ୍ଦ ରଖିବାକୁ ନିବେଦନ କରିଥିଲେ। ଫଳରେ ସମଗ୍ର ବ୍ଲକ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିଲା। ଦୂର ଦୂରଦୂରାନ୍ତରୁ ଆସିଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଥିବାରୁ ଯାତ୍ରୀମାନେ ପ୍ରାୟତଃ ଉପବାସରେ ରହିଥିଲେ। ସେହିଭଳି ପେଟ୍ରୋଲ ପମ୍ପ ବନ୍ଦ ହୋଇଥିବାରୁ କଳାବଜାରୀଙ୍କ ଠାରୁ ଚଢା ଦରରେ ପେଟ୍ରୋଲ ପକାଇବାକୁ ଲୋକେ ବାଧ ହୋଇଥିଲେ।

**ବଡସାହି:** ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ପକ୍ଷରୁ




ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦକୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ମଧ୍ୟ ସମର୍ଥନ କରିଥିଲେ। ବଡସାହି ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ମଧ୍ୟ ଏହାକୁ ସମର୍ଥନ ଜଣାଇଥିଲା। ଯୁବ ନେତା ଶଶାଙ୍କଖେଖର କରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଫଳରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ କାଁଭାଁ କେତୋଟି ଦୋକାନକୁ ଛାଡି ଦେଲେ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। ବ୍ଲକ ଅଫିସ, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ଦୋକାନ ବଜାର ବନ୍ଦରେ ସ୍ଥାନୀୟ ଲୋକଙ୍କ ଆଗ୍ରହ ଥିବା ମଧ୍ୟ ପରିଲକ୍ଷିତ ହେଉଥିଲା। ଲୋକେ ସ୍ୱତଃସ୍ଫୁର୍ତ୍ତ ଭାବେ ସମର୍ଥନ ଦେଖିବାକୁ ମିଳିଥିଲା। ପୂର୍ବତନ ବ୍ଲକ ସଭାପତି ଗୁଣନିଧି ମହାନ୍ତ ଓ ପୂର୍ଣ୍ଣଚନ୍ଦ୍ର ହାଁସଦା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ବଳା, ନିର୍ବାଚନମଣ୍ଡଳୀର ସଭାପତି ଦିପ୍ତିଭାନୁ ସେନାପତି, ଚିନ୍ତାମଣୀ ଟୁଡୁ, ସୁରେଶ ପତି, ଦେବାଷିଷ ପଣ୍ଡା, ମନୋରଞ୍ଜନ ମହାନ୍ତ, ବାଘରାୟ ମାଝୀ, ଗୁଲସନ ମହାନ୍ତ ଓ ରମେଶ ସିଂ ପ୍ରମୁଖ ସାମିଲ ହୋଇଥିଲେ।

**ଉଦଳା :** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ଓଡ଼ିଶା ବନ୍ଦ ଡ଼ାକରା ଉଦଳାରେ ଶତ ପ୍ରତିଶତ ସଫଳ ହୋଇଛି। କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ସହରରେ ପିକେଟିଂ କରିବା ସହିତ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ସେହିପରି ଏହି ବନ୍ଦକୁ ଭଞ୍ଜସେନା ସମର୍ଥନ ଜଣାଇ ବାଇକ ରାଲି କରିଥିଲେ। ଆଜି ଉଦଳା ସହରରେ ଯାନବାହନ ଚଳାଚଳ, ସ୍କୁଲ, କଲେଜ,




ସରକାରୀ କାର୍ଯ୍ୟାଳୟ, ବିଚାର ବିଭାଗୀୟ କୋର୍ଟ ସମୂହ, ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବରିଷ୍ଠ ନେତା ଦୁର୍ଗାଚରଣ ଟୁଡୁ, ନାରାୟଣ ପଟନାୟକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଉତ୍ତମ ବେହେରା, ଯୋଗେନ୍ଦ୍ର ବାର୍ଷାଳିଆ, ରାମଚନ୍ଦ୍ର ସିଂ, ପ୍ରହଲ୍ଲାଦ ବେହେରା ସମେତ ବହୁ ସମର୍ଥକ ସାମିଲ ହୋଇଥିଲେ। ସେହିପରି ଭଞ୍ଜସେନା ପକ୍ଷରୁ ରବୀନ ମହାନ୍ତି, ଜିତେନ୍ଦ୍ର ହେମ୍ବ୍ରମ, ରାକେଶ ପଣ୍ଡା, ପପୁ ରାଉତ, କିଶନ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଶରତ :** ଗୁରବାର କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦ ଶରତ ଅଞ୍ଚଳରେ ପ୍ରଭାବ ଦେଖିବାକୁ ମିଳିଛି। ପଣ୍ଡିତ ରଘୁନାଥ ମୁର୍ମୁ କଲେଜରୁ ଫୁଲମତୀ




ଉଚ୍ଚ ବାଳିକା ବିଦ୍ୟାଳୟ, ଶରତ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଣ୍ଡାର ଉଚ୍ଚ ବିଦ୍ୟାଳୟ, ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟ ଆଦି ବନ୍ଦ ରହିଥିଲା। ଏଆଇଡିଏସଓ ଛାତ୍ର ସଂଗଠନର ମୟୂରଭଞ୍ଜ ଜିଲ୍ଲା ଉପସଭାପତି ଧନେଶ୍ୱର ବାରି, ସଂଗଠନର କପ୍ତିପଦା ବ୍ଲକ ସଭାପତି ଗୋବିନ୍ଦ ସିଂ, ଜିଲ୍ଲା କମିଟି ସଦସ୍ୟ ସିଙ୍ଗରାୟ ସିଂ, ସାଲୁ ସିଂ, କେରସେ ସିଂ, ଅସିମା ବାନରା, ସସ୍ମିତା ସାଉଁୟା, ସମା ସିଂ ସିତେମଣୀ ଖୁଣ୍ଟିଆ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଏହି ବନ୍ଦ ସାମିଲ ହୋଇଥିଲେ।

**କୁଆମରା :** ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ପ୍ରତିବାଦରେ କଂଗ୍ରେସ ତରଫରୁ ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ ଗୋପବନ୍ଧୁ ନଗର ବ୍ଲକରେ ଶାନ୍ତିପୂର୍ଣ୍ଣ ହୋଇଥିଲା। ସକାଳ ୬ରୁ ଯାନବାହାନ ଚଳାଚଳ ବନ୍ଦ ରହିଥିବାବେଳେ ବ୍ୟାଙ୍କ, ସ୍କୁଲ, କଲେଜ, ତହସିଲ, ବ୍ଲକ କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ କମିଟିର ସଭାପତି ଗୌରାଙ୍ଗ ଚରଣ ପୁଥାଳଙ୍କ ନେତୃତ୍ୱରେ ପ୍ରଣୟ କୁମାର ଚୌଧୁରୀ, ସନାତନ ମହାପାତ୍ର, ସାଇରାମ ମହାନ୍ତ, ହରିଶ ଚନ୍ଦ୍ର ସାହୁ, ଲଛମନ ମୁର୍ମୁ, ସିଦ୍ଧାର୍ଥ ଉପାଧ୍ୟାୟ, ବିଷ୍ଣୁ ମାଝୀ, ଅନ୍ତର୍ଯ୍ୟାମୀ ବାରିକ ପ୍ରମୁଖ ବନ୍ଦରେ ସାମିଲ ହୋଇ ପିକେଟିଂ କରିଥିଲେ।

**ଠାକୁରମୁଣ୍ଡା:** କଂଗ୍ରେସ ଏବଂ ଦଳ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଠାକୁରମୁଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଜବାମଣୀ ଟୁଡୁଙ୍କ ନେତୃତ୍ୱରେ ବ୍ଲକ ସଭାପତି ରବୀନ୍ଦ୍ର ତ୍ରୀପାଠୀ, ମୁନା ନାଏକ ଓ ଅନ୍ୟ କର୍ମୀମାନେ




ଉପସ୍ଥିତ ଥିଲେ। ଏହାର ପ୍ରଭାବରେ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଗାଡ଼ିମଟର ଚଳାଚଳ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ, କୋର୍ଟ, ବ୍ଲକ, ତହସିଲ କାର୍ଯ୍ୟାଳୟ ଆଦି ସମ୍ପୂର୍ଣ୍ଣଭାବେ ବନ୍ଦ ରହିଥିଲା। କଂଗ୍ରେସ କର୍ମୀମାନେ ବିଭିନ୍ନ ଛକ ଓ ବଜାରରେ ପିକେଟିଂ କରିଥିଲେ। ଔଷଧ ଦୋକାନକୁ ବାଦ ଦେଲେ ଅନ୍ୟାନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଠାକୁରମୁଣ୍ଡା ଥାନା ପକ୍ଷରୁ ବିଭିନ୍ନ ଛକରେ ପୁଲିସ ମୁତୟନ କରାଯାଇଥିଲା।

**ବିଶୋଇ:** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦ ବିଶୋଇ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ହୋଇଛି। ଏହି ବନ୍ଦକୁ ୮ ଟି ବାମପନ୍ଥୀ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବ ଛାତ୍ର ଓ ସମାଜର ସମସ୍ତ ବର୍ଗ ସମର୍ଥନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକରେ କଂଗ୍ରେସ ଓ ଏସ୍.ୟୁ.ସି.ଆଇ କମ୍ୟୁନିଷ୍ଟ ବ୍ଲକ କମିଟି ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ବିଶୋଇ ଦେଇ ଯାଇଥିବା ୪୯ ନଂ ଜାତୀୟ ରାଜପଥ ଏବଂ ଜାମସେଦପୁର-ବାରିପଦାକୁ ସଂଯୋଗ କରୁଥିବା ୫୦ ନଂ. ରାଜ୍ୟ ରାଜପଥକୁ ଆନ୍ଦୋଳନକାରୀମାନେ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏସ୍.ୟୁ.ସି. ଆଇ ଓ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ସମସ୍ତ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାରକୁ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଘଟିଛି ବୋଲି ଆନ୍ଦୋଳନକାରୀ ସରକାରଙ୍କୁ ନିନ୍ଦା କରିବା ସହିତ ବିଭିନ୍ନ ନାରାବାଜି କରିଥିଲେ। କଂଗ୍ରେସ କମିଟିର ବିଶୋଇ ବ୍ଲକ ସଭାପତି ସୁବାଷ ପାତ୍ରଙ୍କ ନେତୃତ୍ୱରେ ପିସିସି ସଦସ୍ୟ ନାରାୟଣ ମହାପାତ୍ର, ପ୍ରାକ୍ତନ ଯୁବ ସଭାପତି ଅନୀଲ




ମହାନ୍ତି, ନୀଳରତ୍ନ ସାହୁ, ଅର୍ଜୁନ ବେଶ୍ରା, ରାଇସେନ ସୋରେନ, ମନୋଜ ନାଏକ, ଜିତୁ ବେହେରା, ଯୁବ କଂଗ୍ରେସ ସଭ୍ୟ ଅନ୍ତର୍ଯ୍ୟାମୀ ନାଏକ, ଦେବାଶିଷ ମଣ୍ଡଳ ଏବଂ ଏସ୍.ୟୁ.ସି.ଆଇ ପକ୍ଷରୁ ବ୍ଲକ ସମ୍ପାଦକ ଶୈଳ କୁମାର ନାଏକଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଦସ୍ୟ ମଧୁସୂଦନ ନାଏକ, ସୁଶୀଲ ମହାକୁଡ଼, ଗୋବିନ୍ଦ ଦାସ, ବୁଧୁରାମ ପୂର୍ତ୍ତି ପ୍ରମୁଖ ସାମିଲ ହୋଇଥିଲେ।

**ବେତନଟୀ :** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିସିଙ୍କ ଆତ୍ମଦାହ ମାମଲାରେ ରାଜ୍ୟ ସରକାରଙ୍କ ଉଦାସୀନତା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବେତନଟୀ ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ



ଦେଖିବାକୁ ମିଳିଥିଲା। ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରାଙ୍କ ନେତୃତ୍ୱରେ ବହୁ କର୍ମୀ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଏହି ବନ୍ଦକୁ ଜନସାଧାରଣ ମଧ୍ୟ ସମର୍ଥନ ଜଣାଇଥିଲେ। ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ସରକାରୀ କାର୍ଯ୍ୟାଳୟ, ବସ୍ ଆଦି ବନ୍ଦ ରହିଥିଲା। ଏପରିକି ଦୋକାନ ବଜାର ବନ୍ଦ ରହିଥିବାରୁ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଇଥିଲା। ୧୮ ନମ୍ବର ଜାତୀୟ ରାଜପଥର ବଙ୍ଗଳା ଛକ ନିକଟରେ ବହୁ ଭାରୀଯାନ ଅଟକି ରହିଥିଲା।

**ମୋରଡ଼ା/ରାସଗୋବିନ୍ଦପୁର:** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋରଡା ଏବଂ ରାସଗୋବିନ୍ଦପୁରରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। କଂଗ୍ରେସ କର୍ମୀ ରାଜେଶ ପଡ଼ିହାରି, ତାପସ ରାଉତ, ଶୁଭ ମହାନ୍ତ, ଅସିତ ବେହେରା, ସେକ ମୁସ୍ତାଫା ଏବଂ ଭଞ୍ଜସେନାର ବ୍ଲକ ସଭାପତି ପରିତୋଷ ବାରିକ,



ତାପସ ବେହେରାଙ୍କ ସହ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଯାନବାହନ ଚଳାଚଳ, ଦୋକାନ ବଜାର ସ୍କୁଲ କଲେଜ ଏବଂ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିବେଦନ କରିଥିଲେ। ସେହିପରି ରାସଗୋବିନ୍ଦପୁରରେ କଂଗ୍ରେସ ନେତା ପ୍ରଦୀପ ଦାସଙ୍କ ସମେତ ବହୁ କର୍ମୀ ବିଭିନ୍ନ ନାରାବାଜି କରିଥିଲେ। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.07.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ

## ଭାରତକୁ ତ୍ରିମୈତ୍ରୀ ବିପଦ

ଇତିହାସ ସାକ୍ଷୀ, ଯେତେବେଳେ ଦୁଷ୍ଟ ରାଷ୍ଟ୍ରମାନେ ହାତ ମିଳାନ୍ତି ବା ଚୁକ୍ତି କରନ୍ତି ସେତେବେଳେ ବିଶ୍ୱଯୁଦ୍ଧ ଅବଶ୍ୟାମ୍ଭାବୀ ହୋଇପଡ଼େ କିମ୍ବା ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଗୁରୁତର ଆହ୍ୱାନ ସୃଷ୍ଟି ହୁଏ। ସମ୍ପ୍ରତି ଚୀନ୍-ପାକିସ୍ତାନ-ବାଂଲାଦେଶ ମଧ୍ୟରେ ଏଭଳି ଏକ ତ୍ରିମୈତ୍ରୀ ମେଣ୍ଟ ଗଠନର ଭିତ୍ତି ପଡ଼ିଛି, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଭାରତ ଉପରେ ପଡ଼ିବାର କେତେକ ସଂକେତ ମିଳିସାରିଛି। ଗତ ମାସରେ ଏ ସମ୍ପର୍କିତ ବିଧିବଦ୍ଧ ତ୍ରିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ପୃଷ୍ଠଭୂମିରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାକ୍ଷାତ ଆଲୋଚନା ଅନେକ ମହତ୍ତ୍ୱ ରଖେ।

ଚୀନ୍-ପାକିସ୍ତାନ ସମ୍ପର୍କ କାହାକୁ ଅଛପା ନୁହେଁ। ସିପିଇସି (ଚୀନ୍-ପାକିସ୍ତାନ ଇକନୋମିକ୍ କରିଡର) ଓ ବିଆରଆଇ(ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍) ମାଧ୍ୟମରେ ଦୁଇଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କ କ୍ରମଶଃ ପ୍ରତିରକ୍ଷା କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଛି, ଯାହାର କିଛିଟା ଝଲକ୍ 'ଅପରେସନ୍ ସିନ୍ଦୂର' ବେଳେ ଦେଖିବାକୁ ମିଳିଛି। ଚୀନ୍ ସବୁବେଳେ ଭାରତକୁ ପ୍ରତିବେଶୀ ରୂପେ ଗ୍ରହଣ ନ କରି ପ୍ରତିଦ୍ୱନ୍ଦ୍ୱୀ ଦୃଷ୍ଟିରେ ଦେଖିଆସିଛି। ତେଣୁ ପ୍ରାୟ ସବୁକ୍ଷେତ୍ରରେ ଭାରତକୁ ପରାଭବ ଦେବା ପାଇଁ ସୁବିଧା ସୁଯୋଗର ଅପେକ୍ଷାରେ ରହୁଛି। ଏହି ପୃଷ୍ଠଭୂମିରେ ଭାରତକୁ ଦୁଇ ପଟରୁ ଘେରିବାକୁ ଚୀନ୍‌କୁ ପାକିସ୍ତାନ ଓ ବାଂଲାଦେଶ ଭାବରେ ଦୁଇଟି ମୋହରା ମିଳିଯାଇଛି। ଗତ ମାର୍ଚ୍ଚ ମାସରେ ୟୁନୁସ୍‌ଙ୍କ ଚୀନ୍ ଗସ୍ତ ସମୟରେ ଚୀନ୍-ବାଂଲାଦେଶ ମଧ୍ୟରେ ୯ଟି ଅର୍ଥନୈତିକ ଓ ବୈଷୟିକ କ୍ଷେତ୍ରରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ତୀସ୍ତା ନଦୀ ପ୍ରକଳ୍ପ ନିର୍ମାଣ ଲାଗି ଚୀନ୍ କମ୍ପାନୀଙ୍କୁ ୟୁନୁସ୍ ଆମନ୍ତ୍ରଣ କରିଛନ୍ତି। ଭାରତର ସିଲିଗୁଡ଼ି କରିଡରରୁ ମାତ୍ର ୧୩୫ କିମି ଦୂରରେ ଥିବା ବାଂଲାଦେଶର ଲାଲ୍‌ମୋନିରହାଟ୍ ବିମାନ ଘାଟିର ବିକାଶ ଦାୟିତ୍ୱ ଚୀନ୍ ନେଇଛି। ଦୁଇ ଦେଶ ମଧ୍ୟରେ କିପରି ସାଂସ୍କୃତିକ ଓ ଜନଭାବଗତ ସମ୍ପର୍କରେ ବୃଦ୍ଧି ଘଟିବ ସେ ଦିଗରେ ଚୀନ୍ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

ଅପରପକ୍ଷରେ ଶେଖ୍ ହସିନାଙ୍କ ପତନ ଓ ଦେଶାନ୍ତର ପରେ ଭାରତ-ବାଂଲାଦେଶ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ପଟକୁ ଅଧିକ ଢଳିବା ସହିତ ଭାରତଠାରୁ କ୍ରମଶଃ ଦୂରେଇ ଯାଉଛନ୍ତି। ଦଲାଇ ଲାମାଙ୍କୁ ଆଶ୍ରୟ ଦେବା ପରେ ଚୀନ୍ ଭାରତ ସମ୍ପର୍କରେ ଯେପରି ତିକ୍ତତା ଆସିଥିଲା, ତାହାର ପୁନରାବୃତ୍ତି ବାଂଲାଦେଶ କ୍ଷେତ୍ରରେ ଘଟିଛି। ଶେଖ୍ ହସିନାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ପରେ ବାଂଲାଦେଶର ଭାରତ-ଅସୂୟା ବଢ଼ୁଛି। ୟୁନୁସ୍ ଅନେକ ସମୟରେ ଭାରତ ବିରୋଧୀ ମନ୍ତବ୍ୟମାନ ଦେଉଛନ୍ତି। ସେହିଭଳି ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ଏବେ ପାକିସ୍ତାନ ବାଂଲାଦେଶ ପ୍ରତି ଅଧିକ ସହାନୁଭୂତିଶୀଳ ଓ ଦୟାଶୀଳ ହେବାର ଉପକ୍ରମ ଆରମ୍ଭ କରିଛି। ଏ ଦିଗରେ ଏକଦା ଭାଇ-ଭାଇ ସମ୍ପର୍କ ଏବଂ ଇସ୍‌ଲାମୀୟ ଭାବାବେଗ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ପ୍ରାୟ ୧୨ ବର୍ଷ ପରେ ବାଂଲାଦେଶର ନୌସେନା କରାଚୀରେ ଅନୁଷ୍ଠିତ 'ଅମନ୍ ୨୦୨୫'(ସାମରିକ ଅଭ୍ୟାସ)ରେ ଗତ ଫେବୃଆରୀରେ ଯୋଗ ଦେଇଥିବା ବେଳେ ପ୍ରାୟ ୫୪ ବର୍ଷ ପରେ ପ୍ରଥମ ଥର ପାଇଁ ବାଂଲାଦେଶ(ସେତେବେଳେ ପୂର୍ବପାକିସ୍ତାନ) ସହିତ ପାକିସ୍ତାନର ପ୍ରତ୍ୟକ୍ଷ ବାଣିଜ୍ୟ କାରବାର ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଛି। ବାଂଲାଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ସାମରିକ ଓ ବିମାନ ଘାଟିର ଭିତ୍ତିଭୂମି ବିକାଶ କାର୍ଯ୍ୟ ପାକିସ୍ତାନ ହାତକୁ ଯାଇଛି।

ଏହି ପରିବର୍ତ୍ତିତ ଭୂରାଜନୈତିକ ସମୀକରଣରେ ଚୀନ୍-ପାକିସ୍ତାନ-ବାଂଲାଦେଶ ବ୍ୟୂହରେ ଭାରତର ସ୍ଥିତି ପ୍ରାୟତଃ ଅଭିମନ୍ୟୁ ତୁଲ୍ୟ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ଏହା ମଧ୍ୟ ଭୁଲିଯିବା ଉଚିତ ହେବ ନାହିଁ ଯେ ଭାରତ ଆଉ ବିଗତ ଶତାବ୍ଦୀରେ ନାହିଁ। ଅର୍ଥନୀତି, କୂଟନୀତି, ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଭାରତ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ରର ମାନ୍ୟତା ପାଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥା ଓ ବଜେଟ୍ ବ୍ୟୟବରାଦ ମଧ୍ୟ ବଳିଷ୍ଠ ହୋଇଛି। ତେଣୁ ତ୍ରିମୈତ୍ରୀ ବ୍ୟୂହ ଭେଦ କରିବାର ଶକ୍ତି ଭାରତ ପାଖରେ ରହିଛି। ତଥାପି ଯେତେବେଳେ ପଡ଼ୋଶୀମାନେ ଅସ୍ଥିରତା ସୃଷ୍ଟି କରନ୍ତି ସେତେବେଳେ ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହେବା ସହିତ ପ୍ରଗତି ବାଧାପ୍ରାପ୍ତ ହୁଏ। ଆଗକୁ ଭାରତ ଏଭଳି କିଛି ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଥିବା ଜଣାପଡୁଛି।

ଭାରତ ଆଗରେ ଏବେ ବହୁବିଧ ଆହ୍ୱାନ ରହିଛି, ଯାହାକୁ ସମ୍ମୁଖୀନ ହେବାରେ ଉପରୋକ୍ତ ତ୍ରିମୈତ୍ରୀ ମେଣ୍ଟ ବାଧା ସୃଷ୍ଟି କରିପାରନ୍ତି। ଉଦାହରଣତଃ, ଭାରତ ଇତିମଧ୍ୟରେ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମାର ବହୁ ପୂର୍ବରୁ ହାସଲ କରିସାରିଛି। ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ ଚାହିଦାର ୪୦% ଅଣ-ଜୀବାଶ୍ମ ଇନ୍ଧନରୁ ହାସଲ କରିବ ବୋଲି ୨୦୧୫ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିନାମାରେ ଭାରତ ସ୍ୱାକ୍ଷର କରିଥିବା ବେଳେ ୨୦୨୫ ଜୁନ୍ ସୁଦ୍ଧା ଉତ୍ପାଦନ ପରିମାଣ ମୋଟ ବିଦ୍ୟୁତ ଚାହିଦାର ୫୦ ପ୍ରତିଶତ ଅତିକ୍ରମ କରିସାରିଛି। ଭାରତ ପ୍ରାୟ ୫ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିସାରିଥିବାରୁ କାର୍ବନ ନିର୍ଗମନ ହ୍ରାସ ଓ ସବୁଜ ବିକାଶର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ। କିନ୍ତୁ ଅକ୍ଷୟଶକ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳତା ଦିଗରେ ଥିବା ମୁଖ୍ୟ ପ୍ରତିବନ୍ଧକ ହେଉଛି ଏହାର ଭଣ୍ଡାରଣ। ଅକ୍ଷୟ ଶକ୍ତିକୁ ଗଚ୍ଛିତ କରି ଠିକ୍ ସମୟରେ ବ୍ୟବହାର କରିବା ପାଇଁ ଯେଉଁ ବୈଜ୍ଞାନିକ ଓ ବୈଷୟିକ ଉପକରଣ ଆବଶ୍ୟକ ତାହାର ଆଧାର ବା କଞ୍ଚାମାଲ୍ ହେଉଛି ଲିଥିୟମ, ବିରଳ ମୃତ୍ତିକା, ଡିଏପି ଆଦି ରାସାୟନିକ ଉପାଦାନ। ଏଥିପାଇଁ ଭାରତ ଅଧିକାଂଶ ଚୀନ୍ ଉପରେ ନିର୍ଭରଶୀଳ ଥିବା ବେଳେ ବିରଳ ମୃତ୍ତିକା ଓ ଡିଏପିର ଭାରତ ରପ୍ତାନୀ ଅଂଶକୁ ଚୀନ୍ ବହୁ କାଣ୍ଟଛାଣ୍ଟ କରିଦେଇଛି। ତେଣୁ ଭାରତରେ ଅକ୍ଷୟ ଶକ୍ତି ଓ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ ନିରୁତ୍ସାହିତ ହୋଇପାରେ। ସେହିପରି ସେପଟେ ପାକିସ୍ତାନ କାଶ୍ମୀରରେ ଏବଂ ଏପଟେ ବାଂଲାଦେଶ ପଟୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ସୀମାପାର ଆତଙ୍କବାଦ ଓ ଅନୁପ୍ରବେଶ ସମସ୍ୟା ଉତ୍କଟ ହୋଇ ଭାରତର ଆଭ୍ୟନ୍ତରୀଣ ଶାନ୍ତି ବ୍ୟାହତ ହୋଇପାରେ।

ତେଣୁ କୁହାଯାଇପାରେ ଯେ ଭାରତ ପାଇଁ ଆଗକୁ ତ୍ରିମୈତ୍ରୀ ମେଣ୍ଟ ଭାରତର ଶାନ୍ତି, ପ୍ରଗତି, ସ୍ଥିରତା ସମେତ କୂଟନୈତିକ ଓ ବୈଦେଶିକ ନୀତି ପ୍ରତି ଏକ ବୃହତ୍ ଆହ୍ୱାନ ସୃଷ୍ଟି କରିଛି, ଯାହାର ପ୍ରଭାବ ସୁଦୂର ବିସ୍ତାରୀ ହେବା ନିଶ୍ଚିତ। ଏହାକୁ ପ୍ରତିହତ କରିବା ଲାଗି ସମୟୋପଯୋଗୀ ରଣନୀତିର ଆବଶ୍ୟକତା ଜରୁରୀ। ଚୀନ୍ ଓ ପାକିସ୍ତାନର ପଞ୍ଝାରୁ ବାଂଲାଦେଶକୁ ମୁକ୍ତ ରଖିବାକୁ ହେଲେ ଭାରତ ପରିସ୍ଥିତି ସହିତ ସାଲିସ୍ କରିବା ଦୂରଦର୍ଶୀର ପରିଚାୟକ ହେବ। ଚୀନ୍‌କୁ ମଧ୍ୟ ଭାରତର ବିଶାଳ ବଜାର ସମ୍ଭାବନା ବିଷୟରେ ପୁଣି ଥରେ ଚେତାଇ ଦେବାକୁ ପଡ଼ିବ। ଆଶା ଏଦିରେ ଜୟଶଙ୍କରଙ୍କ ଚୀନ୍ ଗସ୍ତ କିଛି ନୂଆ ସମ୍ଭାବନା ସୃଷ୍ଟି କରିବ।

## ଜୀବନର ଲକ୍ଷ୍ୟ: ମୃତ୍ୟୁ ନୁହଁ, ଅମୃତପ୍ରାପ୍ତି

**ମନୋରଞ୍ଜନ ମହାନ୍ତି**

ନିକଟରେ ଓଡ଼ିଶାର ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଜନୈକା ଛାତ୍ରୀ ନିର୍ଯାତନା, ଅବହେଳା ଓ ଅନ୍ୟାୟର ଶିକାର ହୋଇ ମାନସିକ ଭାରସମ୍ୟ ହରାଇ ଆତ୍ମାହୁତି ଦେଇ ମୃତ୍ୟୁବରଣ କରିଥିବା ଖବର ସାରା ଦେଶରେ ଚର୍ଚ୍ଚିତ ହୋଇଛି। କିଛିଦିନ ତଳେ ଓଡ଼ିଶାର ଜନୈକା ଛାତ୍ରୀ ପରୀକ୍ଷା ହଲ୍‌ରେ ଅପମାନିତ ହୋଇ ଆତ୍ମହତ୍ୟା କରିଥିବାର ଦୁଃଖଦ ଖବର ମଧ୍ୟ ଆସିଛି। ଏଭଳି ଘଟଣା କେବଳ ଶିକ୍ଷାନୁଷ୍ଠାନରେ ନୁହେଁ, ବରଂ ଗ୍ଲାମର, କର୍ପୋରେଟ୍ ଓ ଅନ୍ୟ କେତେକ ମର୍ଯ୍ୟାଦାପୂର୍ଣ୍ଣ ପେସାଦାର କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଗତବର୍ଷ କାମ ଚାପରେ ଜନୈକା ମହିଳା ଚାର୍ଟେଡ୍ ଆକାଉଣ୍ଟାଣ୍ଟ ଆତ୍ମହତ୍ୟା କରିଥିବା ବେଳେ କିଛିବର୍ଷ ତଳେ ଜଣେ ଲୋକପ୍ରିୟ ଉଦୀୟମାନ ଅଭିନେତା ଉତ୍କଟ ମାନସିକ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଖବର ହୃଦୟ ବିଦାରକ ଥିଲା। ଏସବୁ କ୍ଷେତ୍ରରେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହୁଏ। କିଛି ଲୋକ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ୍‌ମାନଙ୍କୁ ଈର୍ଷା କରୁଥିବା ଏବଂ ସେମାନଙ୍କ ପଥରୋଧ ପାଇଁ ଉଦ୍ୟମ କରୁଥିବା ଲକ୍ଷ୍ୟ କରାଯାଏ। ତା'ବୋଲି ପ୍ରତିଭାବାନ୍‌ମାନେ ବିଚଳିତ ହେବା, ମାନସିକ ଅବସାଦଗ୍ରସ୍ତ ହୋଇ ଜୀବନ ନାଶ କରିଦେବା ଆଦୌ ଠିକ୍ ନୁହେଁ। ବରଂ ଆତ୍ମବିଶ୍ୱାସର ସହିତ ଧୈର୍ଯ୍ୟ ଧରି ଜୀବନ-ସଂଗ୍ରାମରେ ନିରତ ହେବା ଉଚିତ।

ମହାଭାରତ ଯୁଦ୍ଧରେ ଅର୍ଜୁନ ବିଷାଦମଗ୍ନ ହୋଇଛନ୍ତି। ଆବ୍ରାହାମ୍ ଲିଙ୍କନ୍, ଏର୍‌ନେଷ୍ଟ ହେମିଂୱେ, ସିଗମଣ୍ଡ ଫ୍ରଏଡ୍, ମାଇକେଲ୍ ଫେଲ୍‌ପ୍ସ୍, ବ୍ରାଡ୍ ପିଟ୍, ଜେ.କେ. ରାଓଲିଂ, ଲେଡି ଗାଗା ପ୍ରମୁଖଙ୍କ ଜୀବନରେ କିଛି ସମୟ ଅବସାଦର ଅନୁଭବ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଆତ୍ମବିଶ୍ୱାସ ବଳରେ ସେମାନେ ସେଥିରୁ ମୁକୁଳି ଆସିଛନ୍ତି ଏବଂ ଜୀବନ-ଯୁଦ୍ଧରେ ବିଜୟୀ ହୋଇଛନ୍ତି। ରିଲାଏନ୍ସ୍ କମ୍ପାନୀର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ, ୱିପ୍ରୋ ପ୍ରତିଷ୍ଠାତା ଅଜିମ୍ ପ୍ରେମ୍‌ଜୀ, ଆଦାନୀ ଗ୍ରୁପ୍‌ର ଗୌତମ ଆଦାନୀ, ଫେସ୍‌ବୁକ୍‌ର ପ୍ରତିଷ୍ଠାତା ମାର୍କ୍ ଯୁକରବର୍ଗ, ମାଇକ୍ରୋସଫ୍ଟର ବିଲ୍ ଗେଟ୍ସ୍, ଆପଲ୍‌ର ପ୍ରତିଷ୍ଠାତା ଷ୍ଟିଭ୍ ଜବ୍‌ସ୍ ପ୍ରମୁଖ କଲେଜର ପାଠପଢ଼ା ଛାଡ଼ି ଦେଇଥିଲେ। ଆଲବର୍ଟ ଆଇନ୍‌ଷ୍ଟାଇନ୍ ଛାତ୍ର ଜୀବନରେ କେମେଷ୍ଟ୍ରି ଓ ବାୟୋଲୋଜି ପରୀକ୍ଷାରେ ଫେଲ୍ ହେଇଥିଲେ। ଛାତ୍ରାବସ୍ଥାରେ ନିଉଟନ୍‌ଙ୍କ ପାଠପଢ଼ା ଅତି ନିମ୍ନ ମାନର ଥିଲା ବୋଲି ଶିକ୍ଷକମାନେ କହୁଥିଲେ। କ୍ରିକେଟର୍ ସଚିନ୍ ତେନ୍ଦୁଲକର୍, ଚଳଚ୍ଚିତ୍ର ତାରକା ଅମୀର ଖାଁ, ଦୀପିକା ପାଦୁକୋନ୍ ପ୍ରମୁଖ ସ୍କୁଲ ଶିକ୍ଷା ଛାଡ଼ି କ୍ରିକେଟ୍ ଓ ଚଳଚ୍ଚିତ୍ରରେ ନିଜ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ। କେବଳ ଗଭୀର ଆତ୍ମବିଶ୍ୱାସ, ଏକାଗ୍ରତା ଓ ସାଧନା ବଳରେ ସେମାନେ ସମସ୍ତେ ନିଜ ନିଜ କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ସମର୍ଥ ହୋଇପାରିଲେ।

ମଣିଷର ଜୀବନରେ ଆତ୍ମବିଶ୍ୱାସ ସବୁଠାରୁ ବଡ଼ କଥା। ଆତ୍ମବିଶ୍ୱାସ ହିଁ ମଣିଷକୁ ସକାରାତ୍ମକ ଦୃଷ୍ଟିସମ୍ପନ୍ନ କରେ। ବୈଜ୍ଞାନିକ ଟମାସ୍ ଏଡିସନ୍ ଯେକୌଣସି ବିଷୟରେ ବାରମ୍ବାର ପରୀକ୍ଷା କଲା ପରେ କହୁଥିଲେ, 'ମୁଁ ବିଫଳ ହୋଇନାହିଁ; ମୋ ଆଖି ଆଗରେ ମୁଁ ଦଶହଜାର ବାଟ ଦେଖିବାକୁ ପାଇଛି, ମୋତେ ଆହୁରି ପରୀକ୍ଷା କରିବାକୁ ହେବ।' ବାରମ୍ବାର ବିଫଳ ହୋଇ ମଧ୍ୟ 'ବିଫଳ ହୋଇଛି' ବୋଲି ସେ କେବେ କହୁନଥିଲେ, ପ୍ରତ୍ୟେକ ବିଫଳତା ତାଙ୍କୁ ଗୋଟିଏ ଗୋଟିଏ ନୂଆ ନୂଆ ବାଟ ଦେଖାଇ ଦେଉଥିଲା, ଆହୁରି ଉତ୍ସାହରେ ସେ ପ୍ରଚେଷ୍ଟା ଜାରି ରଖିଥିଲେ ସଫଳତା ପାଇବା ପର୍ଯ୍ୟନ୍ତ।

ଡ. ଫ୍ରାନ୍‌ସିସ୍ କଲିନ୍ସ ହେଉଛନ୍ତି ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ। ବିଜ୍ଞାନ ଓ ବିଶ୍ୱାସର ପରିପୂରକତ୍ୱ ସମ୍ପର୍କରେ ଗବେଷଣା କରି ୨୦୨୦ ବର୍ଷରେ ସେ ପାଇଛନ୍ତି ଜନ୍ ଟେମ୍ପଲ୍‌ଟନ୍ ପୁରସ୍କାର। ସେ ଲେଖିଥିବା ବହି 'ଦି ଲାଙ୍ଗୁଏଜ୍ ଅଫ୍ ଗଡ୍: ଏ ସାଇଣ୍ଟିଷ୍ଟ ପ୍ରେଜେଣ୍ଟସ୍ ଏଭିଡେନ୍ସ ଫର୍ ବିଲିଫ୍' ଏବେ ପୃଥିବୀରେ ବହୁସଂଖ୍ୟାରେ ବିକ୍ରି ହେଉଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଜ୍ଞାନ ପ୍ରଶ୍ନ ପଚାରେ 'କିପରି?' ଯଥା 'ଜିନ୍‌ଗୁଡ଼ିକ ପ୍ରୋଟିନ୍ ପାଇଁ କିପରି କୋଡିଂ ହୁଅନ୍ତି?' ଅଥଚ ବିଶ୍ୱାସ ପଚାରେ 'କାହିଁକି?'। ଯଥା 'ଶୂନ୍ୟ ପରିବର୍ତ୍ତେ କିଛି କାହିଁକି ଅଛି? ଗଡ୍(ଈଶ୍ୱର) କାହିଁକି ଅଛନ୍ତି?' ଇତ୍ୟାଦି। ଏତଦ୍ୱାରା ସେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ବିଜ୍ଞାନ ଓ ବିଶ୍ୱାସ ପରସ୍ପର ପରିପୂରକ। ଜଣେ ଖ୍ରୀଷ୍ଟିୟାନ୍ ଭାବରେ ସେ ବିଶ୍ୱାସ କରନ୍ତି ଆମେ ମଣିଷମାନେ ସ୍ୱତନ୍ତ୍ର ପ୍ରାଣୀ, ଯାହାଙ୍କର ଗଡ୍‌ଙ୍କ ସହିତ ଏକ ସ୍ୱତନ୍ତ୍ର ସମ୍ବନ୍ଧ ରହିଛି। କେତେକ କହନ୍ତି, ବିବର୍ତ୍ତନ ଏକ ତତ୍ତ୍ୱ ମାତ୍ର। କିନ୍ତୁ ଡ. କଲିନ୍‌ସଙ୍କ ମତରେ ମାଧ୍ୟାକର୍ଷଣ ଭଳି ବିବର୍ତ୍ତନ ଏକ ସୁପ୍ରତିଷ୍ଠିତ ତତ୍ତ୍ୱ। ଗଡ୍ ୧୪୦୦ କୋଟି ବର୍ଷ ତଳେ ବସ୍ତୁ, ଶକ୍ତି ଓ ପ୍ରାକୃତିକ ନିୟମଗୁଡ଼ିକ ସହିତ ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କଲେ। ତା'ପରେ ସୃଷ୍ଟି ହେଲେ ପ୍ରାଣୀମାନେ। ସ୍ରଷ୍ଟା ଗଡ୍ ସ୍ଥାନ ଓ ସମୟରେ ସୀମିତ ନୁହନ୍ତି। ଆମେ ମଣିଷମାନେ ସେହି 'ଅସୀମ'ଙ୍କୁ ବସ୍ତୁ, ଶକ୍ତି, ପ୍ରାକୃତିକ ନିୟମ ଓ ପ୍ରାଣୀମାନଙ୍କ ମଧ୍ୟରେ ଉପଲବ୍ଧି କରିପାରିବା, ଯେହେତୁ ମଣିଷର ଶକ୍ତି ଅସୀମ। ନିଜର ଅସୀମ ଶକ୍ତିକୁ ଉପଲବ୍ଧି କଲେ ଯାଇ ମଣିଷ ଆଉ ମାନସିକ ଅବସାଦ, ନୈରାଶ୍ୟରେ ଆକ୍ରାନ୍ତ ହେବ ନାହିଁ, ଜୀବନ ନାଶ କରିବାର କଠୋର ନିଷ୍ପତ୍ତି ନେବ ନାହିଁ। ଡ. କଲିନ୍ସ ଜଣେ ଡାକ୍ତର, ବୈଜ୍ଞାନିକ, ଅଧ୍ୟାତ୍ମବାଦୀ ହେବା ସହିତ ଜଣେ ସଙ୍ଗୀତଜ୍ଞ ମଧ୍ୟ। ତାଙ୍କ ମତରେ, ସଙ୍ଗୀତ ମଣିଷର ଚେତନାକୁ ବହୁ ଉର୍ଦ୍ଧ୍ୱକୁ ଉତ୍ତୋଳନ କରାଇ ପାରିବ। ସଙ୍ଗୀତ ଚିକିତ୍ସା (ମ୍ୟୁଜିକ୍ ଥେରାପି) ଜରିଆରେ ପି.ଟି.ଏସ୍.ଡି (ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡ଼ର୍), ପାର୍କିନ୍‌ସନ୍ ରୋଗ, ଉତ୍କଟ ଯନ୍ତ୍ରଣା, ଅବସାଦ, ନୈରାଶ୍ୟ ଇତ୍ୟାଦିକୁ ଲାଘବ କରାଯାଇପାରିବ। ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କିଛି ସ୍ନାୟୁ-ବିଜ୍ଞାନୀ (ନ୍ୟୁରୋସାଇଣ୍ଟିଷ୍ଟ), ସଙ୍ଗୀତଜ୍ଞ (ମ୍ୟୁଜିସିଆନ୍), ସଙ୍ଗୀତ ଜରିଆରେ ଚିକିତ୍ସା କରୁଥିବା ଚିକିତ୍ସକ (ମ୍ୟୁଜିକ୍ ଥେରାପିଷ୍ଟ)ମାନଙ୍କୁ ନେଇ ଏ ଦିଗରେ ଅଧିକତର ଗବେଷଣା ଜାରି ରଖିଛି।

ଆମେରିକାର ରବର୍ଟ ଥରମାନ୍ ହେଉଛନ୍ତି ପ୍ରଥମ ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀ। ଜଟିଳ ତିବ୍ବତୀୟ ବୌଦ୍ଧ ସାହିତ୍ୟକୁ ସେ ଇଂରାଜୀରେ ଅନୁବାଦ କରିଛନ୍ତି। ନ୍ୟୁୟର୍କସ୍ଥିତ ତିବ୍ବତ ଭବନର ପ୍ରତିଷ୍ଠାତା ସଭାପତି ସେ। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଇଣ୍ଡୋ ତିବ୍ବତୀୟ ବୌଦ୍ଧ ସାହିତ୍ୟରେ ଅଧ୍ୟାପନା କରନ୍ତି। ୨୦୧୯ ବର୍ଷରେ ଭାରତ ଭ୍ରମଣରେ ଆସିଥିଲା ବେଳେ ଏକ ସାକ୍ଷାତ୍‌କାରରେ ସେ କହିଥିଲେ ଯେ, ବୌଦ୍ଧ ଚିକିତ୍ସା ପଦ୍ଧତି ଆୟୁର୍ବେଦ ସହିତ ସମାନ୍ତରାଳ। 'ଆୟୁ'ର ଅର୍ଥ 'ଦୀର୍ଘ ଜୀବନ'। ସବୁବେଳେ ବ୍ୟଗ୍ର, ବିଚଳିତ, ମାନସିକ ଅବସାଦଗ୍ରସ୍ତ, ନୈରାଶ୍ୟ-ଜର୍ଜରିତ ମଣିଷକୁ ବାର୍ଦ୍ଧକ୍ୟ ଖୁବ୍ ଶୀଘ୍ର ଗ୍ରାସ କରିଯାଏ। ଅବସାଦ, ନୈରାଶ୍ୟ ହେଉଛି ମଣିଷର ଅନ୍ତର୍ନିହିତ ଶତ୍ରୁ। ସେହି ଶତ୍ରୁକୁ ଦମନ କଲେ ଯାଇ ମଣିଷ-ଶରୀରର କୋଷ ଓ ମାଇକ୍ରୋଅର୍ଗାନିଜମ୍‌ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରେ, ମଣିଷ ଆନନ୍ଦ ଅନୁଭବ କରେ ଓ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିପାରେ। ୫୩ବର୍ଷ ଧରି ବୈବାହିକ ଜୀବନଯାପନ କରିଥିବା ଥର୍‌ମାନ୍ ଭାରତୀୟ ଓ ତିବ୍ବତୀୟ ତନ୍ତ୍ର ସାହିତ୍ୟର ସୂଚନା ଦେବା ସହିତ 'ବିମଳାକୀର୍ତ୍ତି ସୂତ୍ର'ରେ ବର୍ଣ୍ଣିତ ଦେବୀ ପ୍ରଜ୍ଞା ପାରମିତା ଓ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଉଦାହରଣ ଦେଇ କହିଲେ ଯେ, ମଣିଷ ଅସୀମ ଶକ୍ତି ଧାରଣ କରିଛି। ତେବେ ଅବସାଦ, ନୈରାଶ୍ୟ ବଳରେ ନୁହଁ, କେବଳ ଆନନ୍ଦ ଓ ବିଶ୍ୱାସ ବଳରେ ହିଁ ସେହି ଶକ୍ତିକୁ ଉପଲବ୍ଧି କରି ହେବ, ଉପଯୁକ୍ତ ଭାବରେ ଉପଯୋଗ କରି ଯାବତୀୟ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିଯାଇ ହେବ। ଆତ୍ମବିଶ୍ୱାସ ହିଁ ଭଗବତ୍ ବିଶ୍ୱାସ, ଯାହା ବଳରେ ମଣିଷ ଜୀବନକୁ ଭଲପାଇବ, ଜଗତରେ ତା'ର ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ ପ୍ରେରଣାଟିଏ ପାଇବ ଏବଂ ମୁକ୍ତକଣ୍ଠରେ ସ୍ୱୀକାର କରିବ ଯେ, ମୃତ୍ୟୁ ନୁହଁ, ଅମୃତ ପ୍ରାପ୍ତି ହିଁ ତା' ଜୀବନର ସର୍ବଶେଷ ଲକ୍ଷ୍ୟ।

କୌଣସି କ୍ଷେତ୍ରରେ ଜଣେ ପ୍ରତିଭାବାନ୍ ମଣିଷ ଅନ୍ତତଃ ଏତିକି ସ୍ମରଣ ରଖିଲେ ଯାଇ କାହାରି ଈର୍ଷା, ସହଯୋଗ, ନିର୍ଯାତନା, ଅପମାନ ଓ ଅସହିଷ୍ଣୁତାରେ ଆଦୌ ବିଚଳିତ ହେବ ନାହିଁ, ନିଜ ଜୀବନ ନାଶ କରିବାର ନିଷ୍ପତ୍ତି ନେବ ନାହିଁ, ବରଂ ସିଦ୍ଧିର ଅମୃତମୟ ସୋପାନକୁ ସ୍ପର୍ଶ କରିବାକୁ ଅଧିକରୁ ଅଧିକ ସାଧନାରେ ପ୍ରବୃତ୍ତ ହେବ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଆମ କୃଷକ କେତେ ସଶକ୍ତ?

**କମଳା ପ୍ରସାଦ ମହାପାତ୍ର**

ଅଦ୍ୟାବଧି କୃଷି କ୍ଷେତ୍ରରେ ଆମ ଦେଶ ଅପାର ସଫଳତା ହାସଲ କରିବାରେ ସକ୍ଷମ ହୋଇପାରିଛି। ଏହି ସଫଳତାର ଶ୍ରେୟ ସରକାରଙ୍କୁ ଯେତିକି ଯାଉଛି ତା' ଠାରୁ ଅଧିକ ଯାଏ କୃଷି ବୈଜ୍ଞାନିକ ଏବଂ ସଚେତନ କୃଷକ ସମାଜକୁ। କିନ୍ତୁ ଆଜିର ଦିନରେ ଯଦି ପ୍ରଶ୍ନ ହୁଏ କୃଷିକୁ ଜଣେ ବ୍ୟକ୍ତି ବୃତ୍ତି ରୂପେ ଗ୍ରହଣ କରେ ତେବେ ତା' ପାଇଁ କ'ଣ ସୁଯୋଗ ରହିଛି? ଏହାର ନିର୍ଭରଯୋଗ୍ୟ ଉତ୍ତର ମିଳିବ ନାହିଁ। କୃଷିକୁ ବୃତ୍ତି କରି ତିଷ୍ଠି ରହିବାକୁ ହେଲେ କେତେକ ମୌଳିକ ପ୍ରସଙ୍ଗରେ ଧ୍ୟାନ ଦେବାକୁ ହୋଇଥାଏ। ଯଥା ଉନ୍ନତ କୃଷି ପ୍ରଣାଳୀ, ବୈଜ୍ଞାନିକ ପଦ୍ଧତିରେ ଚାଷ, ଉନ୍ନତ ମାନର ଯନ୍ତ୍ରପାତି, ଉନ୍ନତ ବିହନ, ଜଳସେଚନ, ଶୀତଳ ଭଣ୍ଡାର ଆଦିର ଆବଶ୍ୟକତା ପଡ଼ିଥାଏ। ପାରମ୍ପରିକ ରୀତିରେ ଚାଷ କଲେ ଜଣେ କୃଷକ ଅନେକ କ୍ଷତିର ସମ୍ମୁଖୀନ ହୋଇଥାଏ। ଯଦି ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ପରିସ୍ଥିତି ଉପୁଜେ ତେବେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ବିପୁଳ ଆର୍ଥିକ କ୍ଷତି ସହି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥା'ନ୍ତି। ଯଦିଓ ସରକାର ଚାଷ ଓ ଚାଷୀର କଲ୍ୟାଣ ପାଇଁ ଅନେକ ଯୋଜନା ଗ୍ରହଣ କରିଛନ୍ତି ଏବଂ ଅନେକ ଆର୍ଥିକ ଓ ବୈଷୟିକ ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦେଉଛନ୍ତି କିନ୍ତୁ ରୂପାୟନରେ ତ୍ରୁଟି ଯୋଗୁଁ ତାହା ଫଳପ୍ରଦ ହେଉନାହିଁ।

କେବଳ ଓଡ଼ିଶା କଥା ଦେଖାଯାଉ। ଏବେ ଆମ ରାଜ୍ୟର ଯୁବପିଢ଼ି କୃଷିକୁ ବୃତ୍ତି ରୂପେ ଗ୍ରହଣ କରିବାକୁ ନାପସନ୍ଦ କରିବା ପଛରେ ଅନେକ କାରଣ ରହିଛି। କେବଳ ଗତ ଏକବର୍ଷର ସ୍ଥିତି ଉପରେ ଦୃଷ୍ଟି ପକାଯାଉ। ରାଜ୍ୟ ସରକାର କୃଷକ ସଶକ୍ତୀକରଣ ଓ ଓଡ଼ିଆ ଅସ୍ମିତା ନାରା ଦେଇ ନିର୍ବାଚନ ବୈତରଣୀ ପାର ହେଲେ ସତ, ମାତ୍ର ବିଗତ ପ୍ରାୟ ବାର ମାସ ମଧ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ସେପରି କିଛି ଆଖିଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି।

କୃଷି କ୍ଷେତ୍ରରେ ଚରମ ସରକାରୀ ଉଦାସୀନତା ସାମନାକୁ ଆସୁଛି। ଧାନ ମଣ୍ଡି କଥା ଆଗେ ବିଚାରକୁ ନେବା। ନିର୍ବାଚନରେ ସରକାର ଘୋଷଣା କଲେ ଧାନ ବିକ୍ରୟ ସହାୟକ ମୂଲ୍ୟ ପୁନଃ ନିର୍ଦ୍ଧାରଣ ହେବ। କୁଇଣ୍ଟାଲ ପିଛା ଜଣେ ଚାଷୀକୁ ୨୩୦୦ ଟଙ୍କା ସହ ରାଜ୍ୟ ସରକାରଙ୍କ ତରଫରୁ ରିହାତି ଆକାରରେ ୮୦୦ ଟଙ୍କା - ଏହିପରି କୁଇଣ୍ଟାଲ୍ ପିଛା ସର୍ବମୋଟ ୩୧୦୦ ଟଙ୍କା ମିଳିବ। ମଣ୍ଡିରେ ସବୁପ୍ରକାର ବ୍ୟବସ୍ଥା କରାଯିବ, କୌଣସି କଟ୍‌ନି ଛଟନି ହେବ ନାହିଁ। ଅଖାର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯିବ। ଧାନ ବିକ୍ରି ବାବଦ ମୂଲ୍ୟ ୨୪ ଘଣ୍ଟାରେ ଚାଷୀ ବ୍ୟାଙ୍କଖାତାକୁ ଯିବ ଇତ୍ୟାଦି। ଆଳୁ ପିଆଜ ସମସ୍ୟା ଆମ ରାଜ୍ୟରେ ଉପୁଜିବ ନାହିଁ କିମ୍ବା ଆମକୁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ନାହିଁ। ପିଆଜ ଓ ଆଳୁ ଚାଷକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଉନ୍ନତ ମାନର ବିହନ ବ୍ଲକ ଜରିଆରେ ସୁଲଭ ମୂଲ୍ୟରେ ପ୍ରଦାନ କରାଯିବ। ପ୍ରତି ଜିଲ୍ଲାରେ ଅନ୍ୟୂନ ଗୋଟିଏ ବା ସ୍ଥଳବିଶେଷରେ ଦୁଇଟି ଉଚ୍ଚକ୍ଷମତା ସମ୍ପନ୍ନ ଶୀତଳଭଣ୍ଡାର ସ୍ଥାପନ କରାଯିବ। ନିର୍ବାଚନ ପୂର୍ବରୁ ଏଭଳି ଯେଉଁ ପ୍ରତିଶ୍ରୁତିର ପାହାଡ଼ ଜନସାଧାରଣଙ୍କ ପାଖରେ ରଖା ଯାଇଥିଲା, ନିର୍ବାଚନ ପରେ ସେହି ପ୍ରତିଶ୍ରୁତିଗୁଡ଼ିକ କେବଳ ପ୍ରହସନ ବୋଲି ଜଣାପଡ଼ିଛି।

ଧାନ ସଂଗ୍ରହ ସମୟରେ ମିଲରମାନଙ୍କ ମନମାନୀ, ଯୋଗାଣ ବିଭାଗ ଅଧିକାରୀ ସମବାୟ ସମିତି ଅଧିକାରୀମାନଙ୍କ ଉଦାସୀନତା ଯୋଗୁଁ କୃଷକମାନେ ହତାଶ ହେଲେ। ଗତ ଡିସେମ୍ବର ମାସରେ ଲଗାଣ ବର୍ଷାରେ ଚାଷୀମାନଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଲା। ସରକାରୀ ସ୍ତରରେ କ୍ଷତିପୂରଣ ଘୋଷଣା ହେଲା। କ୍ଷତିପୂରଣ ଦେବା ତ ଦୂରର କଥା ଫସଲ କ୍ଷୟକ୍ଷତି ଆକଳନ କରିବାକୁ ମଧ୍ୟ କୃଷି ବିଭାଗ ବା ରାଜସ୍ୱ ବିଭାଗ ଅଧିକାରୀ ଯାଇ ନଥିବା ଅଭିଯୋଗ ହେଉଛି। ଅନ୍‌ଲାଇନ ପୋର୍ଟାଲ ଓ ଟୋଲ ଫ୍ରି ନମ୍ବରରେ ପଞ୍ଜୀକରଣ କରିବାକୁ ଜଣାଇ ସରକାର ଚୁପ୍‌ଚାପ ବସିଗଲେ। ସେହି ଅନ୍‌ଲାଇନ୍ ପୋର୍ଟାଲ ଖୋଲିଲା ନାହିଁ କି ସେ ଟୋଲ ଫ୍ରି ଫୋନ ନମ୍ବର ଲାଗିଲା ନାହିଁ। ସବୁସମୟରେ ବ୍ୟସ୍ତ ଅଛି ବୋଲି ଉତ୍ତର ମିଳିଲା। ଏହା ହେଲା ରାଜ୍ୟ ସରକାରଙ୍କର କୃଷକମାନଙ୍କ ପ୍ରତି ଦିଆଯାଇଥିବା ପ୍ରତିଶ୍ରୁତି। ଏହି ବ୍ୟବସ୍ଥାରେ କୃଷକମାନେ କେତେ ସଶକ୍ତ ହୋଇପାରିବେ ଏବଂ ଯୁବ ପିଢ଼ି ଶିକ୍ଷା ସମାପନ କଲା ପରେ କୃଷିକୁ ବୃତ୍ତି ରୂପେ ଆପଣେଇବାକୁ କେତେ ଆଗ୍ରହ ପ୍ରକାଶ କରିବେ, ତାହା ବିଚାର୍ଯ୍ୟ।

ବାସ୍ତବ କ୍ଷେତ୍ରରେ ଦେଖିବା ସରକାରଙ୍କ ଲୋଭନୀୟ ଗୋଲାପୀ ପ୍ରତିଶ୍ରୁତି କେତେ କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳିତ ହୋଇଛି। ଧାନ ମଣ୍ଡି ଟୋକନ୍ ଆସିବା ବେଳେ ଯେଉଁ ତାରିଖ ବା ଦିନ ଧାର୍ଯ୍ୟ କରାଯାଇଥାଏ, ତା'ର ପ୍ରାୟ ଏକ ମାସ ପରେ ଧାନ ବିକ୍ରି କରିବାର ସୁଯୋଗ ମିଳେ। କାରଣ ପଚାରିଲେ ଉତ୍ତର ମିଳେ ମିଲର ଗାଡ଼ି ପଠାଇବାରେ ବିଳମ୍ବ ହେଉଛି। ଜଣେ ଚାଷୀକୁ ଅନୁଭବ ହୁଏ ଯେପରି ମିଲର ଦୟା ପ୍ରଦର୍ଶନ କରି ଧାନ ସଂଗ୍ରହ କରୁଛି ଏବଂ ଧାନ ମୂଲ୍ୟ ଖଇରାତ ଦାନ ସୂତ୍ରରେ ଚାଷୀଙ୍କୁ ପ୍ରଦାନ କରୁଛି। ମିଲରଙ୍କ ଟ୍ରକ ଆସିବା ପରେ ଧାନ ଓଜନ କରିବାକୁ ବସ୍ତା ପିଛା ୨୫ ଟଙ୍କା ଦେବାକୁ ହୁଏ। ଧାନର ମାନ ପରୀକ୍ଷଣ କଲା ବେଳେ ବସ୍ତା ପିଛା ପ୍ରାୟ ଅଧା କିଲେ ଧାନ ଚାଷୀକୁ ହରାଇବାକୁ ପଡ଼େ। ତା' ପରେ ପ୍ରତି କୁଇଣ୍ଟାଲ ଧାନରେ ୪ କିଲୋ କଟନି ଛଟନିରେ ମଜୁରୀ ଦେବାକୁ ହୁଏ। ଅର୍ଥାତ୍ ୧୦୦ କିଲୋ ଧାନରୁ ଚାଷୀକୁ ୯୬ କିଲୋ ଧାନର ମୂଲ୍ୟ ମିଳେ। ଧାନ ବିକ୍ରି ଅର୍ଥ ପଇଠ କରିବାକୁ ଯେଉଁ ୨୪ ଘଣ୍ଟା ଧାର୍ଯ୍ୟ କରାଯାଇଥିଲା ତାହା ପାଣିର ଗାର ସାବ୍ୟସ୍ତ ହେଲା। ଧାନ ମୂଲ୍ୟ ପୈଠ ହେବାକୁ ଅନ୍ୟୂନ ଏକ ସପ୍ତାହ ସମୟ ଲାଗୁଛି। ଆଳୁ ପିଆଜ ବିହନ ବ୍ଲକ ମାଧ୍ୟମରେ ଏପର୍ଯ୍ୟନ୍ତ ଉପଲବ୍ଧ ହେଉନାହିଁ। ଜିଲ୍ଲାସ୍ତରୀୟ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ କୌଣସି ସର୍ବେକ୍ଷଣ, ସ୍ଥାନ ନିର୍ଦ୍ଧାରଣ ଏପର୍ଯ୍ୟନ୍ତ କରାଯାଇ ନାହିଁ।

ଚବିଶ ବର୍ଷର ସରକାରକୁ ହଟାଇ ଯେଉଁ ପ୍ରଗତିର ସ୍ୱପ୍ନ ଦେଖି ରାଜ୍ୟବାସୀ ନୂତନ ସରକାରଙ୍କୁ ଗାଦିନସୀନ କରାଇଥିଲେ ସେଥିରୁ ପାଇଲେ କ'ଣ? କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ। ବିଶ୍ୱସନୀୟତା ହାସଲ କରିବାକୁ ହେଲେ ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟରେ ରୂପାୟନ କରିବାର ଆବଶ୍ୟକତା ରହିଛି।

ଜଗତସିଂହପୁର, ମୋ: ୭୩୮୧୦୭୩୧୩୬

## ହାଡ଼ଯୋଡ଼ା ହନୁମାନ

**ଓଜସ୍ୱିନୀ**

କୌଣସି ଦୁର୍ଘଟଣା କିମ୍ବା କ୍ୟାଲସିୟମ୍ ଅଭାବରେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ କିମ୍ବା ଅଷ୍ଟିଓପୋରୋସିସ୍ ନାମକ ରୋଗାକ୍ରାନ୍ତ ହୋଇଥିଲେ ଶରୀରର ହାଡ଼ ଭାଙ୍ଗିଯାଏ। ଏହା ଅତ୍ୟନ୍ତ କଷ୍ଟଦାୟକ ଏବଂ ଏହାର ଚିକିତ୍ସା ମଧ୍ୟ ବ୍ୟୟସାପେକ୍ଷ। ବର୍ତ୍ତମାନର ଚିକିତ୍ସା ବିଜ୍ଞାନ ଏ କ୍ଷେତ୍ରରେ ଅନେକ ଅଗ୍ରଗତି କରିଛି, ଯାହାଦ୍ୱାରା ହାଡ଼ଜନିତ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରୁଛି। କିନ୍ତୁ ବିଜ୍ଞାନର ବିକାଶ ସତ୍ତ୍ୱେ ମଣିଷ ଭଗବାନଙ୍କ ଶରଣାପନ୍ନ ହେଉଛି। ଏମିତିକି ଭଗବତ୍ ବିଶ୍ୱାସ ଯୋଗୁଁ ଭଙ୍ଗା ହାଡ଼ ମଧ୍ୟ ଯୋଡ଼ି ହୋଇ ଯାଉଛି ଏବଂ ଯନ୍ତ୍ରଣା ନିମିଷେକ ଦୂର ହୋଇଯାଉଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଭାରତରେ ରାମଭକ୍ତ ହନୁମାନଙ୍କର ଏଭଳି ଗୋଟିଏ ଚମତ୍କାରୀ ମନ୍ଦିର ଅଛି, ଯେଉଁଠି ଭଙ୍ଗାହାଡ଼କୁ ଯୋଡ଼ି ଦେବା ସହିତ ଯନ୍ତ୍ରଣାମୁକ୍ତ କରିବା ପାଇଁ ରୋଗୀମାନେ ପ୍ରାର୍ଥନା କରିଥା'ନ୍ତି ଏବଂ ରୁଦ୍ରାବତାର ଆଶୁତୋଷ ହନୁମାନଙ୍କ କୃପା ଯୋଗୁଁ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।

ମଧ୍ୟପ୍ରଦେଶର କଟନି ଜିଲ୍ଲାର ରିଠି ତହସିଲ୍ ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ମୁହାସ୍ ଗାଁରେ ଏହି ହନୁମାନ ମନ୍ଦିର ରହିଛି। ମନ୍ଦିରର ଚମତ୍କାରିତା ଦେଶବିଦେଶରେ ଚର୍ଚ୍ଚିତ। ଏପରିକି ରୋଗୀମାନେ ଷ୍ଟ୍ରେଚର୍‌ରେ ମନ୍ଦିରକୁ ଆସିଥା'ନ୍ତି ଏବଂ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରନ୍ତି। ତେଣୁ ଏହି ମନ୍ଦିର 'ହାଡ଼ଯୋଡ଼ା ହନୁମାନ' ବା ସ୍ଥାନର ନାମାନୁସାରେ 'ରିଠି ହନୁମାନ' ମନ୍ଦିର ଭାବେ ପ୍ରସିଦ୍ଧି ଲାଭ କରିଛି। ରୋଗୀମାନେ ଭକ୍ତି ଓ ବିଶ୍ୱାସର ସହିତ ହନୁମାନଙ୍କୁ ଶ୍ରଦ୍ଧାପୂର୍ବକ ପ୍ରାର୍ଥନା କରିବା ସହିତ ଅବିରତ ରାମନାମ ସ୍ମରଣ ବା ଉଚ୍ଚାରଣ କରିବା ପାଇଁ ମନ୍ଦିରର ପୂଜାରୀ ରୋଗୀକୁ କହିଥା'ନ୍ତି। ଏଭଳି ନାମ ସ୍ମରଣ କରୁଥିବା ସମୟରେ ପୂଜାରୀ ନିଜ ହାତରେ ପ୍ରସ୍ତୁତ କରିଥିବା ଜଡ଼ିବୁଟି ଶରୀରରେ ଲେପ ଦେଇଥା'ନ୍ତି ଏବଂ କିଛି ଜଡ଼ିବୁଟି ସେବନ କରିବାକୁ ଦେଇଥା'ନ୍ତି। ହନୁମାନଙ୍କ କୃପାପୂର୍ବକ ଅବିଳମ୍ବେ ରୋଗୀର ଯନ୍ତ୍ରଣା ଦୂର ହୁଏ ଏବଂ ଭଙ୍ଗା ହାଡ଼ ଯୋଡ଼ି ହୋଇଯାଏ। ଅନ୍ୟ କେତେଜଣ ଗମ୍ଭୀର ରୋଗୀଙ୍କୁ ଦୁଇରୁ ତିନିଥର ମନ୍ଦିରକୁ ଆସି ଚିକିତ୍ସିତ ହେବା ପାଇଁ ମନ୍ଦିରର ପୂଜାରୀ ଉପଦେଶ ଦେଇଥା'ନ୍ତି। ଏହାସହିତ କିଛିଦିନ ସେମାନଙ୍କୁ ଘରେ ରହି ବିଶେଷ ଦିନଚର୍ଯ୍ୟା ଓ ଖାଦ୍ୟପେୟର ନିୟମ ପାଳନ କରିବା ସହିତ ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ଯେଉଁ ରୋଗୀମାନେ ବସି ପାରନ୍ତି ନାହିଁ, ସେମାନେ ଶୋଇରହି ରାମନାମ ଜପ କରିବାକୁ ପରାମର୍ଶ ଦିଆଯାଏ। ପ୍ରତିଦିନ ଅନେକ ରୋଗୀ ଏଠାକୁ ଆସୁଥିଲେ ହେଁ ମଙ୍ଗଳବାର ଓ ଶନିବାର ଦିନ ଏଠାରେ ବିଶେଷ କୃପା ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ମନ୍ଦିରର ମହିମା ହେଉଛି ଯେ, ମନ୍ଦିର ଭିତରେ ରହି ରାମନାମ ସ୍ମରଣ କରୁଥିବା ସମୟରେ ଏହି ଜଡ଼ିବୁଟି ପ୍ରଭାବଶାଳୀ ହୋଇଥାଏ। ଯଦି ରୋଗୀ ବା ରୋଗୀର ସମ୍ପର୍କୀୟ ଏହାକୁ ନିଜ ଘରେ ଉପଯୋଗ କରନ୍ତି, ତା'ହେଲେ ଫଳପ୍ରଦ ହୋଇନଥାଏ।

### ବିଶ୍ୱାସ ଓ ବିଜ୍ଞାନ

ରାମଭକ୍ତ ହନୁମାନଙ୍କର ନାମ ହାଡ଼ଯୋଡ଼ା ହନୁମାନ କିଭଳି ହେଲା ଏ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। ବର୍ତ୍ତମାନ ସେଠାରେ ଯେଉଁ ପୂଜାରୀ ଅଛନ୍ତି, ତାଙ୍କର ବାପାଙ୍କୁ ଜଣେ ସନ୍ନ୍ୟାସୀ ଜଡ଼ିବୁଟି ଦେଇ ଗାଁ ଲୋକଙ୍କର ସେବା କରିବା ପାଇଁ କହିଥିଲେ। ସନ୍ନ୍ୟାସୀଙ୍କଠାରୁ ହାଡ଼ ଯୋଡ଼ିବାର ଚିକିତ୍ସା ବିଦ୍ୟା ମଧ୍ୟ ସେ ଲାଭ କରିଥିଲେ। ଏହି ବିଦ୍ୟା ଓ ଜଡ଼ିବୁଟି ସାହାଯ୍ୟରେ ସେ ପ୍ରଥମେ ତାଙ୍କ ଘରେ ଥିବା ଗୋଟିଏ ଗାଈର ଭଙ୍ଗା ହାଡ଼ ଯୋଡ଼ିବାରେ ସଫଳ ହେଲେ। ଏହାପରେ ସେ ଗାଁରେ ଥିବା ହନୁମାନଙ୍କ ମନ୍ଦିର ପିଣ୍ଡି ଉପରେ ବସି ଲୋକଙ୍କ ସ୍ୱାସ୍ଥ୍ୟ ସେବା କଲେ। ସେହି ହନୁମାନ ମନ୍ଦିର ସମୟକ୍ରମେ ଭବ୍ୟ ମନ୍ଦିରରେ ପରିଣତ ହୋଇଛି।

ତ୍ରେତୟାଯୁଗରେ ସଙ୍କଟମୋଚନ ହନୁମାନ ଲକ୍ଷ୍ମଣଙ୍କୁ ଇନ୍ଦ୍ରଜିତର ଶକ୍ତିଭେଦ ଜନିତ ପ୍ରଭାବରୁ ମୁକ୍ତ କରିବା ପାଇଁ ସଞ୍ଜୀବନୀ ଥିବା ଗନ୍ଧମାର୍ଦ୍ଦନ ପର୍ବତକୁ ଭୂମିରୁ ଉଠାଇ ନେଇ ଆସିଥିଲେ, ସେପରି ଏ ଯୁଗରେ ରିଠି ହନୁମାନ ଭକ୍ତଙ୍କୁ କୃପାଦୃଷ୍ଟିରେ ଆରୋଗ୍ୟ ପ୍ରଦାନ କରୁଛନ୍ତି ବୋଲି ସୁସ୍ଥ ହୋଇ ଫେରିଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରାୟଗଡ଼ା ରେଳବାଇ ୟାର୍ଡରେ ଅଘଟଣ

## ଟ୍ରେନ୍ ଧକ୍କାରେ ଠିକା ଶ୍ରମିକ ମୃତ, ଦୁଇ ଆହତ

ରାୟଗଡ଼ା,୧୭।୭(ସମିସ): ରାୟଗଡ଼ା ରେଳବାଇ ୟାର୍ଡରେ ଗୁରୁବାର ଦିନ ଏକ ଅଘଟଣ ଘଟିଛି। ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଶ୍ରମିକ ଏବଂ ଅନ୍ୟ ଜଣେ ଟ୍ରଲିମ୍ୟାନ୍ ଆହତ ହୋଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଠିକା ଶ୍ରମିକଜଣଙ୍କ ହେଲେ, ସୁନ୍ଦରଗଡ ଜିଲ୍ଲା ଧରୁଡିହି ଥାନା ଅନ୍ତର୍ଗତ ଅାଁଳାଜୋର ଗ୍ରାମର ଦେବର୍ଷି କିଶାନ(୨୦)। ଅନ୍ୟ ଦୁଇ ଆହତ ହେଲେ, ଟ୍ରଲି ମ୍ୟାନ୍ ସୁଶାନ୍ତ ଦାସ ଓ ଠିକା ଶ୍ରମିକ ବାବୁଲା ସାହୁ। ଅପରପକ୍ଷେ, ଟ୍ରେନ୍ ଧକ୍କାରେ ପୁସ ଟ୍ରଲିଟି ଭାଙ୍ଗିରୁଜି ଯାଇଛି।

ରେଳବାଇ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଆଜି ସକାଳେ ରାୟଗଡ଼ା ୟାର୍ଡର ୪ ଓ ୫ ନମ୍ବର ଲାଇନ ମଧ୍ୟରେ ଏକ ପୁସ୍ ଟ୍ରଲି ରହିଥିବା ବେଳେ ଏହା କୌଣସି ଟ୍ରାକ୍‌ରେ ନଥିଲା। ଏହି ସମୟରେ ରାୟଗଡ଼ାରୁ ବିଶାଖାପାଟଣମ ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ୍‌ର ୱାଗନ୍ ସହ ଟ୍ରଲିର ଛତା ଫସି ଯାଇଥିଲା। ଫଳରେ ଟ୍ରଲିରେ ଥିବା ଠିକା ଶ୍ରମିକ ଦେବର୍ଷି ଟ୍ରେନ୍ ଚକା ତଳକୁ ଛିଟିକି ପଡ଼ିଥିଲେ ଏବଂ ଟ୍ରେନ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯିବା ସହ ସେ ପ୍ରାଣ ହରାଇଥିଲେ। ସେହିପରି, ଏହି ଅଘଟଣରେ ଟ୍ରଲିରେ ଥିବା ଟ୍ରଲିମ୍ୟାନ୍ ସୁଶାନ୍ତ ଏବଂ ଠିକା ଶ୍ରମିକ ବାବୁଲା ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ବରିଷ୍ଠ ରେଳ ଅଧିକାରୀ ଓ ଆରପିଏଫ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଠିକାଦାରଙ୍କ ଦ୍ୱାରା ମୃତାହତଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଇଥିବା କୁହାଯାଇଛି।



ଚଳନ୍ତା ଟ୍ରେନ୍‌ର ୱାଗନରେ ଫସିଗଲା ପୁସ୍ ଟ୍ରଲି ଛତା

■ ହାତୀର ଗଳିତ ମୃତଦେହ ଉଦ୍ଧାର ଓ ଦାନ୍ତ ଲୁଟ୍ ଘଟଣା

## ନିର୍ଦ୍ଦୋଷ ଗ୍ରାମବାସୀଙ୍କୁ ଅଟକ ପ୍ରତିବାଦରେ କାର୍ଯ୍ୟାଳୟ ଘେରଉ



ତେଲକୋଇ, ୧୭।୭(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବାରହା ଦେବତା ଫରେଷ୍ଟ ବିଟ୍ ସଲେଇକେନା ସଂରକ୍ଷିତ ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଉଦ୍ଧାର ଓ ଦାନ୍ତ ଲୁଟ ଘଟଣାରେ ବନ ବିଭାଗ ୮ ଜଣ ଆଦିବାସୀଙ୍କୁ ୪ଦିନ ହେଲା ଅଟକ ରଖିଛି। ସେମାନଙ୍କୁ ଚାପଗ୍ରସ୍ତ ରଖି ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି ଗ୍ରାମବାସୀ ବନ ବିଭାଗ କାର୍ଯ୍ୟାଳୟ ଘେରଉ କରିଛନ୍ତି। ଏହାସହ ସମସ୍ତଙ୍କୁ ମୁକ୍ତ କରିବାକୁ ଦାବି କରିଛନ୍ତି। ହାତୀ ସମ୍ପର୍କରେ ବନ ବିଭାଗକୁ ଖବର ଦେବା ଓ ଗଣମାଧ୍ୟମ ଆଗରେ ହାତୀ ଅସୁସ୍ଥ ଥିବା ନେଇ ପ୍ରତିକ୍ରିୟା ରଖିଥିବାରୁ ଆକ୍ରୋଶମୂଳକ ଭାବେ ସେମାନଙ୍କୁ ଅଟକ ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ କହିବା କଥା, ଯିଏ ହାତୀକୁ ପ୍ରଥମେ ଦେଖିଛି ସେହିମାନେ ଦାନ୍ତ ଲୁଟ୍ କରିଛନ୍ତି। ତେବେ ବନ ବିଭାଗ ଅଟକ ଗ୍ରାମବାସୀଙ୍କଠାରୁ କୌଣସି ପ୍ରମାଣ ଏଯାଏ ହାସଲ କରିପାରି ନଥିବାରୁ ଗ୍ରାମବାସୀ ନିର୍ଦ୍ଦୋଷମାନଙ୍କୁ ଛାଡ଼ି ଦେବାକୁ ଦାବି କରିଥିଲେ।

### ପଞ୍ଚାୟତ ପ୍ରତିନିଧିଙ୍କୁ ଅନୁକମ୍ପାମୂଳକ ସହାୟତା

## ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ ମିଳିବ ଅର୍ଥରାଶି

ଭୁବନେଶ୍ୱର,୧୭।୭(ସମିସ): ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କର କାର୍ଯ୍ୟଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ, ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ ନଷ୍ଟ ହେଲେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ଼ ନଷ୍ଟ ହୁ. ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାଟନା ହସ୍ପିଟାଲ୍‌ରେ...

ଅପରାଧୀଙ୍କୁ ପିସ୍ତଲ ସହ ଦେଖିବାକୁ ମିଳିଛି। ସେମାନଙ୍କର ବୟସ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ପିସ୍ତଲ ବାହାର କରି ସେମାନେ ହସପିଟାଲ ୱାର୍ଡରେ ପଶିବା ୱାର୍ଡ ଭିତରେ ଚନ୍ଦନ ମିଶ୍ରାଙ୍କୁ ଗୁଳି କରି ହତ୍ୟା କରିଥିଲେ। ୩୦ ସେକେଣ୍ଡ ମଧ୍ୟରେ ହତ୍ୟାକାଣ୍ଡ ଘଟାଇ ହସପିଟାଲରୁ ବାହାରିଯାଇଥିଲେ। ଏମାନେ ଚନ୍ଦନଙ୍କୁ ଗୁଳି ମାରୁଥିବାର ଭିଡିଓ ମଧ୍ୟ ରେକର୍ଡ କରିଥିବା କୁହାଯାଉଛି। ଚନ୍ଦନ ବକ୍ସର ଜେଲ୍‌ରୁ ଭାଗଲପୁର ଓ ଭାଗଲପୁରରୁ ପାଟନାର ବେଉର ଜେଲରେ ସଜା କାଟୁଥିଲା।

ବିହାରର ବକ୍ସରରେ ରହୁଥିବା ଚନ୍ଦନ ଜଣେ ବଡ଼ ଗ୍ୟାଙ୍ଗଷ୍ଟର ଥିଲା। ତା ବିରୋଧରେ ୧୨ରୁ ଅଧିକ ହତ୍ୟା ମାମଲା ରୁଜୁ ହୋଇଛି ବୋଲି ପୁଲିସ କହିଛି। ସେ ଅପହରଣ କରିବା ସହ ଦାଦା ବଟି ଆଦାୟ କରିଥାଏ। ସେ ବିହାରର କେତୋଟି ସହରରେ ଖୋଲାଖୋଲି ଭାବେ ଘୋଷଣା କରି ହତ୍ୟା କରିଥାଏ। ବକ୍ସରର ଜଣେ ଜଣାଶୁଣା ବ୍ୟବସାୟୀଙ୍କୁ ହତ୍ୟା କରିଥିଲା। ବ୍ୟବସାୟୀ ଜଣକ ଦାଦାବଟି ନ ଦେବାରୁ ପରଦିନ ମାରିବି ବୋଲି ସେ ଘୋଷଣା କରିବା ପରେ ତାଙ୍କୁ ହତ୍ୟା କରିଥିଲା। ଏହି ହତ୍ୟାକାଣ୍ଡରେ ଚନ୍ଦନର ସାଙ୍ଗ ଶେରୁ ସିଂ ବି ସାମିଲ ଥିଲା। ପରେ କୌଣସି କାରଣ ପାଇଁ ଦୁହେଁ ପରସ୍ପରଠାରୁ ଅଲଗା ହୋଇଥିଲେ। ଏହାପରେ ଶେରୁ ପୃଥକ ଭାବେ ନିଜର ଗ୍ୟାଙ୍ଗ୍ ଗଠନ କରିଥିଲା। ବର୍ତ୍ତମାନ ଶେରୁ ଗ୍ୟାଙ୍ଗ ଚନ୍ଦନକୁ ମାରିଛି ବୋଲି ପୁଲିସ ସନ୍ଦେହ କରୁଛି। ୨୦୨୫ ମାର୍ଚ୍ଚ ୧୨ରେ ହୋଇଥିବା ବହୁ ଚର୍ଚ୍ଚିତ ତନିଷ୍କ ଶୋ ରୁମ୍ ଲୁଟ୍ କାଣ୍ଡରେ ଶେରୁ ଗ୍ୟାଙ୍ଗର ନାମ ସାମ୍ନାକୁ ଆସିଥିଲା। ଚନ୍ଦନ ହତ୍ୟାକାଣ୍ଡରେ ଶେରୁ ଗ୍ୟାଙ୍ଗର ଦୁଇଜଣ ସଦସ୍ୟ ସାମିଲ ରହିଛନ୍ତି ବୋଲି କୁହାଯାଉଛି। ପୂର୍ବରୁ ୧୦ଟିରୁ ଉର୍ଦ୍ଧ୍ୱ ହତ୍ୟାକାଣ୍ଡ ଘଟାଇଥିବା ଚନ୍ଦନ ପାରୋଲ୍‌ରେ ୧୫ ଦିନ ପାଇଁ ଜେଲ ବାହାରକୁ ଆସିଥିଲା। ଶୁକ୍ରବାର ତା'ର ପାରୋଲ ଶେଷ ହୋଇଥାନ୍ତା। କିନ୍ତୁ ଏହା ପୂର୍ବରୁ ସେ ହତ୍ୟାର ଶିକାର ହୋଇଥିଲା। ଅସୁସ୍ଥ ହେବାରୁ ତାକୁ ପାଟନାର ପାରସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।

### ବନ୍ଦ ସ୍ୱତଃସ୍ଫୂର୍ତ୍ତ...

ସଭାପତିଙ୍କ ସମେତ କଂଗ୍ରେସ ଓ ବାମ ଦଳର ବହୁ ନେତା ରାଜରାସ୍ତାକୁ ଓହ୍ଲାଇଥିଲେ। ବନ୍ଦ ପାଳନ ସହ କୌଣସି ସ୍ଥାନରେ ଯେପରି ହିଂସାତ୍ମକ ସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ରାଜନୈତିକ ଦଳମାନେ ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଦଳର ନେତାମାନେ ଭାଗ ଭାଗ ହୋଇ ରାଜଧାନୀର ଛକ ଛକରେ ପିକେଟିଂ କରିଥିଲେ କଂଗ୍ରେସ କର୍ମୀ। କିଛି ସ୍ଥାନରେ ଗୋଲାପ ଓ ଚକଲେଟ୍ ଦେଇ ସାଧାରଣ ଲୋକଙ୍କୁ ସହଯୋଗ କରିବାକୁ ନେତାମାନେ ନିବେଦନ କରିଥିଲେ। ରେଳ ଷ୍ଟେସନରେ ପଶିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ କର୍ମୀଙ୍କ ସହ ସୁରକ୍ଷାକର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଭିତରେ ଯୁବ କଂଗ୍ରେସର କର୍ମୀମାନେ ଏକ ବାଇକ ରାଲିରେ ଆସି ଲୋକସେବା ଭବନ ଘେରାଉ ପାଇଁ ଉଦ୍ୟମ କରିଥିଲେ। ବ୍ୟାରିକେଡ୍ ଡେଇଁ ଧସେଇ ପଶିବାକୁ ଉଦ୍ୟମ କରିବାବେଳେ ପିସିସି ସଭାପତିଙ୍କ ସମେତ ଅନ୍ୟ ନେତାମାନଙ୍କୁ ପୁଲିସ ଗାନ୍ଧୀମାର୍ଗରୁ ଉଠାଇ ନେଇଥିଲା। ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସରକାରଙ୍କୁ କଂଗ୍ରେସ ଚେତାବନୀ ଦେଇଥିବା ବେଳେ ଛାତ୍ର କଂଗ୍ରେସ ଜାତୀୟ ସଭାପତି ବରୁଣ ଚୌଧୁରୀ ଓ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ମଧ୍ୟ ବନ୍ଦରେ ଅଂଶଗ୍ରହଣ କରିଥିଲେ। ୩୦ ଟି ଜିଲ୍ଲାରେ କଂଗ୍ରେସ ନେତୃବର୍ଗ ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଏ ଲଢ଼େଇ କେବଳ କଂଗ୍ରେସର ନୁହେଁ ଓଡ଼ିଶାବାସୀଙ୍କର ଲଢ଼େଇ। ଆଜି ସବୁ ବିରୋଧୀ ଦଳ ଏକଜୁଟ ହୋଇ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ଆଗେଇ ଆସିଛନ୍ତି। ଏ ସଂଗ୍ରାମର ଅବଧି ଯେତେ ଦୀର୍ଘ ହେଉ ପଛେ ଆମ ଝିଅ ପାଇଁ ଆମେ ଲଢ଼ିବା। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ପିସିସି ସଭାପତି କହିଛନ୍ତି। ସେହିପରି ଓଡ଼ିଶା ବନ୍ଦ ଆନ୍ଦୋଳନରେ ସାମିଲ ହୋଇ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ ଲଲ୍ଲୁ କହିଛନ୍ତି, ଜଣେ ଛାତ୍ରୀ ନ୍ୟାୟ ନପାଇ ଆହୁତି ଦେଲା ଏବଂ ଶେଷରେ ଜୀବନ ଚାଲିଗଲା। ଏ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛି। କଂଗ୍ରେସ ଛାତ୍ରୀକୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇଛି। ଆଗକୁ ଏ ଆନ୍ଦୋଳନକୁ ଅଧିକ ତୀବ୍ର କରିବ କଂଗ୍ରେସ। ଛାତ୍ରୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରତିବାଦ ଜଣାଇଛନ୍ତି। ମୁଖ୍ୟତଃ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ବନ୍ଦ ବେଳେ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯିବା ସହ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ଦିଆଯାଇଥିଲା ବୋଲି ମିଳିତ ବିରୋଧୀଦଳ ପକ୍ଷରୁ କୁହାଯାଇଛି।

### କେନ୍ଦ୍ର ପାଇଁ...

ସୃଷ୍ଟି ହେବାର ସମ୍ଭାବନା ରହିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ଗ୍ରହଣ କରାଯାଇଥିବା 'ଅପରେସନ ସିନ୍ଦୂର' ଏବଂ ଅସ୍ତ୍ରବିରତିରେ ମଧ୍ୟସ୍ଥତା କରିଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ଏହି ଅଧିବେଶନରେ କଂଗ୍ରେସ ନିଶାଣ କରିବ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ସାରା ଦେଶରେ ଭୋଟର ତାଲିକା ସଂଶୋଧନରେ ବିହାର ଢ଼ାଞ୍ଚା ଅବଲମ୍ବନକୁ ବିରୋଧୀମାନେ ବିରୋଧ କରୁଛନ୍ତି । ଏ ସମ୍ପର୍କରେ ଆଲୋଚନା ନିମନ୍ତେ ଆସନ୍ତା ୧୯ ତାରିଖରେ ଏ ସଂକ୍ରାନ୍ତରେ ରଣନୀତି ପ୍ରସ୍ତୁତ ନିମନ୍ତେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏକ ବୈଠକ ଡ଼ାକିଛନ୍ତି।

### କ୍ରାଇମବ୍ରାଞ୍ଚ ଟିମ୍‌ର...

ଅନୁମାନ କରି କ୍ରାଇମବ୍ରାଞ୍ଚ ସେ ଦିଗରେ ମଧ୍ୟ ତଦନ୍ତ କରିଛି। ସେହିପରି ପୀଡ଼ିତାଙ୍କୁ କିଏ ଦିଆସିଲି ଦେଇଥିଲେ, ତାହା ଜାଣିବାକୁ ଚେଷ୍ଟା କରିଛି। ଏଥିପାଇଁ କଲେଜ ପରିସର ଓ ବାହାରେ ଲାଗିଥିବା ସିସିଟିଭି ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପର ସିସିଟିଭି ଉପରେ କ୍ରାଇମବ୍ରାଞ୍ଚ ଟିମ୍ ଅଧିକ ଗୁରୁତ୍ୱାରୋପ କରିଛି।

ଅନ୍ୟପଟେ, ଘଟଣା ଦିନ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୀଡ଼ିତା ପେଟ୍ରୋଲ ଢ଼ାଳି ନିଜ ଦେହରେ ନିଆଁ ଲଗାଉଥିବା ବେଳେ ତାଙ୍କୁ କାହିଁକି କେହି ବାରଣ କରିନଥିଲେ, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏପରିକି, ଛାତ୍ରୀଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କଠାରୁ କିଛି ଦୂରରେ ଜଣେ ଛାତ୍ର ଠିଆ ହୋଇ ମୋବାଇଲରେ ଭିଡିଓ ରେକର୍ଡିଂ କରୁଥିଲେ, ଯାହାକି ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି। ଏହି ସିସିଟିଭି ଫୁଟେଜକୁ ମଧ୍ୟ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପରିସରକୁ ନେଇଛି।

ଅପରପକ୍ଷେ, ଘଟଣା ଘଟିବାର କିଛି ଘଣ୍ଟା ପୂର୍ବରୁ ଗିରଫ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ କାର୍ଯ୍ୟାଳୟରେ ଛାତ୍ରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ବାହାରକୁ ଆସି ଛାତ୍ରୀଜଣଙ୍କ ହଠାତ ଏଭଳି ଘଟଣା କାହିଁକି ଘଟାଇଲେ, ତା' ଉପରେ ମଧ୍ୟ ଟିମ୍ ଅଧିକ ଗୁରୁତ୍ୱ ଦେଇଛି। ସେହିପରି, ଛାତ୍ରୀଙ୍କ ଅଭିଯୋଗର ଶୁଣାଣି ପାଇଁ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସମସ୍ତ ସଦସ୍ୟଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପଚରାଉଚରା କରିଛି।

କ୍ରାଇମବ୍ରାଞ୍ଚ ଟିମ୍‌ର ଡିଏସ୍‌ପି ଶ୍ରୀମତୀ ନାୟକ କହିଛନ୍ତି ଯେ ଆମେ ତଦନ୍ତ ଆରମ୍ଭ କରିଛୁ। ସମସ୍ତ ତଥ୍ୟ ଯୋଗାଡ଼ ଚାଲିଛି। ସବୁ ଦିଗ ଉପରେ ଗୁରୁତ୍ୱାରୋପ କରାଯିବ। ଆଇସିସି କମିଟିର ସମସ୍ତ ସଦସ୍ୟ ସାଙ୍ଗକୁ ଛାତ୍ର ଏବଂ କଲେଜ କର୍ମଚାରୀଙ୍କୁ ପଚରାଉଚରା କରାଯିବ।

### ଆଜିଠୁ ଉଚ୍ଚସ୍ତରୀୟ...

କରିବ। କାହାର ଦାୟିତ୍ୱହୀନତା ପାଇଁ ଛାତ୍ରୀ ନିଜକୁ ଜାଳିଦେଲେ ତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ।

ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବାଲେଶ୍ୱର ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚସ୍ତରୀୟ କମିଟି ଶୁକ୍ରବାର ଓ ଶନିବାର କଲେଜରେ ତନାଘନା କରିବ। ତଦନ୍ତ କମିଟିରେ ଅଧ୍ୟକ୍ଷା ଥିବା ସହକାରୀ ପ୍ରାଧ୍ୟାପକ ଡ. ଜୟଶ୍ରୀ ମିଶ୍ରଙ୍କ ସମେତ ମୋଟ ୯ ଜଣଙ୍କୁ ବିଭିନ୍ନ ପ୍ରଶ୍ନ କରିବ। ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ କୁହାଯାଇଛି। ଅପରପକ୍ଷରେ, ସଦସ୍ୟ ଥିବା ଅନ୍ୟ ଜଣେ ଛାତ୍ର ମଧ୍ୟ ଆଂଶିକ ପୋଡ଼ି ଯାଇଥିବାରୁ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତଦନ୍ତ କମିଟି ଆଗରେ ସେ ହାଜର ହେବେନାହିଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଗତ ଜୁଲାଇ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ୩ଜଣିଆ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଛି।

### ଛାତ୍ରୀଙ୍କୁ ଯୌନ...

କୋର୍ଟଚାଲାଣ କରିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ତାଙ୍କୁ ନିଲମ୍ବିତ କରାଯାଇଛି।

ଅପରପକ୍ଷେ, ଅଧ୍ୟାପକଙ୍କ ଏହି କଳା କାରନାମା ପଦାକୁ ଆସିବା ପରେ ବୁଦ୍ଧିଜୀବୀ, ସମାଜସେବୀ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ଇସ୍ତଫା ଦେବାକୁ ନାରାବାଜି କରିଥିଲେ।

### ଆବାସିକ ବିଦ୍ୟାଳୟ...

କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଥିଲେ। କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ପୀଡ଼ିତା ଛାତ୍ରୀଙ୍କୁ ପଚରାଉଚରା କରିଥିଲେ।

### ନ୍ୟାୟ ଅପେକ୍ଷାରେ...

ପ୍ରକାଶ ଯେ ଗତ ଫେବୃଆରୀ ୧୯ ତାରିଖ ଦିନ ପଟ୍ଟାମୁଣ୍ଡାଇ କଲେଜରେ ପରୀକ୍ଷା ଚାଲିଥିବା ସମୟରେ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକ ଦୁର୍ବ୍ୟବହାରର ଶିକାର ହେବା ପରେ ମାନସିକ ଭାରସାମ୍ୟ ହରାଇ ୨୪ ତାରିଖରେ ଆତ୍ମହତ୍ୟା କରିଦେଇଥିଲେ। ଘଟଣାରେ ମୃତା ଛାତ୍ରୀଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେବାକୁ ଚାହିଁଥିଲେ। ହେଲେ ପୁଲିସ କଲେଜ ବିରୁଦ୍ଧରେ ଏତଲା ନଦେବାକୁ ତାଙ୍କ ଉପରେ ଚାପ ପକାଇଥିବା ମୃତା ଛାତ୍ରୀଙ୍କ ମାଆ ଅଭିଯୋଗ କରିଥିଲେ। ଘଟଣାରେ ଏବିଭିପି ରାଜ୍ୟ ସଂଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଘେରଉ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରସ୍ତରେ ଆସିଥିବା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ଘଟଣାର ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାମଲାରେ ଅଧ୍ୟକ୍ଷଙ୍କୁ ପକ୍ଷଭୁକ୍ତ କରି ତାଙ୍କ ଗିରଫ ଦାବି କରିଥିଲା ଏବିଭିପି ରାଜ୍ୟ ସଂଗଠନ।

ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ପାଳନ ହୋଇନାହିଁ। ଛାତ୍ର କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇ ସାମ୍ବାଦିକ ସମ୍ମିଳନୀ କରାଯିବା ସହିତ ମୃତା ଛାତ୍ରୀଙ୍କ ପରିବାରକୁ ଭେଟିଥିଲା ସଂଗଠନ। ପୁନଶ୍ଚ ରାଜ୍ୟ ମାନବିକ ଅଧିକାର ପରିଷଦ ସଭାନେତ୍ରୀ ସସ୍ମିତା ଦାସ ଓ ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପାତ୍ରୀ ମଧ୍ୟ ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଘଟଣାକୁ ୫ ମାସ ବିତି ଯିବା ପରେ ମଧ୍ୟ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯିବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit no. 64, dtd. 08.04.2025 in the Court of Executive Magistrate, Bhubaneswar, I, Bhaskar Digal, RAY-137, Biseswar Basti, Bani Vihar, Bhubaneswar-751004 have changed my minor son's name from Papun Digal to Madhaba Digal. Henceforth, he shall be known as **Madhaba Digal** for all purposes.

Sd/- Bhaskar Digal

**AFFIDAVIT**

I, Madhumita Agrawal, W/o: Sushil Kumar Agarwal, Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 72AA 494850 dtd 16.07.2025 that now onwards I shall be known as **MADHUMITA AGARWAL** for all future purposes.

**AFFIDAVIT**

I, Sushil Kumar Agrawal, S/o: Motilal Agarwal Resident of Plot No.: 691, Digital Door No.: 074, Keuta Sahi (K11), Choudhury Bazar, PO: Chandnichowk, PS: Purighat, Dist.: Cuttack, Odisha, declared by this affidavit No.: 73AA 111901 dtd 16.07.2025 that now onwards I shall be known as **SUSHIL KUMAR AGARWAL** for all future purposes.

**AFFIDAVIT**

I **Kalwant Kaur**, ages about 68years, W/o – Santokh Singh, resident of At-LIG-116, Brit Colony, Near Debray College, PS-Nayapalli, Bhubaneswar-751012, declare by this Affidavit No-447 dated 15/07/2025 that now onwards I shall be known as **Kulwant Kaur** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Darpan, Dhanamandala and Affidavit no.2325 dated 09.07.25. I Amrit Mahanta, S/o-Bhajamana Mahanta, Village/ Purnachandrapur, Po- Kalakala, PS- Byree, Dist.- Jajapur, Pin-754082 have changed my name from Ambrit Mahanta to **Amrit Mahanta.** Henceforth, I shall be known as **Amrit Mahanta** for all purposes.

**AFFIDAVIT**

I, Manasa Kumar Das, S/o- Late, Surendra Nath Das, resident of ward No.- 8, Panchughanta, Po/Ps. - Jaleswar, Dist. - Baleswar, Pin.-756032, Odisha declare by this affidavit No.- 650 Dtd. - 02/05/2025 that now onwards I Shall be known as **MANAS KUMAR DAS** for all future purposes.

**NOTICE**

By virtue of an affidavit sworn before the Executive Magistrate, Cuttack, dated 07.07.2025 I, Jyoshnamayee Barik, W/o- Pravakar Barik, resident of At-Mathasahi, Tulasipur, VTC, Cuttack Sadar, Cuttack, Pin-753008 have changed my name from Jyotshnamayee Barik to Jyoshnamayee Barik. Henceforth, I shall be known as **Jyoshnamayee Barik** for all purposes.

Jyoshnamayee Barik

**AFFIDAVIT**

I, Seemarani Nayak, aged about 61 years, W/o- Dharanidhar Nayak, resident of At-Mardarajapur, Po-Rasol, Dist- Dhenkanal Pin-759021, Odisha declared by this affidavit No. 590, dtd- 16/07/2025 that now onwards I shall be known as **SIMARANI NAYAK** for all future purposes.

**AFFIDAVIT**

I, Somyashree Biswal, aged about 46 years, W/o- Jitendra Biswal, resident of Jorabaga, Belpahar, Dist-Jharsuguda, Pin-768217, Odisha declared by this affidavit No. CF-1070, dtd- 02/05/2025 that now onwards I shall be known as **CHINMAYEE BISWAL** for all future purposes.

**AFFIDAVIT**

I, Sasmita Devi, aged about 53 years, W/o- Basant Kumar Agrawal, resident of 12, Plot No-1534, Avalon valley, Kalyani Nagar, Raghunathpur Jalli, Po-KIIT, Bhubaneswar, Dist-Khurda, Pin- 751024, Odisha declared by this affidavit No. 496, dtd-05/08/2016 that now onwards I shall be known as **SASMITA DEVI AGRAWAL** for all future purposes

**AFFIDAVIT**

I, Ashis Ranjan Mohpatra, aged about 54 years, S/o-Gourang Charan Mohapatra, resident of At-Rekha Nivas, Subhadra Nagar, Ps- Bidanasi, Dist-Cuttack, Odisha, Pin-753014 declare by this affidavit No. 1401, dtd. 17/07/2025, that now onwards I shall be known as **ASHIS RANJAN MOHAPATRA** for all future purposes.

B-307

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**
**E-Procurement Notice**
**Bid Identification No. S.E (R&B)- MLK-06/2025-26**
**No. 3953 Date. 14.07.2025**

| | |
|---|---|
| 1. Name of the work: | Building Work |
| 2. Total No. of Works: | Civil & E.I Work 02 Nos. |
| 3. Estimated cost: | Rs.15.18 to 43.54 lakhs |
| 4. Period of completion: | 01 (one) months To 03 (Three) Month |
| 5. Date & time of availability of bid document in the portal: | From 11.00 hrs. Of 21.07.2025 To 16.00 hrs. of 01.08.2025 |
| 6. Last date / Time for receipt of bids in the Portal; | 16.00 hours of 01.08.2025 |
| 7. Date of opening of Tender; | 11.00 hours of 02.08.2025 |
| 8. Name and address of the Officer Inviting Bid: | Superintending Engineer Malkangiri(R&B) Division |

**Further details can be seen from the e-procurement portal https://tendersorissa.gov.in**

**Superintending Engineer**
**Malkangiri (R&B) Division**

**OIPR-34063/11/0016/2526**

**VEER SURENDRA SAI UNIVERSITY OF TECHNOLOGY**
PO- ENGINEERING COLLEGE BURLA, DIST-SAMBALPUR,ODISHA-768018
**www.vssut.ac.in**

**No.VSSUT/PGS&R/ 968/2025** **Date: 17.07.2025**

**ADMISSION NOTICE**
**M.Tech Programme (Aerospace Engineering)**

The Veer Surendra Sai University of Technology, Burla invites application for admission into the following Full Time Regular M.Tech. Programme in Aerospace Engineering w.e.f. 19.07.2025, offered by Centre for Space Sciences. The last date for applying online is **29.07.2025**. The interested candidates may apply online. Candidates have to pay a non-refundable application fee **of Rs.500/- (Rs.200/- in case of SC/ST candidates) for completing online application form.** The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Centre for Space Sciences | Aerospace Engineering | AICTE approved B.Tech., B.E., B.Sc. Engg., AMIE or equivalent in Aerospace / Aeronautical /Civil / Mechanical / Electrical / Electronics / Instrumentation /Chemical Engineering / any Allied discipline of Engineering or Technology. |

The envelope containing the application should be superscribed as "**Application for M.Tech Programme in Aerospace Engineering 2025**". ***Detailed link for online application and information regarding eligibility and selection process of the programme, is available in University website www.vssut.ac.in***, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
**REGISTRAR**

**OIPR-14072/11/0029/2526 KK-142**

**VEER SURENDRA SAI UNIVERSITY OF TECHNOLOGY**
PO- ENGINEERING COLLEGE BURLA, DIST-SAMBALPUR,ODISHA-768018
**www.vssut.ac.in**

No.VSSUT/PGS&R/ 970/2025 Date: 17.07.2025

**ADMISSION N OTICE**
**Executive M.Tech Programme (Industrial Safety)**

The Veer Surendra Sai University of Technology, Burla invites application for admission into the following Full Time Regular Executive M.Tech Programme (Industrial Safety), 2nd shift in self-financing mode w.e.f. 19.07.2025, offered by Chemical and Bio-Sciences. The last date for applying online is 29.07.2025. The interested candidates may apply online. Candidates have to pay a non-refundable application fee of Rs.500/- (Rs.200/- in case of SC/ST candidates) for completing online application form. The candidates have to send the duly filled in and signed copy of online application along with other relevant documents, such as - mark sheets, certificates etc., as applicable, by **Speed/Regd. Post only** so as to reach the **Dean, PGS&R, VSSUT, Burla, Sambalpur-768018** by **01.08.2025 (Friday), 5.00 PM.**

| Department | Specialization | Eligibility Criteria |
|---|---|---|
| Chemical and Bio-Sciences | Industrial Safety (2nd shift in self-financing mode) | AICTE approved B.Tech., B.E., B.Sc. Engg., AMIE or equivalent programmes in Engineering or Technology with minimum of 2 years of experience in industry / teaching at the level of Assistant Engineer/ Lecturer/ Assistant Professor or above. The candidates are required to apply through proper channel or with NOC from the employer. |

The envelope containing the application should be superscribed as "Application for Executive M.Tech Programme in Industrial Safety 2025". Detailed link for online application and information regarding eligibility and selection process of the programme, is available in University website www.vssut.ac.in, The authority reserves the right to accept/reject any or all the applications or the entire selection process without assigning any reason thereof.

Sd/-
**REGISTRAR**

**OIPR-14072/11/0027/2526 KK-141**

## ସାହାଣୀ କପ୍ ଫୁଟ୍‌ବଲ

# ସୁବର୍ଣ୍ଣପୁର ୬-୦ରେ ବିଜୟୀ, ଢେଙ୍କାନାଳ-ସୁନ୍ଦରଗଡ଼ ମ୍ୟାଚ୍ ଡ୍ର'

କେନ୍ଦୁଝର, ୧୭।୭ (ସମିସ)



କେନ୍ଦୁଝର ଜିଲ୍ଲା କ୍ରୀଡ଼ାସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ), ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆଠାରେ ୬୪ତମ ସାହାଣୀ କପ ସିନିଅର ଆନ୍ତଃଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପ୍ରଥମ ଖେଳରେ ସୁବର୍ଣ୍ଣପୁର ବାଲେଶ୍ୱର ବିପକ୍ଷରେ ଗୋଲର ବର୍ଷା କରିଥିଲା। ଏକତରଫା ଭାବେ ୬-୦ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧର ୩୪ତମ ମିନିଟରେ ସୁବର୍ଣ୍ଣପୁରର ମିଡଫିଲଡର ପପୁ ମାଝୀ ଦର୍ଶନୀୟ ଗୋଲ କରିଥିଲେ। ବାଲେଶ୍ୱର ଦଳ ଗୋଲ ଦେବାର କେତୋଟି ସୁଯୋଗ ସୃଷ୍ଟି କରିଥିଲେହେଁ ଶେଷ ସ୍ପର୍ଶ ଦେବାରେ ବିଫଳ ହୋଇଥିଲେ। ଦ୍ୱିତୀୟାର୍ଦ୍ଧରେ ସୁବର୍ଣ୍ଣପୁର ଘନ ଘନ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣଭାଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲେ। ୫୬ତମ ମିନିଟରେ ସୁବର୍ଣ୍ଣପୁରର ୧୯ ନମ୍ବର ଖେଳାଳି ସଞ୍ଜୟ ଜୋଜ, ୬୩ତମ ମିନିଟରେ ରକ୍ଷଣଭାଗ ଖେଳାଳି ସୁଶାନ୍ତ ଜଗତ କର୍ଣ୍ଣର କିକରୁ ଏକ ଦର୍ଶନୀୟ କରିଥିବା ବେଳେ ୬୮ତମ ମିନିଟରେ ସୁମିତ ପୁରନ ଚତୁର୍ଥ ଗୋଲ, ୭୬ତମ ମିନିଟରେ ପପୁ ମାଝୀ ପଞ୍ଚମ ଗୋଲ ଏବଂ ଖେଳ ଶେଷ ହୁଇସିଲ ବାଜିବାର ୩ ମିନିଟ ପୂର୍ବରୁ ଭବାନୀ ବେମାଲ ଦଳ ପକ୍ଷରୁ ଅନ୍ତିମ ଗୋଲ କରିଥିଲେ।

ଢେଙ୍କାନାଳ ଏବଂ ସୁନ୍ଦରଗଡ଼ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ କରି ଉଭୟ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧର ୧୨ ମିନିଟରେ ଢେଙ୍କାନାଳର ରାଇଟ ଉଇଁଗର କରଣ କୁଜୁର ଏକ ଗୋଲ କରିଥିଲେ। ୯୦+୩ ମିନିଟରେ ସୁନ୍ଦରଗଡ଼ ପକ୍ଷରୁ ଷ୍ଟ୍ରାଇକର ସରୋଜ ବରାଲ ଗୋଲଟିକୁ ପରିଶୋଧ କରିଥିଲେ।

ମୁଖ୍ୟଅତିଥି ଅତିରିକ୍ତ ଏସପି ଜ୍ୟୋତିର୍ମୟ ଭୁକ୍ତା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ କୁମାର ନାଗଭୂଷଣ ଖେଳାଳିଙ୍କ ସହ କରମର୍ଦ୍ଦନ କରିଥିଲେ। ଏହି ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାତ୍ରୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଦିଲ୍ଲୀପ ରାମ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ଚକ୍ରଧର ଟାଟାର ରେଫରୀ ଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ସନ୍ତୋଷ ମହାକୁଡ଼ ରହିଥିଲେ। ଚତୁର୍ଥ ରେଫରୀ ଥିଲେ ଜଗନ୍ନାଥ କହ୍ନର। ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫାଓ ପକ୍ଷରୁ ସଞ୍ଜୟ ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଆମ୍ବୁଲାନ୍ସରେ ବୁହାଯାଉଛି ବସ୍ତା, ଦାୟୀ କିଏ ?

ବେଲବାହାଲି, ୧୭।୭ (ସମିସ): ଓଡ଼ିଶାର କୋଣ ଅନୁକୋଣରେ ଥିବା ମେଡିକାଲକୁ ରୋଗୀଙ୍କୁ ପହଞ୍ଚାଇବା ପାଇଁ ୧୦୮ ଆମ୍ବୁଲାନସ ସେବାକୁ ବିଜେଡି ସରକାର ଲୋକାର୍ପଣ କରିଥିଲେ। ବର୍ତ୍ତମାନ ସରକାରଙ୍କ ଅନ୍ତର୍ଭୁକ୍ତ ଠିକାସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ବିଭିନ୍ନ ସମୟରେ ଆମ୍ବୁଲାନ୍ସରେ ଡିଜେଲ ନଥାଇ ରାସ୍ତାକଡ଼ ଓ ପେଟ୍ରୋଲ ପମ୍ପରେ ଛିଡ଼ା ହେଉଛି ତ ଆଉ କୋଉଠି ଗାଡ଼ି ରାସ୍ତାରେ ବାରମ୍ବାର ଖରାପ ହେଉଛି। ଏପରିକି ରୋଗୀ ଯିବା ଗାଡ଼ିରେ ବସ୍ତା ବସ୍ତା ଜିନିଷ ବୁହାଯାଉଛି। ବୁଧବାର ରାତ୍ର ୯ଟା ସମୟରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ୨୦ ନଂ ଜାତୀୟ ରାଜପଥ ହସନପୁର ଟୋଲପ୍ଲାଜା ନିକଟରେ। ଜନସାଧାରଣଙ୍କ ସେବାରେ ବ୍ୟବହୃତ ଆମ୍ବୁଲାନ୍ସ ବ୍ୟକ୍ତିଗତ ଓ କମ୍ପାନୀ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବସ୍ତା ବସ୍ତା ସାମଗ୍ରୀ ସବୁ ବୁହାଯାଉଥିବା ଦେଖିବାକୁ ମିଳିଛି। କଟକ ବଡ଼ ମେଡିକାଲରୁ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ଆମ୍ବୁଲାନ୍ସରେ ଆଣିବା ପାଇଁ କର୍ମଚାରୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ସିଧାସଳଖ ମନା କରୁଛନ୍ତି। ତା'ହେଲେ ବସ୍ତା ବସ୍ତା ଜିନିଷ କାହା ସ୍ୱାର୍ଥରେ ଆଣୁଛନ୍ତି। ମେଡିକାଲକୁ ନେବା ପାଇଁ ରୋଗୀଙ୍କ ସମ୍ପର୍କୀୟ ବାରମ୍ବାର କଲ୍ କରିବା ପରେ ମଧ୍ୟ ସଠିକ୍ ସମୟରେ ରୋଗୀଙ୍କ ନିକଟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ କିନ୍ତୁ ବ୍ୟକ୍ତିଗତ କାର୍ଯ୍ୟରେ ତାହା ସଠିକ ଭାବରେ ସେବା ଯୋଗାଇ ପାରୁଛି। ଏଭଳି କିଛି ଅସାଧୁ କର୍ମଚାରୀ ମାନଙ୍କ ପାଇଁ ଆଜି ଅନେକ ଲୋକ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରୋଗୀସେବାକୁ ପ୍ରାଥମିକତା ଦେବା ସହ ଏଭଳି ଘଟଣା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।



## ବିଦ୍ୟାଧରପୁର କେନାଲ ଡିଭିଜନ ଦୁର୍ନୀତି ତଦନ୍ତ ବାଟବଣା

# କନିଷ୍ଠଯନ୍ତ୍ରୀଙ୍କୁ ବଦଳି କରି ବିଭାଗ ଚୁପ୍



ଆନନ୍ଦପୁର, ୧୭।୭ (ସମିସ): ବିଦ୍ୟାଧରପୁର କେନାଲ ଡିଭିଜନରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିର ତଦନ୍ତ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ମାସାଧିକ କାଳ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ବଦଳି କରାଯାଇ ଏହାକୁ ରଫାଦଫା କରିବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଏ ଘଟଣା ସମ୍ପର୍କରେ 'ସକାଳ'ରେ ବିସ୍ତୃତ ଭାବେ ଖବର ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ଜଳସମ୍ପଦ ବିଭାଗର ଦୁର୍ନୀତି ନିବାରଣ ଅଧିକାରୀମାନେ ବିଦ୍ୟାଧରପୁର କେନାଲ ଡିଭିଜନର ବିଭିନ୍ନ ସବ ଡିଭିଜନକୁ ଯାଇ ଦୁର୍ନୀତି ଅଭିଯୋଗର ତଦନ୍ତ କରିଥିଲେ। ବିଶେଷ କରି ଖଇରା ସବଡିଭିଜନ ଓ ହଦଗଡ଼ ସବଡିଭିଜନରେ ଅଧିକାଂଶ କାମରେ ମିଥ୍ୟା କାମ ଦେଖାଇ ଅନୁଦାନ ହଡ଼ପ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏପରିକି ଜଣେ ଜଣେ ଠିକାଦାରଙ୍କ ନାମରେ ଆୱାର୍ଡ କାମ ନାମରେ ୩୦-୪୦ ଲକ୍ଷ ଟଙ୍କାର ବିଲ୍ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। କାଗଜପତ୍ରରେ କାମ ହୋଇଥିବା ଦର୍ଶାଯାଇ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ୨୦ କୋଟିରୁ ଅଧିକ ଟଙ୍କା ବାଟମାରଣା ହୋଇଛି ବୋଲି ବିଦ୍ୟାଧରପୁର ବିକାଶ ମଞ୍ଚ ଅଭିଯୋଗ କରିଥିଲା। ଅଭିଯୋଗକୁ ଦୁର୍ବଳ କରିଦେବା ସହିତ ଦୁର୍ନୀତିକୁ ଚାପିଦେବା ପାଇଁ ଏବେ ଯୋଡଦାର ପ୍ରୟାସ ଆରମ୍ଭ ହୋଇଯାଇଛି। ଗତ କିଛିଦିନ ହେଲା ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀମାନେ କିଛି ଠିକାଦାରଙ୍କ ମାଧ୍ୟମରେ ରାଜନୈତିକ ଚାପ ପ୍ରୟୋଗ କରିବା ଆରମ୍ଭ କରିଦେଇଛନ୍ତି। ନେତା, ମନ୍ତ୍ରୀଙ୍କୁ ଭେଟି କିପରି ରଫାଦଫା କରାଯିବ ସେନେଇ ହଦଗଡ଼ ବିଦ୍ୟାଧରପୁର ଛେନାପଦୀ ବନ୍ତ ଓ ଅଗରପଡାରେ ରୁଦ୍ଧଦ୍ୱାର ବୈଠକ ହୋଇ ତଦନ୍ତକୁ ଚପାଇ ଦେବାକୁ ନିଷ୍ପତ୍ତି ହୋଇଥିବା ମଧ୍ୟ ଅଭିଯୋଗ ହେଉଛି। କୋଟି କୋଟି ଟଙ୍କାର ହରିଲୁଟ୍‌ରେ ସଂପୃକ୍ତ ଯନ୍ତ୍ରୀ-ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିନେଇ ଆଇନର ଆଶ୍ରୟ ନେବାକୁ ସଚେତନ ନାଗରିକମାନେ ମତ ଦେଉଛନ୍ତି।

## ହଷ୍ଟେଲ ଛାତରୁ ଡେଇଁ ଛାତ୍ର ମୃତ୍ୟୁ ମାମଲା

# ବିଦ୍ୟାଳୟର ୪ କର୍ମଚାରୀ ଗିରଫ



ଚମ୍ପୁଆ, ୧୭।୭ (ସମିସ): ଗତ ୧୨ ତାରିଖ ଚମ୍ପୁଆସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ହଷ୍ଟେଲ ଛାତରୁ ପଡ଼ି ଜଣେ ଛାତ୍ରର ମୃତ୍ୟୁ ମାମଲାରେ ପୁଲିସ ଖୋଳତାଡ଼ ପରେ ୪ ଜଣ ବିଦ୍ୟାଳୟର କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ରମାକାନ୍ତ ମୁଦୁଲି, ବିଦ୍ୟାଳୟର ଦୈତାରି ସାହୁ, ଶଶିଶେଖର ଝା, ପ୍ରକାଶନ ଟି ଏବଂ ସୁରେନ୍ଦ୍ରନାଥ ମିଶ୍ର। ସମସ୍ତଙ୍କୁ କୋର୍ଟ କରାଯାଇଛି। ବିଦ୍ୟାଳୟର ଛାତ୍ରାବାସରେ ରହି ୧୦ମ ଶ୍ରେଣୀର ଛାତ୍ର କ୍ରିଷ୍ଣା ପ୍ରଧାନଙ୍କ ହଷ୍ଟେଲ ଛାତରୁ ପଡ଼ି ମୃତ୍ୟୁ ହୋଇଥିଲା। ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି କରିଥିଲେ। ଘଟଣାଦିନ ଚମ୍ପୁଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚାରି ମହଲା ହଷ୍ଟେଲ ଛାତରୁ ଡେଇଁଥିବା ଦଶମ ଶ୍ରେଣୀର ଛାତ୍ର କ୍ରିଷ୍ଣା ପ୍ରଧାନଙ୍କୁ ଚମ୍ପୁଆରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକ ପହଞ୍ଚିବା ପରେ ମାଡ଼ମରା ଓ ନିର୍ଯାତନା ଅଭିଯୋଗ ଆଣିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଏନେଇ ୧୦ ଘଣ୍ଟା ଧରି ବିଦ୍ୟାଳୟ ଓ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ତଦନ୍ତକୁ ନିରପେକ୍ଷ ଓ ତ୍ୱରାନ୍ୱିତ କରାଯାଉ ବୋଲି ଦାବି ହୋଇଥିବା ବେଳେ ପୁଲିସ ପକ୍ଷରୁ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା।

## ଗେଡ଼ମା ପ୍ରାଥମିକ ବିଦ୍ୟାଳୟ

# ଛଅ ଶ୍ରେଣୀକୁ ୨ ଶ୍ରେଣୀଗୃହ, ୨ ଶିକ୍ଷକ



ହାଟଡ଼ିହୀ, ୧୭।୭ (ସମିସ): ହାଟଡ଼ିହୀ ମଣ୍ଡଳ ଶିକ୍ଷାବିଭାଗ ଅଧୀନସ୍ଥ ଗେଡ଼ମା ପଞ୍ଚାୟତସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗେଡ଼ମାଠାରେ ଶ୍ରେଣୀଗୃହ ସମେତ ଶିକ୍ଷକ ଅଭାବ ସମସ୍ୟା ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ୬୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଠାରେ ଉନ୍ନତ ମାନର ଶିକ୍ଷାଦାନ ଯୋଗୁଁ ବିଗତ ଦିନରେ ବହୁ ଛାତ୍ରଛାତ୍ରୀ ବୃତ୍ତି ପାଇଛନ୍ତି। ଅଭିଭାବକମାନେ ମୁଖତଃ ଏହି ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ଉପରେ ଭରସା କରି ପିଲାଙ୍କୁ ଏହି ସ୍କୁଲକୁ ଛାଡ଼ିଥାନ୍ତି। ବିଦ୍ୟାଳୟ ଆରମ୍ଭ ହେବାଠାରୁ ଆଜିଯାଏଁ ମାତ୍ର ୨ଟି ଶ୍ରେଣୀଗୃହ ଥିବାରୁ ଶିଶୁବାଟିକାଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ ଶ୍ରେଣୀଗୃହ ଏବଂ ଚତୁର୍ଥଠାରୁ ପଞ୍ଚମ ଶ୍ରେଣୀ ଯାଏଁ ଗୋଟିଏ ଶ୍ରେଣୀଗୃହରେ ଅତି ଦୟନୀୟ ଅବସ୍ଥାରେ ପାଠପଢ଼ା ଚାଲୁଛି। ଗୋଟିଏ କୋଠରୀରେ ତିନୋଟି ଶ୍ରେଣୀର ପିଲା ବସୁଥିବାରୁ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ସ୍ତରରେ ବାଧା ସୃଷ୍ଟି ହେଉଛି ବୋଲି ଅଭିଭାବକଙ୍କ ମହଲରେ ଅଭିଯୋଗ ହୋଇଛି। ୬ମାସ ହେବ ଶିକ୍ଷକ ଅଭାବ ସମସ୍ୟା ରହିଛି। ଏହି ସ୍କୁଲରେ ୪ ଜଣ ଶିକ୍ଷକ ଥିଲେ। ଜଣେ ଶିକ୍ଷକ ଗୋପ ସ୍କୁଲକୁ ଡେପୁଟିସନରେ ଓ ଅନ୍ୟଜଣେ ଶିକ୍ଷକ ଭଦ୍ରକ ଜିଲ୍ଲାକୁ ଯାଇଛନ୍ତି। ବର୍ତ୍ତମାନ ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଥିବାରୁ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହେଉଛି। ଛଅଟି ଶ୍ରେଣୀର ୬୪ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଦୁଇ ଶିକ୍ଷକ ଉପରେ ନିର୍ଭର କରୁଥିବାରୁ ଛଅ ମାସ ହେବ ସ୍କୁଲ କମିଟି ସଭ୍ୟସଭ୍ୟା ଗ୍ରାମବାସୀ ବାରମ୍ବାର ହାଟଡ଼ିହୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ସୁଦ୍ଧା ଫଳପ୍ରଦ ହୋଇନାହିଁ। ସ୍କୁଲ କମିଟି ଏବଂ ଅଭିଭାବକମାନେ ଶୁକ୍ରବାର ଅନଶନ ଚେତାବନୀ ଦେଇଛନ୍ତି। ଏହାର ପ୍ରତିକାର ନହେଲେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଆପଣେଇବାକୁ ସ୍କୁଲ କମିଟିର ସଦସ୍ୟ ତପନ ବାରିକ, ଇତିଶ୍ରୀ ଦାସ, ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କାଣ୍ଡି, ନିର୍ମଳ ବାରିକ, ସୁନୀଲ ମହାନ୍ତି, ସନ୍ତୋଷ ଦାସ ପ୍ରମୁଖଙ୍କ ସହ ଅଭିଭାବକ ଏବଂ ଗ୍ରାମବାସୀ କହିଛନ୍ତି।

**ଅବ୍ୟବସ୍ଥା ଭିତରେ ଶିକ୍ଷାଦାନ**

## ମାଲବାହୀ ଟ୍ରେନ ଲାଇନ୍‌ଚ୍ୟୁତ



ଯୋଡ଼ା, ୧୭।୭ (ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ବିଲେଇପଦାଠାରେ ଏକ ଟ୍ରେନ ଲାଇନ୍‌ଚ୍ୟୁତ ହୋଇ ପଡ଼ିଥିଲା। ଡାଙ୍ଗୁଆପୋଷିଠାରୁ ବାଂଶପାଣି ଯିବା ବେଳେ ଦିନ ପ୍ରାୟ ୨ଟାରେ ପାଖାପାଖି ବିରିକଳା ପଞ୍ଚାୟତତ ଭାଗଲପୁରଠାରେ ଲାଇନଚ୍ୟୁତ ହେବା ଫଳରେ ଗୋଟିଏ ବଗି ଓଲଟି ପଡ଼ିଥିଲା। ଏହାର କାରଣ ସ୍ପଷ୍ଟ ହୋଇପାରି ନାହିଁ। ବାଂଶପାଣି ଷ୍ଟେସନ ମାଷ୍ଟର କହିଛନ୍ତି ଯେ ରେଳ କର୍ମଚାରୀ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ଜାରି ରଖିଛନ୍ତି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି। ରେଳ ବିଭାଗ ସେଠାରେ ଜେସିବି ସହାୟତାରେ ଲାଇନ କ୍ଲିୟର ପାଇଁ ଉଦ୍ୟମ ଜାରି ରଖିଛି।

## ହାଇୱା ଓଲଟି ଚାଳକ ମୃତ



ତୁରୁମୁଙ୍ଗା, ୧୭।୭ (ସମିସ): ପାଟଣା ବ୍ଲକ ନୂଆଗାଁରେ ବୁଧବାର ବିଳମ୍ବିତ ରାତିରେ ଏକ ହାଇୱା ଓଲଟି ପଡ଼ିବାରୁ ଗାଡ଼ିର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପଣ୍ଡାପଡା ଥାନା ଉକୁଚାବେଡା ଗ୍ରାମର ଗିରିଧାରୀ ମହାନ୍ତ(୪୫)। ମଙ୍ଗଳପୁର-ଭୀମକୁଣ୍ଡ ରାସ୍ତାର କାମ ପାଇଁ ପଥର ଗୁଣ୍ଡ ଆଣି ଖାଲି କରୁଥିବା ସମୟରେ ଅଘଟଣ ଘଟିଥିଲା। ସାଥୀ ଡ୍ରାଇଭର ତାଙ୍କୁ ଉଦ୍ଧାର କରି ପାଟଣା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଗାଁ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଘରୁ ଗୋଖର ସାପ ଉଦ୍ଧାର

ତୁରୁମୁଙ୍ଗା, ୧୭।୭ (ସମିସ): ପାଟଣା ରେଞ୍ଜ ସାହାରପଡା ସେକ୍ସନ ରାଇଡିହା ବିଟ୍ କଟୁପଡା ଗ୍ରାମର ଶୁକଦେବ ମହାନ୍ତଙ୍କ ଘର ଭିତରୁ ଗୁରୁବାର ଏକ ବିରାଟ ଗୋଖର ସାପକୁ ବନ ବିଭାଗ ଉଦ୍ଧାର କରି ଜଙ୍ଗଲରେ ଛାଡିଛି। ସାପଟି ଖାଦ୍ୟ ଅନ୍ୱେଷଣରେ ଆସି ଘର ଭିତରେ ପଶି କୁକୁଡ଼ା ଅଣ୍ଡା ଖାଉଥିବା ଦେଖି ପରିବାର ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପକ୍ଷରୁ ଏମ୍‌ଡି ୱାସିମ, ତ୍ରିଲୋଚନ ମହାନ୍ତ ସାପକୁ ସୁରକ୍ଷିତ ଭାବରେ ଉଦ୍ଧାର କରି ସିଆଳଯୋଡ଼ା ଜଙ୍ଗଲରେ ଛାଡ଼ିଛନ୍ତି।

## ପେଟ ଯନ୍ତ୍ରଣା; ନାବାଳିକା ଛାତ୍ରୀ ମୃତ



ହାଟଡ଼ିହୀ, ୧୭।୭ (ସମିସ): ହାଟଡ଼ିହୀ ଗ୍ରାମର ହରିହର ଜେନାଙ୍କ ନାବାଳିକା ଝିଅ ଦୀପାଳି ଜେନା(୧୨)ଙ୍କ ମୃତ୍ୟୁ ଘଟିଛି। ୩ ଦିନ ପୂର୍ବରୁ ଦୀପାଳି ପେଟଜନିତ ଯନ୍ତ୍ରଣାରୁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଗୋଟିଏ ଦିନ ପରେ ଝିଅର ଅସ୍ତ୍ରୋପଚାର ହେବା ପୂର୍ବରୁ ନାବାଳିକାର ମୃତ୍ୟୁ ଘଟିଥିଲା। ଡାକ୍ତରାଙ୍କ କହିବାନୁସାରେ, ଅତ୍ୟଧିକ ଫାଷ୍ଟଫୁଡ ଏବଂ ବଜାରରେ ମିଳୁଥିବା ଶସ୍ତା ସ୍ନାକ୍ସ ଖାଦ୍ୟ ଖାଇ ଝିଅ ପେଟଜନିତ ଯନ୍ତ୍ରଣାର ଶିକାର ହୋଇଥିଲା। ଖାଦ୍ୟନଳି ଜାମ୍ ହୋଇ ଫୁଲିବା ଏବଂ ତାହା ହଠାତ୍ ଫାଟିଯିବାରୁ ନାବାଳିକା ଝିଅର ମୃତ୍ୟୁ ଘଟିଲା। ଏନେଇ ବାପା ହରିହରଙ୍କ ସପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ହରିହରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ଟ୍ରକ୍ ଚୋରି ଉଦ୍ୟମ; ୨ ଗିରଫ

ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡୁମୁରିଗୁଡା ନିକଟ ଏକ ପଡ଼ିଆରେ ଛିଡ଼ା ହୋଇଥିବା ୧୨ ଚକିଆ ଟ୍ରକକୁ ବୁଧବାର ରାତି ୯ ରେ ଚୋରି କରିବାକୁ ଉଦ୍ୟମ କରୁଥିବା ସମୟରେ ୩ଜଣଙ୍କୁ ଧରି ଲୋକେ ପୁଲିସର ଜିମା ଦେଇଥିଲେ। ଗାଡି ମାଲିକ ଦିବ୍ୟଜ୍ୟୋତି ମହାନ୍ତ ଅଭିଯୋଗ କରିବାପରେ ପୁଲିସ ୩ ସନ୍ଦିଗ୍ଧଙ୍କୁ ଜେରା କରିବା ପରେ ଗୁରୁବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ନାବାଳକ ଠାକୁରମୁଣ୍ଡା ଥାନାଞ୍ଚଳର। ଅଭିଯୁକ୍ତଙ୍କଠାରୁ ଏକ ସ୍କୁଟି ସହ ପ୍ଲାସ ସ୍କ୍ରୁ ଡ୍ରାଇଭର ଜବତ ହୋଇଛି। ଗିରଫ ଦୁଇ ଜଣ ହେଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା କରଞ୍ଜିଆ ମଙ୍ଗଳାମନ୍ଦିର ସାହିର କୁର୍ତ୍ତି ପାତ୍ର(୨୨) ଏବଂ କୁଞ୍ଜିଆ ଗ୍ରାମର ବିବେକାନନ୍ଦ ନାଏକ(୨୧) ଏମାନଙ୍କ ନାମରେ ପୂର୍ବରୁ ମଧ୍ୟ କରଞ୍ଜିଆ ଥାନାରେ ମାମଲା ରହିଥିବା ଏସଆଇ ସୁରେଶ ସାହୁ ଜଣାଇଛନ୍ତି।

## ଚୋର ଖାଇଗଲେ କୁର୍‌କୁରେ, ଚକ୍‌ଲେଟ୍

ତୁରୁମୁଙ୍ଗା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ଥିବା ଏକ ପାନ କ୍ୟାବିନର ପଛ ପଟ ଭାଙ୍ଗି ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନରେ ଥିବା ଲେଜ କୁରକୁରି, ଚକଲେଟ, ବିସ୍କୁଟ ସହ ନଗଦ ଟଙ୍କା ଚୋରି କରି ନେଇଯାଇଛନ୍ତି। ପାଟଣା ଥାନାଧିକାରୀ ମାନସ ମହାକୁଳ ତଦନ୍ତ ଆରମ୍ଭ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଚୋରି ମାମଲା ହୋଇଥିଲେ ହେଁ ପୁଲିସ କାହାରିକୁ ଧରିବାରେ ସକ୍ଷମ ହୋଇ ପାରିନାହିଁ। ଫଳରେ ସ୍ଥାନୀୟ ଲୋକେ ଏବଂ ଦୋକାନୀ ଭୟଭୀତ ଅବସ୍ଥାରେ ଅଛନ୍ତି। ରାତ୍ରକାଳୀନ ପାଟ୍ରୋଲିଂକୁ ଜୋରଦାର କରିବା ପାଇଁ ଦାବି ହୋଇଛି।

## ତେମଳାରେ ଅଗ୍ନିକାଣ୍ଡ

# ଜଳିଗଲା ଗାଈ, ଛେଳି ସହ ୭ ବଖରା

ହାଟଡ଼ିହୀ, ୧୭।୭ (ସମିସ): ହାଟଡ଼ିହୀ ବ୍ଲକ ସମଣା ପଞ୍ଚାୟତ ଅନ୍ତର୍ଗତ ତେମଳା ଗ୍ରାମରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗୁରୁବାର ଭୋର ପ୍ରାୟ ୩ଟା ସମୟରେ କୌଣସି କାରଣରୁ ଗ୍ରାମର ଘନଶ୍ୟାମ ପେଡ଼ା, ବେଣୁଧର ପେଡ଼ା, ରମେଶଚନ୍ଦ୍ର ପେଡ଼ାଙ୍କ ଘର ସହ ଗୁହାଳ ଘରେ ଅଗ୍ନିକାଣ୍ଡ ଘଟି ୪ ବଖରା ଜଳି ଯାଇଛି। ଘରର ସମସ୍ତ ଆସବାବପତ୍ର ସହିତ ଧାନ, ଚାଉଳ, ଲୁଗାପଟା ଜଳି ଯାଇଛି। ଗୁହାଳ ଘରେ ବନ୍ଧା ହୋଇଥିବା କିଛି ଗୋରୁଗାଈ ଆହତ ହୋଇ ଦୌଡ଼ି ପଳାଇ ଥିବାବେଳେ ୧ଗାଈ ଓ ୧ବାଛୁରି ସହ ୭ଟି ଛେଳି ନିଆଁରେ ପଡି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିସହ ପଡ଼ୋଶୀ ଗଙ୍ଗାଧର ବେହେରାଙ୍କ ୩ବଖରା ଘରେ ନିଆଁ ଲାଗି ତାଙ୍କର ଆଂଶିକ କ୍ଷତି ହୋଇଥିବା ସୂଚନା ମିଳିଛି। ରମେଶ ପେଡ଼ା ଧନଜୀବନ ରକ୍ଷା କରିବା ସମୟରେ ଅଗ୍ନି ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ଗ୍ରାମର ରଞ୍ଜନ ମହାପାତ୍ର ତୁରନ୍ତ ତାଙ୍କୁ ନେଇ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ହାଟଡ଼ିହୀ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଅଗ୍ନିବିପନ୍ନ ପରିବାରଙ୍କୁ ଭେଟିବା ସହ ସରକାରୀ ସ୍ତରରୁ ସାହାଯ୍ୟ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିବା ନେଇ କହିଛନ୍ତି।



**ଜଣେ ଆହତ**

## ଇସ୍ରୋରେ ମହାକାଶ ଅନୁସନ୍ଧାନର ଜ୍ଞାନ ସାଉଁଟିଲେ କେନ୍ଦୁଝର ଝିଅ



କେନ୍ଦୁଝର/ଯୋଡ଼ା, ୧୭।୭ (ସମିସ): କେନ୍ଦୁଝର ଜିଲ୍ଲା ଗୁଆଲି ଗ୍ରାମର ବାସିନ୍ଦା ଓ କାଟେସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ଭବାନୀ ବାଙ୍କୁଲା ନିଜ ଗାଁ ଏବଂ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟସ୍ତରୀୟ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ରେ ଭାଗ ନେଇ ଶୀର୍ଷ ୩୦ ବିଜେତାଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଇସ୍ରୋ (ଭାରତୀୟ ମହାକାଶ ଗବେଷଣା ସଂସ୍ଥା) ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି ଭବାନୀ। ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ଉପସଚିବ ଏବଂ ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶକ ଊର୍ମିପ୍ରଭା ମହାରଣା, ଟାଟା ଷ୍ଟିଲର ଅଧିକାରୀଙ୍କ ନେତୃତ୍ୱରେ ଏହି ପରିଭ୍ରମଣ ଆୟୋଜିତ ହୋଇଥିଲା।

ହରିହର ବାଙ୍କୁଲା ଏବଂ ଲୀଳାବତୀ ବାଙ୍କୁଲାଙ୍କ ଝିଅ ଭାବନୀ ନିଜ ଉତ୍ସାହ ପ୍ରକାଶ କରି କହିଛନ୍ତି ଯେ ୟାଟ୍ସ କାର୍ଯ୍ୟକ୍ରମ ପାଇଁ ଟାଟା ଷ୍ଟିଲକୁ ଧନ୍ୟବାଦ। ଉପଗ୍ରହ ବିକାଶ ପ୍ରକ୍ରିୟା ସ୍ୱଚକ୍ଷୁରେ ଦେଖିବା ଏବଂ ବୈଜ୍ଞାନିକମାନଙ୍କଠାରୁ ମହାକାଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ କରିବା ତାଙ୍କ ପାଇଁ ରୋମାଞ୍ଚକର ଥିଲା। କାଟେସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେଶଚନ୍ଦ୍ର ମହାନ୍ତ କହନ୍ତି, ଉପାନ୍ତ ଅଞ୍ଚଳରେ ବିଜ୍ଞାନ ଶିକ୍ଷାର ପ୍ରଚାର ଏବଂ ପ୍ରସାର ପାଇଁ ଟାଟା ଷ୍ଟିଲର ଅବଦାନ ଅତୁଳନୀୟ। ଏଭଳି ଜାରି ରହିଲେ, ଦିନେ ଏହି ପିଲାମାନେ ବୈଜ୍ଞାନିକ ହୋଇ ବାହାରିବେ।

## ଡି ଡି ମେଡିକାଲରେ ଅର୍ଥୋ ଟ୍ରମାକେୟାର ଆରମ୍ଭ



କେନ୍ଦୁଝର, ୧୭।୭ (ସମିସ): ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ (ଡିଡିସିଏଚ୍)ରେ ଟ୍ରମା କେୟାର ସେଣ୍ଟରରେ ଅତ୍ୟାଧୁନିକ ବୈଷୟିକ ଯନ୍ତ୍ରପାତି ସୁବିଧା ସଂଲଗ୍ନ ଅର୍ଥୋ ଟ୍ରମା ଚିକିତ୍ସା ସେବା ଗୁରୁବାରଠୁ ଆରମ୍ଭ ହୋଇଛି। ଦୁର୍ଘଟଣାରେ ଆହତମାନଙ୍କ ପାଇଁ ଆଡମିଶନ ପରେ ଏହି ଜରୁରୀ ସେବା ଉପଲବ୍ଧ ହେବ। ଏହାକୁ ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ଅଧିକ୍ଷକ ଡାକ୍ତର ମହେନ୍ଦ୍ର ନାୟକ ଲୋକାର୍ପଣ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହଯୋଗରେ ଏହି ସେବା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଧରଣୀଧର ମେଡିକାଲ କଲେଜର ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏଠାରେ ଦୁର୍ଘଟଣାଜନିତ ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଟ୍ରମାକେୟାର ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଗତ ମେ ୫ ତାରିଖରେ ଲୋକାର୍ପଣ କରିଥିଲେ।

# କଂଗ୍ରେସର ବନ୍ଦ ଜିଲ୍ଲାବ୍ୟାପୀ ସମ୍ପୂର୍ଣ୍ଣ ଓ ଶାନ୍ତିପୂର୍ଣ୍ଣ













କେନ୍ଦୁଝର, ୧୭।୭ (ସମିସ):

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଓ ତାଙ୍କର ମୃତ୍ୟୁ ପରେ ନ୍ୟାୟ ଏବଂ ରାଜ୍ୟରେ ନାରୀ ସୁରକ୍ଷା ଦିଗରେ ବିଜେପି ସରକାର ବିଫଳ ବିରୋଧରେ ଆଜି କଂଗ୍ରେସ ଦଳ ପକ୍ଷରୁ ସାରା ଓଡିଶା ବନ୍ଦ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ସମସ୍ତ ବ୍ଲକରେ ସମସ୍ତ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ, ଯାନବାହନ, ପେଟ୍ରୋଲ ପମ୍ପ, ଦୋକାନ ବଜାର ବନ୍ଦ କରାଯାଇଥିଲା। କେବଳ ଆମ୍ବୁଲାନ୍ସ ଓ ଅତ୍ୟାବଶ୍ୟକ ଗାଡି ଗୁଡିକକୁ ଛାଡି ଦିଆ ଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗାନ୍ଧୀ ଛକ, ଲାବଣ୍ୟ ଛକ, ଜିଲ୍ଲା କୋର୍ଟ, ସିରାଜୁଦ୍ଦିନ ଛକ ଓ ପୁରୁଣା ବଜାରଠାରେ କଂଗ୍ରେସ କର୍ମୀମାନେ ବନ୍ଦ କରିଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପୂର୍ବତନ ପିସିସି ସାଧାରଣ ସମ୍ପାଦକଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସୋନାଲି ମାର୍ଣ୍ଡି, ବରିଷ୍ଠ କଂଗ୍ରେସ ନେତା ବସନ୍ତ ଦାସ, ଉତ୍ତମ ସାହୁ, ରତ୍ନାକର ଜେନା, ଲଳିତ ମୋହନ ନାୟକ, ମନୋରଞ୍ଜନ ରାଉତ, ଦିନେଶ ରାଉତ, ସୁଢଳ ସେଠୀ, ସୁରଜିତ ଦାସ, ଦିଲ୍ଲୀପ ସାହୁ, ରଘୁନାଥ ପାତ୍ର, କ୍ଷୀରୋଦ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଯୁବ କଂଗ୍ରେସ ନେତା ସୌମ୍ୟରଞ୍ଜନ ରାଉତ, ଏତିହ୍ୟ ଦିବ୍ୟ ସିଂହ, ମାନସ ବେହେରା, ସୌମ୍ୟରଂଜନ ପଲେଇ, ସଂଗ୍ରାମ ବେହେରା, ଅଭିଜିତ ବେହେରା ପ୍ରମୁଖ ବନ୍ଦରେ ସାମିଲ ଥିଲେ।

**ଆନନ୍ଦପୁର:** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୋମ୍ୟଶ୍ରୀ ବିଶି ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ ଦାବିକରି ଓଡ଼ିଶା ବନ୍ଦ ଡକରା ଆନନ୍ଦପୁର ଉପଖଣ୍ଡରେ ସମ୍ପୂର୍ଣ ସଫଳ ହୋଇଛି। ସକାଳ ୬ରୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ କୋର୍ଟ ଡାକଘର ବନ୍ଦ ରହିବାରୁ ଅନେକ ସରକାରୀ କାର୍ଯ୍ୟ ବ୍ୟାଘାତ ହୋଇଥିବା ଜଣାଯାଇଛି। ସେହିପରି ଘସିପୁରା ଶାଳପଡା ଶୈଳଙ୍ଗ ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଦୋକାନବଜାର ବନ୍ଦ ରହିଥିଲା। ଆନନ୍ଦପୁର ବ୍ରିଜ ଛକ ଗୋଲେଇରେ କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀଧର ଦଳେଇ, ନିକୁଞ୍ଜ ମିଶ୍ର, ନିରଞ୍ଜନ ମିଶ୍ର, ମୁରଲୀଧର ମିଶ୍ର, ନିମାଇଁ ଦାଶ, ଗୋବିନ୍ଦ ମାଝୀ, ମୁରଲୀ ବେହେରା, ବିଭୁ ଘଡେଇ, ଟୁମା ରାମ, ବ୍ରାହ୍ମଣୀଦେବି ଗୋଲେଇରେ ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ଲୁଲୁ ସିଂ, ସୁରେଶ ଜେନା, ମୁଟୁ ରାମ, ସୁଡସୁଡ଼ିଆ ବାଇପାସରେ ଦିଲୁ ଦାଶ, ନୁରୀ ସାହୁ, ଏକନ ସାହୁ, କାଠିଆ ସେନାପତି, ଶୈଳଙ୍ଗ ଛକରେ କଂଗ୍ରେସ ସଭାପତି ସୁବ୍ରତ ଚକ୍ର, ଦିଲୀପ ଜେନା, ମନୋଜ ନାୟକ, ତ୍ରିଲୋଚନ ପରିଡା, ସୁରେଶ ପୃଷ୍ଟି, କାଠି ସାହୁ, ଦୈତାରୀ ମହାକୁଡ଼, ଧ୍ରୁବଚରଣ ଚକ୍ର ସାମିଲ ହୋଇଥିଲେ। ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା ଓ ପୁଲିସ ବାହିନୀ ଆଇନଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିଥିଲେ।

**ରାମଚନ୍ଦ୍ରପୁର:** ବରିଷ୍ଠ ନେତା ସୁବ୍ରତ ଚକ୍ରଙ୍କ ନେତୃତ୍ୱରେ ଶହଶହ କର୍ମୀ କେନ୍ଦୁଝର ସୀମାନ୍ତ ୨୦ ନମ୍ବର ଜାତୀୟ ରାଜପଥ ଜରଦା ଛକରେ ପହଞ୍ଚି ଧାରଣାରେ ବସି ରହିଥିଲେ। ଜାତୀୟ ରାଜପଥ ବନ୍ଦ ହେବାରୁ ଯାଜପୁର ଏବଂ କେନ୍ଦୁଝର ସୀମାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଲମ୍ବା ଲାଇନରେ ଠିଆ ହୋଇରହିଥିଲା। ପରେ ୨୦ ନମ୍ବର ଜାତୀୟ ରାଜପଥରେ ପିକେଟିଂ କରି ରାମଚନ୍ଦ୍ରପୁର, ପଦନା, ସାଙ୍କୁଳ ଏବଂ ଘସିପୁରାଠାରେ ବଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଏବଂ ଦୋକାନ ବଜାର, ସରକାରୀ ଅଫିସ ବନ୍ଦ ରଖିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ପରିଡା, ବରିଷ୍ଠ କଂଗ୍ରେସ ନେତା ବଳରାମ ବେହେରା, ଚଗଲା କୁଅଁର, ନିରାକାର ସାହୁ, ମନୋଜ ସ୍ୱାଇଁ, ରମାକାନ୍ତ ନାୟକ, ନିରଂଜନ ଜେନା, ଉତ୍ତମ ସାହୁ, ଚିତ୍ତରଂଜନ ପରିଡା, ଦିଲ୍ଲୀପ ଜେନା, ବୃନ୍ଦାବନ ଜେନା, ଦୈତାରୀ ମହାକୁଡ, କୃଷ୍ଣଚନ୍ଦ୍ର ନାୟକ, ଦୀପକ ମାଝୀ, ବିପିନୀ ବିହାରୀ ମାଝୀ, ମିଡିଆ ସେଲ୍ ସଂଯୋଜକ ତାରିଣୀ ପ୍ରସାଦ ପଟ୍ଟନାୟକ ସାମିଲ ଥିଲେ। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁ ଜରଦା ଛକ ସମେତ ସମସ୍ତ ଛକ ବଜାରରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

**ଯୋଡ଼ା:** ଯୋଡ଼ା ଖଣି ଅଞ୍ଚଳରେ କଂଗ୍ରେସ ଓ ସିପିଆଇ ନେତା-କର୍ମୀମାନେ ମିଳିତ ଭାବେ ଏହି ବନ୍ଦ ପାଳନରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ସମୟରେ ଯାନବାହନ ଚଳାଚଳ ବନ୍ଦ ରହି ବଜାର ଘାଟ ଖାଁ ଖାଁ ଲାଗୁଥିଲା। ଯୋଡ଼ା କଂଗ୍ରେସ ନଗର ସଭାପତି ସୁବ୍ରତ ନାୟକ ଆନ୍ଦୋଳନର ମଙ୍ଗ ଧରିଥିଲେ। ଏହା ବ୍ୟତୀତ କେରଳା ଇଂଲିଶ ମିଡିଓମ ସ୍କୁଲର ଛାତ୍ର କ୍ରିଷ୍ଣା ପ୍ରଧାନଙ୍କ ମୃତ୍ୟୁର ପ୍ରତିବାଦ କରାଯାଇଥିଲା। ବଡ଼ବିଲ, ଭଦ୍ରାସାହି ଏବଂ ବାମେବାରୀ ଅଞ୍ଚଳରେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଯୋଡ଼ା ନଗର ସଭାପତି ସୁବ୍ରତ ନାଏକଙ୍କ ନେତୃତ୍ୱରେ କଂଗ୍ରେସ ଓ ସିପିଆଇ ଟ୍ରେଡ ୟୁନିୟନ କର୍ମୀମାନେ ବିଭିନ୍ନ ଛକରେ ବ୍ୟାନର ଲଗାଇ ରାସ୍ତା ଅବରୋଧ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। ଦୋକାନ ବଜାର, ସ୍କୁଲକଲେଜ, ବ୍ୟାଙ୍କ, ଟ୍ରାନ୍ସପୋର୍ଟ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ମଧ୍ୟ ଠପ ହୋଇଯାଇଥିଲା। ଜିଲ୍ଲା ଯୁବ ସମ୍ପାଦକ ରୂପରଂଜନ ପଣ୍ଡା, ମହିଳା ମୋର୍ଚ୍ଚା ନେତ୍ରୀ ଆରତୀ ଘଣା, କର୍ମୀ ମିଥୁନ ମୁଣ୍ଡା, କାର୍ତ୍ତିକ ନାଗ, ସିପିଆଇ ପକ୍ଷରୁ ମହେଶ୍ୱର ରାଉତ, କପିଳ ମହାନ୍ତି, ହୃଦାନନ୍ଦ ପ୍ରଧାନ, ନୀଳାଦ୍ରି ଭୂଷଣ ମହାନ୍ତ ପ୍ରମୁଖ ସାମିଲ ଥିଲେ।

**ଚମ୍ପୁଆ:** ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ସହ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣାର ପ୍ରତିବାଦ କରି କଂଗ୍ରେସ ଓ ବାମପନ୍ଥୀ ଦଳର ନେତା-କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ପୂର୍ବତନ ସାଂସଦ ତଥା ବର୍ତ୍ତମାନର କଂଗ୍ରେସ ନେତା ଯଶୋବନ୍ତ ନାରାୟଣସିଂ ଲାଗୁରି, ସିପିଆଇ ନେତା ବିଦ୍ୟାଧର ମହାନ୍ତ, ଗୁରୁବକ୍ସ ସିଂ ଆଲୁୱାଲିଆଙ୍କ ନେତୃତରେ ଶତାଧିକ କର୍ମୀ ଚମ୍ପୁଆ ରିମୁଳି ରାସ୍ତା, ଚମ୍ପୁଆ ବାସୁଦେବପୁର ରାସ୍ତା, ଚମ୍ପୁଆ ଝାଡଖଣ୍ଡ ସୀମାରେ ରାସ୍ତା ଅବରୋଧ କରିଥିଲେ। ବହୁ ସରକାରୀ କାର୍ଯ୍ୟାଳୟ ସହ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର, ଯାନବାହନ ଚଳାଚଳ ଠପ ହୋଇଯାଇଥିଲା।

**ତୁରୁମୁଙ୍ଗା:** ପାଟଣା-ସାହାରପଡ଼ା ବ୍ଲକ ଅଞ୍ଚଳରେ ବନ୍ଦ ଡକରା ଶାନ୍ତିପୂର୍ଣ୍ଣ ରହିଥିଲା। ପାଟଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଆୟୋଜିତ ସଭାରେ ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟ ଓ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। କଂଗ୍ରେସ ନେତା କୈଳାଶଚନ୍ଦ୍ର ବାରିକଙ୍କ ସଂଯୋଜନାରେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ଙ୍ଗ ବିଦ୍ୟାଧର ଦାଶ ଓ କଂଗ୍ରେସ କେନ୍ଦୁଝର ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ ପିକେଟିଂ କରି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ପାଟଣାରେ ଲକ୍ଷ୍ମଣ ଦାଶ, ଦିଲୀପ ଦାଶ, ନିରଞ୍ଜନ କର, ପ୍ରୀୟନତା ନାଏକ, ଉଦ୍ଧବ ମହନ୍ତ ଏବଂ ସାହାରପଡ଼ାରେ ବୀରଭଦ୍ର ମହାନ୍ତ, ମୁକୁନ୍ଦ ମହାନ୍ତଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ତୁରୁମୁଙ୍ଗାଠାରେ ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ କରାଯାଇଥିଲା। ହାତୀବାରି ନିକଟସ୍ଥ ଏନ୍‌ଏଚ ୪୯କୁ କଂଗ୍ରେସ କର୍ମୀ ବନ୍ଦ କରିଥିଲେ। ବାଡ଼ିଆ ସାହୁ, ଈଶ୍ୱରଚନ୍ଦ୍ର ଦେହୁରୀ, ସୁବଳ ସାହୁ, ସୁବ୍ରତ ସେଠୀ, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ବ୍ରଜ ନାଏକ, ମାନସ ନାଏକ, ଦିଲ୍ଲୀପ ସାହୁ, ମୁନା ସେଠୀ, ବୁଟୁ ନାଏକ, ଗୋବର୍ଦ୍ଧନ ସିଂ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ହାଟଡ଼ିହୀ:** ଆନନ୍ଦପୁରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଏବଂ ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଇ. ମନୋଜ ଜେନାଙ୍କ ନେତୃତ୍ୱରେ ହାଟଡ଼ିହୀ ବ୍ଲକରେ ଶୃଙ୍ଖଳାର ସହ ବନ୍ଦ ପାଳନ ହୋଇଛି। ୫୩ନଂ ରାଜ୍ୟ ରାଜପଥର ହାଟଡ଼ିହୀ, ଛେନାପଦି, ମରେଇଗାଁଠାରେ ଏହାର ପ୍ରଭାବ ରହିଥିଲା। ଶାଳଣିଆଁ, ସୋସୋ, ବିଦ୍ୟାଧରପୁର, ଢେଙ୍କା ଆଦି ସ୍ଥାନରେ ମଧ୍ୟ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରିଥିଲେ। ଗ୍ରାମାଞ୍ଚଳର ବହୁତ ସାଧାରଣ ବ୍ୟକ୍ତି ମଧ୍ୟ ସାମିଲ ହୋଇଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯିବା ସହ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଅଧିକାଂଶ ଦୋକାନ ବଜାର ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତେଲକୋଇ ଛକରେ ଅବରୋଧ ଫଳରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରାଯାଇଥିଲା। ବରିଷ୍ଠ ନେତା ନିର୍ମଳଚନ୍ଦ୍ର ନାୟକ, ଜିଲ୍ଲା କୃଷକ ସେଲ୍ ଅଧକ୍ଷ ଦିଲ୍ଲୀପ ସାହୁ, ନାରାୟଣ ପ୍ରଧାନ, ନବନିର୍ମାଣ କୃଷକ ସଂଗଠନର ନେତା ଲକ୍ଷ୍ମୀଧର ପ୍ରଧାନ, ପ୍ରଦୀପ ଧୀର, ସୁବାସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ୟାମ ନାୟକ, ବଦ୍ରୀ ପ୍ରଧାନ, ବାସୁଦେବ ପ୍ରଧାନ, ଚନ୍ଦ୍ରମଣି ସାହୁ, ରାଜକିଶୋର ନାୟକ, ପ୍ରମୋଦ ସାହୁ, କୈଳାସ ମହାପାତ୍ର, ଜାମୀ ପତ୍ର, ସଂଗ୍ରାମ ସାହୁ, ତ୍ରିଲୋଚନ ପାତ୍ର, ରାଘବ ବେହେରା, ଟଙ୍କଧାର ପ୍ରଧନ, ଅକ୍ଷୟ ସାହୁ, ଭକ୍ତପ୍ରିୟ ଜେନା ସାମିଲ ଥିଲେ।

**ବାଲିବନ୍ଧ:** ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡକରା ଯୋଗୁଁ ଝୁମ୍ପୁରା ଅଞ୍ଚଳ ପ୍ରଭାବିତ ହୋଇଛି। କଂଗ୍ରେସ କର୍ମୀମାନେ ବ୍ୟାନର ଏବଂ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ। ଏହାର ପ୍ରଭାବରେ ଜାତୀୟ ରାଜପଥ ଏବଂ ବଜାର ରାସ୍ତାରେ କାଁ ଭାଁ ଗାଡ଼ିମଟର ଚଳକଚଳ କରିଥିଲା। ଝୁମ୍ପୁରା ଥାନା ପକ୍ଷରୁ ଆଇଆଇସି ସମବାରୀ ହାଁସଦାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଛକରେ ପୁଲିସ ମୁତୟନ କରାଯାଇଥିଲା। ବ୍ଲକ ସଭାପତି ସୁବ୍ରତ ପ୍ରଧାନଙ୍କ ସମେତ ଧନୁର୍ଜୟ ନାୟକ, କପିଳ ବେହେରା, ବଳରାମ ପ୍ରଧାନ, ମଙ୍ଗଳ ମୁଣ୍ଡା, ହେମନ୍ତ ନାଏକ, ପୂର୍ଣ୍ଣ ପ୍ରଧାନ, ରାକେଶ ପ୍ରଧାନ, କାର୍ତ୍ତିକ ମହାନ୍ତ, କୁଞ୍ଜ ମହାନ୍ତ ପ୍ରମୁଖ କଂଗ୍ରେସ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ପୋଚ ଓ ମଦ ଜବତ; ୨ ଗିରଫ

ବଡ଼ସାହି,୧୭।୮ (ସମିସ): ବଡ଼ସାହି ଥାନା ଅଧୀନ ବଣତାଳପଦା ଗ୍ରାମରେ ବ୍ୟାପକ ଚୋରା ବେଆଇନ ଦେଶୀ ମଦ କାରବାର ହେଉଥିବା ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଛି। ଫଳରେ ଘଟଣାସ୍ଥଳରୁ ୩୫୦ କେଜି ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବଣତାଳପଦା ଗ୍ରାମର ବୁଧସା ମାଝୀ ଓ ସାଲ ହେମ୍ବ୍ରମ୍।

## ଜୁଆ ଖେଳରୁ ଆକ୍ରମଣ; ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ

ବଡସାହି,୧୭।୭ (ସମିସ): ବଡସାହି ଥାନା ମୂଷାଗଡିଆ ଗ୍ରାମରେ ଜୁଆ ଖେଳରୁ ଗଣ୍ଡଗୋଳ ଘଟି ସଂଘବଦ୍ଧ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ସେହି ଗ୍ରାମର କାରୁ ମାରାଣ୍ଡି((୬୦)। ବଡସାହି ଥାନା ଇଲାକାରେ ବେଆଇନ ମଦ ଓ ଜୁଆ ଖେଳ ସୀମା ଟପିଛି। ଏହି ଦୁଇଟି ବେଆଇନ କାରବାର ପାଇଁ ଜଣେ ନିରୀହ ବୃଦ୍ଧର ପ୍ରାଣ ଯାଇଛି। ଏ ସଂକ୍ରାନ୍ତରେ ତାଙ୍କ ପୁଅ ଦର୍ଗା ମାରଣ୍ଡିଙ୍କ ଏତଲାକୁ ଭିତି କରି ପୁଲିସ ଏକ ମାମଲା ରୁଜ କରି ତଦନ୍ତ ଜାରି ରଖିଥିଲା। ମାତ୍ର ମୃତ୍ୟୁ ଖବର ପାଇବା ପରେ ପୁଲିସ ୪ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦଲ ମଳିକ, କାଲୁ ନାଏକ, ସନିଆ ଦେହୁରୀ ଓ ନାନ୍ଦିଆ ପାତ୍ର। ଅନ୍ୟମାନେ ଫେରାର ରହିଛନ୍ତି। ମାତ୍ର ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ ଅନ୍ୟ ଅଭିଯୁକ୍ତଙ୍କୁ ଫେରାର ହେବାରେ ସହାୟତା କରିଥିବା ସମାଜସେବୀ ପ୍ରକାଶ କର ମହାପାତ୍ର ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି। ସେ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରଛନ୍ତି। ଗ୍ରାମରେ ତାସ ଜୁଆ ଖେଳରେ ଏହି ଗ୍ରାମର କୁନୁରାମ ମୁର୍ମୁଙ୍କ ପୁଅ ଲଙ୍ଗଲେଶ୍ୱର ୧୦୦ଟଙ୍କା ବାକି ରଖିଥିଲେ। ଏହାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ନନ୍ଦିଆ ପାତ୍ର, ବାବୁଲି ନାଏକ, ବାଦଲ ମଲ୍ଲିକ, ସନିଆ ଦେହୁରୀ, ଟୁରା ଦେହୁରୀ, କାଲୁ ନାଏକ, ନିନି ଦେହୁରୀ, ବାଉଶି ଦେହୁରୀ, ଉଲା ଦେହୁରୀ, ରାଜା ଦଳେଇ କାର୍ତ୍ତିକ ଦେହୁରୀ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହା ଦେଖି ପଡୋଶୀ କାରୁ ମାରାଣ୍ଡି ସେମାନଙ୍କ କବଳରୁ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଲଙ୍ଗଲେଶ୍ୱର ବର୍ତ୍ତି ଯାଇଥିବା ବେଳେ କାରୁ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୪ ଦିନ ଚିକିତ୍ସା ପରେ ଅବସ୍ଥାର ଉନ୍ନତି ନ ଆସିବାରୁ ତାଙ୍କୁ ପୁଣି କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

## ମାଣିକପୁର ଜାହିରା ରାସ୍ତା ବିପର୍ଯ୍ୟସ୍ତ



ରାଇରଙ୍ଗପୁର,୧୭।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ପ୍ରଭାବରେ ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତ ମାଣିକପୁର ଗାଁର ଜାହିରା (ପୂଜାସ୍ଥଳୀ) ନିକଟ ରାସ୍ତା ପାଶ୍ୱର୍ ଖାଲଖମା ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ଗାଁର ହୁଟୁବ ସାହି ଏବଂ ବାଳେ ସାହି ନିର୍ଭର କରନ୍ତି। ଏହି ରାସ୍ତା ଦେଇ ବହୁ ଗ୍ରାମବାସୀ ଯିବା ଆସିବା କରନ୍ତି। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଲଗାଣ ବର୍ଷା ଯୋଗୁଁ ଏହି ମାଟି ରାସ୍ତାଟି ଖାଲଖମା ସୃଷ୍ଟି ହୋଇଥିବାବେଳେ ଲୋକେ କାଦୁଅରେ ଯିବାଆସିବା କରୁଛନ୍ତି। ଦୀର୍ଘ ବର୍ଷ ଧରି ପକ୍କା ସଡ଼କ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# କଂଗ୍ରେସର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ








କରଞ୍ଜିଆ, ୧୭।୭ (ସମିସ):

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ କଂଗ୍ରେସ ତରଫରୁ ଗୁରୁବାର ଡାକରା ଦିଆଯାଇଥିବା ଓଡିଶା ବନ୍ଦ ପାଳନ କରଞ୍ଜିଆରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପଯ୍ୟନ୍ତ କରଞ୍ଜିଆ ସହର ସମେତ କରଞ୍ଜିଆ ବ୍ଲକ ବନ୍ଦ ରହିଥିଲା। ବନ୍ଦ ପ୍ରଭାବରେ ସମସ୍ତ ବସ ସେବା ଟ୍ରକ ଚଳାଚଳ ବଜାର, ପେଟ୍ରୋଲ ପମ୍ପ, ସ୍କୁଲ କଲେଜ ଆଦି ବନ୍ଦ ରହିଥିଲା। କଂଗ୍ରେସ ଜିଲ୍ଲା ସଭାପତି (ପଶ୍ଚିମାଞ୍ଚଳ)ର ଭୁବନ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରି ବନ୍ଦ କରିବାକୁ ନିବେଦନ କରିଥିଲେ। ଚଢେଇଭଲଠାରେ ରାଜରାସ୍ତାକୁ ଅବରୋଧ କରିବାରୁ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଲକ୍ଷ୍ମୀଧର ସିଂ, ଗୋଲାପ ମଞ୍ଜରୀ ସୋରେନ, ଲାଲନ ସିଂ, ସେକ ଜାକିର ହୁସେନ, ଚନ୍ଦ୍ର କୁମାର ଶୁଭେନ୍ଦୁ ଦାସ, ଶିବ ମହାରଣା, ବାବୁରାମ ବେସ୍ରା, ଛଟରାୟ ନାୟକ, ପାର୍ଥ ସାରଥୀ ନାୟକ, ରାଜେଶ ରାଜ, ବିଭୂଷଣ ସୟ, ପ୍ରମୁଖ ବନ୍ଦରେ ସାମିଲ ହୋଇ ଥିଲେ। ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

**ବହଳଦା :** ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଦୋଷୀଙ୍କୁ ଦଣ୍ଡିତ କରିବା ସହ ନ୍ୟାୟ ପ୍ରଦାନ ଦାବିରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା କଂଗ୍ରେସ ଦଳ। ଏହି ପରିପ୍ରେକ୍ଷୀରେ ବହଳଦା ଓ ତିରିଂ ବ୍ଲକ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏହିପରିକି ଏହି ବନ୍ଦକୁ ସାଧାରଣ ଜନତା ଓ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଥିଲା। ଫଳରେ ବହଳଦା ବଜାର ଓ ତିରିଂ ଅଞ୍ଚଳରେ ଅଭୁତପୂର୍ବ ଭାବେ ସମସ୍ତ ଦୋକାନ ବଜାର ଓ ଅନୁଷ୍ଠାନ ସବୁ ବନ୍ଦ ରହିଥିଲା। ବହଳଦାରେ କଂଗ୍ରେସ ଦଳର ବ୍ଲକ ଉପସଭାପତି ଶଶିକାପୁର ଯାଦବ, ମାଲାକି ବୋଇପାଇ, ମହମ୍ମଦ ଆବିଦ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଇନଚାର୍ଜ ଇନ୍ତେଖ୍ୱାବ ଆଲାମ, ଶୁକ୍ରା ଲିଆଙ୍ଗି, ବିଧାୟକ ପ୍ରାର୍ଥୀ ଯୋଗେନ୍ଦ୍ର ବାଣ୍ଡରା, ଲାଲାବିହାରୀ ବିନ୍ଧାଣୀ, ଏମଡି ସଜାଉଦ୍ଦିନ୍, ଏମଡି ସୋନୁଙ୍କ ସମେତ ବହୁ ସମର୍ଥକ ପିକେଟିଂ କରି ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରିଥିଲେ। ସେହିପରି ତିରିଂ ବ୍ଲକ ଅଞ୍ଚଳରେ କଂଗ୍ରେସ ଦଳର ବରିଷ୍ଠ ନେତା ମହମ୍ମଦ ଅଲି ଖାଁ ଓ ଭାଗିରଥୀ ପାତ୍ରଙ୍କ ସହ ଏସଟି ସେଲ୍‌ର ଜିଲ୍ଲା ଅଧକ୍ଷ ଅନୁପ କୁମାର ସୋରେନ୍‌ଙ୍କ ନେତୃତ୍ୱରେ ବ୍ଲକ ସଭାପତି ସନ୍ତୋଷ କୁମାର ନାଏକ, ରଘୁ ସାହୁ, ଶଙ୍କରଲାଲ କ୍ଷତ୍ରୀ ପ୍ରମୁଖଙ୍କ ସହ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସିପିଆଇ ପକ୍ଷରୁ ମଧ୍ୟ ବହୁ କର୍ମୀ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ। ଭଞ୍ଜସେନା ସଂଗଠନ ପକ୍ଷରୁ ଗାଙ୍ଗୁ ମାର୍ଣ୍ଡି, ସାଧୁଚରଣ ବେହେରା, ଚନ୍ଦନ ପାତ୍ର, ମନୋଜ ପାତ୍ର ଏବଂ ମଙ୍ଗଲ ସାହୁ ପ୍ରମୁଖ ଶତାଧିକ ସମର୍ଥକଙ୍କ ସହ ବନ୍ଦ ପାଳନକୁ ସମର୍ଥନ କରିବା ସହ ପିକେଟିଂ କରିଥିଲେ।

**ବାଙ୍ଗିରିପୋଷି :** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିରେ ଗୁରୁବାର ଓଡିଶା ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହୋଇଛି। ୪୯ ନଂ ଜାତୀୟ ରାଜପଥ ଟ୍ରକ,ବସ୍ ଚଳାଚଳ ବନ୍ଦ ରହିଥିଲା। କଂଗ୍ରେସ, ବାମପନ୍ଥୀ, ଜେଏମଏମ ସହିତ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନା ମଧ୍ୟ ଏହି ବନ୍ଦକୁ ସମର୍ଥନ ଜଣାଇ ୪୯ ନଂ ଜାତୀୟ ରାଜପଥରେ ବିକ୍ଷୋଭ କରିଥିଲେ। ବାଙ୍ଗିରିପୋଷି ବଜାର ଦୋକାନ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ବନ୍ଦ ରହିଥିଲା। ବ୍ଲକ କଂଗେସ ଦଳ ପକ୍ଷରୁ ରବିନ୍ଦ୍ର ନାଥ ଟୁଡୁ, ପ୍ରଶାନ୍ତ ଦାଶ ପଟ୍ଟନାୟକ, ସତ୍ୟନାରାୟଣ ବିଜୁଳିଙ୍କ ନେତୃତ୍ୱରେ ବହୁ କର୍ମୀ ଯୋଗଦେଇଥିବା ବେଳେ ଭଞ୍ଜସେନା ପକ୍ଷରୁ ସତ୍ୟପ୍ରକାଶ ମହାନ୍ତି, ମନରୋଞ୍ଜନ ବାରିକ, ସନ୍ତୋଷ ଗିରି, ସଂଜୀବ ଗିରିଙ୍କ ନେତୃତ୍ୱରେ ବହୁ ଭଞ୍ଜସେନା ସମର୍ଥକ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରାରେ ଜେଏମଏମ, ବାମପନ୍ଥୀ ଦଳ ମଧ୍ୟ ସହଯୋଗ କରିଥିଲେ।

■ ବାଘଚମଡ଼ା ଜବତ ଅନ୍ତରାଳେ...

## ତନ୍ତ୍ର ସାଧନା ନାଁରେ ଅଭିଯୁକ୍ତ ପୂରଣ କରୁଥିଲେ ଯୌନ ଲାଳସା

ବାରିପଦା, ୧୭।୭ (ସମିସ): ଶିମିଳିପାଳ ୱାଇଲ୍ଡ ଲାଇଫ ଗୁଇନ୍ଦା ସରବରାହ ସଂସ୍ଥା ସୂଚନା କ୍ରମେ ବନବିଭାଗ ଚଢଉ ପରେ ବଡସାହି ଓ ଖୁଣ୍ଟା ଥାନା ଅଞ୍ଚଳର ପୃଥକ ସ୍ଥାନରୁ ଜବତ ୩ଟି କଲରାପତରିଆ ବାଘ ଚମଡା ଘଟଣାରେ ଅନେକ ଗୋପନ ତଥ୍ୟ ପଦାକୁ ଆସିବାରେ ଲାଗିଛି। ଏହି ଘଟଣାରେ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ପାଖରୁ ଜବତ ହୋଇଥିବା ମୋବାଇଲରୁ ଅଭିଯୁକ୍ତ ଗୁରୁପ୍ରସାଦ ପାତ୍ରଙ୍କ ମୋବାଇଲରେ ରହିଛି ସାଂଘାତିକ ଅପରାଧିକ ଘଟଣାର ଭିଡିଓ। ସାମ୍ବାଦିକ ସମ୍ମିଳନୀରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସମ୍ୟକ ତଥ୍ୟ ଦେଇଥିବା ବେଳେ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ବିଭାଗ ସ୍ତରରେ ରିପୋର୍ଟ କରିବେ ବୋଲି କହିଥିଲେ। ଗୁରୁପ୍ରସାଦଙ୍କ ଘର ହେଉଛି ବଡ଼ସାହି ଥାନା ଅଧୀନ ପାଉଁଶିଆ ଗ୍ରାମରେ। ବୟସ ୪୧ ହେଲେ ମଧ୍ୟ ସେ ସମ୍ପୃକ୍ତ ଅଞ୍ଚଳରେ ତନ୍ତ୍ର ସାଧକ ଭାବେ ଜଣାଶୁଣା। ତାଙ୍କ ଘରୁ ୨ଟି କଲରାପତରିଆ ବାଘ ଚମଡା ଉଦ୍ଧାର ହୋଇଥିଲା। ତାଙ୍କ ମୋବାଇଲରେ ତନ୍ତ୍ର ସାଧନାର କିଛି ଭିଡିଓ ରହିଛି। ଶହେରୁ ଉର୍ଦ୍ଧ୍ୱ ଭିଡିଓରେ ସେ ପୂଜାପାଠ କରି ଭିନ୍ନ ଭିନ୍ନ ମହିଳାଙ୍କ ଶରୀରର ଆପତ୍ତିଜନକ ସ୍ଥାନରେ ସିନ୍ଦୁର ଲଗାଗବା ଦୃଶ୍ୟ ରହିଛି। ତତସହିତ ମୋବାଲ ଯାଞ୍ଚ ହେଲେ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିବ ବୋଲି ଗ୍ରାମରେ ଚର୍ଚ୍ଚା ହେଉଛି। ବାଘ ଚମଡା ଉପରେ ବସି ସେ ତନ୍ତ୍ର ସାଧନା କଲେ ସମସ୍ତ ମନବାଞ୍ଛନା ପୂର୍ଣ୍ଣ ସହିତ ଧନାଗମନର ମିଥ୍ୟା ପ୍ରତିଶ୍ରୁତି ଦେଇ ସେ କରୁଥିଲେ ଅନେକ କାଣ୍ଡ। ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡି ପଳାଇଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ଅଛନ୍ତି। ବାପାଙ୍କ ଅମଳରୁ ତନ୍ତ୍ର ସାଧନା ରହିଛି। ତେବେ ଏପରି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚାଲିଥିବା ବେଳେ ସ୍ଥାନୀୟ ପୁଲିସ ଜାଣି ନପାରିବା ତଦନ୍ତ ସାପେକ୍ଷ। ଅଭିଯୁକ୍ତଙ୍କ ସହିତ ଆଉ କେଉଁ ମାନେ ଯୌନ କେଳେଙ୍କାରୀରେ ସମ୍ପୃକ୍ତ ତାହା ପୁଲିସ ତଦନ୍ତ କଲେ ଜଣାପଡିବ। ଜବତ ମୋବାଇଲ ବର୍ତ୍ତମାନ କୋର୍ଟଙ୍କ ପାଖରେ ଥିବାରୁ ଅଭିଯୁକ୍ତଙ୍କ ରିମାଣ୍ଡରେ ଆଣି ମୋବାଇଲ ଯାଞ୍ଚ ଓ କଲରେକର୍ଡର ଯାଞ୍ଚ କଲେ ଅନେକ ମହାନ ହସ୍ତୀ ଘଟଣାରେ ଜଡିତ ଥିବା ତଥ୍ୟ ପଦାକୁ ଆସିବ। ବାଘଚମଡା ଓ ଶିକାର ଘଟଣାରେ ଆନ୍ତରାଜ୍ୟ ଲିଙ୍କ ର ମଧ୍ୟ ଖୁଲାସା ହେବ। ଏନେଇ ଏସପି ଦୃଷ୍ଟି ଦେବାକୁ ଦାବି ହେଉଛି।

**ରିମାଣ୍ଡରେ ଆଣି ତଦନ୍ତ ହେଲେ ଖୋଲିବ ବହୁ ତଥ୍ୟ**

# ଓଡ଼ିଶା ବନ୍ଦ ଜନଜୀବନ ପ୍ରଭାବିତ, କାରବାର ବାଧାପ୍ରାପ୍ତ

ଭୁବନେଶ୍ୱର,୧୭।୭(ସମିସ): ଏଫ୍ଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ରହିଥିଲା। ଏହି ବନ୍ଦର ପ୍ରଭାବରେ ସାରା ରାଜ୍ୟରେ ବ୍ୟବସାୟିକ କାରବାର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବ୍ୟାଙ୍କଠାରୁ ଆରମ୍ଭ କରି ଶିଳ୍ପ ସଂସ୍ଥା, ବୀମା, ଡାକ ସେବା ସବୁ ଅଚଳ ହୋଇଯାଇଥିଲା। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଓଡ଼ିଶା ବନ୍ଦ ଯୋଗୁ ରାଜ୍ୟ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ବା ପାଇକାରୀ ମଣ୍ଡି କଟକ ମାଲଗୋଦାମ, ଛତ୍ରବଜାର, ଭୁବନେଶ୍ୱରର ଆଇଗିଣିଆ,ୟୁନିଟ୍-୧ ହାଟ,ସମ୍ବଲପୁର କ୍ଷେତରାଜପୁର ଏବଂ ବ୍ରହ୍ମପୁରର ପାଇକାରୀ ମଣ୍ଡିଗୁଡିକ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ରାଜ୍ୟର ପ୍ରମୁଖ ତନଖି ଫାଟଗୁଡିକରେ ବାହାର ରାଜ୍ୟରୁ ଏହି ମଣ୍ଡିଗୁଡିକୁ ଆସୁଥିବା ଟ୍ରକ୍‌ଗୁଡିକ ଲମ୍ବାଧାଡିରେ ଛିଡା ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହାବାଦ୍ ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦରରେ ମଧ ପଣ୍ୟ କାରବାର ବିଶେଷ ଭାବ ପ୍ରଭାବିତ ହୋଇଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦର ଗେଟ୍ ନିକଟରେ କର୍ମଚାରୀଙ୍କୁ ଯିବାରୁ ବନ୍ଦ କରିଥିଲେ। ବନ୍ଦର ସବୁଠାରୁ ବଡ଼ ପ୍ରଭାବ ବ୍ୟାଙ୍କ କାରବାର ଉପରେ ପଡିଥିଲା। ଏଥିଯୋଗୁ ସମଗ୍ର ରାଜ୍ୟରେ ସରକାରୀଠାରୁ ଆରମ୍ଭ କରି ଘରୋଇ ବ୍ୟାଙ୍କ ସବୁ ବନ୍ଦ ରହିଥିଲା। ରାଜଧାନୀ ଭୁବନେଶ୍ୱରର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ), ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାଖା ସମ୍ମୁଖରେ ଆନ୍ଦୋଳନକାରୀମାନେ ପିକେଟିଂ କରି ବନ୍ଦ କରିଥିଲେ।

ବନ୍ଦ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପେଟ୍ରୋଲ ପମ୍ପମାଲିକମାନେ ଆଗୁଆ ପେଟ୍ରୋଲ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଯାହାଫଳରେ ଆଜି ସାରା ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଓଡ଼ିଶା ବନ୍ଦକୁ ନଜରରେ ରଖି ଡିଲରମାନେ ପମ୍ପ ବନ୍ଦ ରଖିଥିଲେ। ପରେ ଦିନ ୩ଟା ପରେ ଅପରାହ୍ଣ ପରେ ଧୀରେ ଧୀରେ ଚାରିଆଡେ ପମ୍ପଗୁଡିକ ଖୋଲିଥିଲା। ଆଜି ହୋଇଥିଲା ଏହି ବନ୍ଦ ଯୋଗୁ ରାଜ୍ୟରେ ପ୍ରାୟ ୫୧ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଛି। ଏହାଛଡା ବନ୍ଦ ପ୍ରଭାବରେ ଡିପୋଗୁଡିକରେ ଟ୍ୟାଙ୍କରରେ ତେଲ ଲୋଡିଂ ମଧ୍ୟ ହୋଇ ପାରି ନ ଥିଲା। ବନ୍ଦ ଉପରେ ମତ ରଖି ଓଡ଼ିଶା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ସାରା ରାଜ୍ୟରେ ବନ୍ଦ ପାଳନ ଯୋଗୁ ପାଇକାରୀ ମଣ୍ଡିଗୁଡିକୁ ମାଲ ପରିବହନ ବନ୍ଦ ହୋଇଯାଇଛି।

## ପେଟ୍ରୋଲ ପମ୍ପଠାରୁ ବ୍ୟାଙ୍କ, ବୀମା, ଡାକ ସେବା ସବୁ ଅଚଳ




ରାୟଗଡ଼ା


ନବରଙ୍ଗପୁର


ବ୍ରହ୍ମପୁର


ରାଉରକେଲା


ବଲାଙ୍ଗିର


ବାଲେଶ୍ୱର


କେନ୍ଦ୍ରାପଡ଼ା



ଜଗତସିଂହପୁର


ବାରିପଦା


କେନ୍ଦୁଝର


ରାଉରକେଲା


ତରଭା


ଅନୁଗୁଳ



କଳାହାଣ୍ଡି


ପୁରୀ

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରି ପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୪୩- ବ୍ରିଟିଶ ସେନା ଇଟାଲୀର କଟାନିୟା ସହର ଉପରେ ଆକ୍ରମଣ କଲା।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।



# ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ

ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲା ଜଣେ ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। ୧୯୧୮ ଜୁଲାଇ ୧୮ ରେ ସେ ଜନ୍ମଗ୍ରହଣ କରିଥିବାରୁ ଏହି ଦିନଟିକୁ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଇଆସୁଛି। ତାଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇବା ତଥା ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିନ ସମସ୍ତଙ୍କୁ ଦାରିଦ୍ର ତଥା ସାମାଜିକ ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ଜାତିସଂଘର ଅନୁମୋଦନ କ୍ରମେ ୨୦୧୦ ମସିହାରୁ ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ 'ମଣ୍ଡେଲା ଦିବସ' ଭାବେ ପାଳନ କରାଯାଉଛି। ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ହେବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ। ସେ ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ୬୭ ବର୍ଷର ଜୀବନକାଳ ମଧ୍ୟରେ ଜେଲ୍ ଯିବା, ଦେଶଦ୍ରୋହ ମାମଲାର ସମ୍ମୁଖୀନ ହେବା ପରେ ବି ସେ ନିଜ ମନୋବଳରୁ ବିଚ୍ୟୁତ ହୋଇ ନ ଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଜାତିବାଦ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସାମାଜିକ ସମାନତା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଏବଂ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ ଡିସେମ୍ବର ୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

## ଭାରତର ପ୍ରଥମ ମହିଳା ଡାକ୍ତର
# କାଦମ୍ବିନୀ ଗାଙ୍ଗୁଲି




ଭାରତର ପ୍ରଥମ ତାଲିମପ୍ରାପ୍ତ ମହିଳା ଡାକ୍ତର ହେବାର ସୌଭାଗ୍ୟ ଅର୍ଜନ କରିଥିଲେ କାଦମ୍ବିନୀ ଗାଙ୍ଗୁଲି। ସେ ୧୮୬୧ ମସିହା ଆଜିର ଦିନରେ ବିହାରସ୍ଥିତ ଭାଗଲପୁରରେ ଜନ୍ମ ଗ୍ରହଣ କରିଥିଲେ। ସେ ସମୟରେ ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ମାତ୍ର ସେହି ସମୟରେ ଡାକ୍ତରୀ ପଢ଼ି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ କାଦମ୍ବିନୀ। ୧୮୮୨ରେ କାଦମ୍ବିନୀ ଓ ତାଙ୍କ ବାନ୍ଧବୀ ଚନ୍ଦ୍ରମୁଖୀ ବସୁ ଦେଶର ପ୍ରଥମ ମହିଳା ସ୍ନାତକ ହେବାର ଗୌରବ ଅର୍ଜନ କରିଥିଲେ। ସ୍ନାତକ ପରେ ୨୧ ବର୍ଷ ବୟସରେ ସେ ପ୍ରଫେସର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଦ୍ୱାରକାନାଥ ଗାଙ୍ଗୁଲିଙ୍କୁ ବିବାହ କଲେ। ଦ୍ୱାରକାନାଥ ମହିଳା ସଶକ୍ତୀକରଣ ଦିଗରେ କାମ କରୁଥିଲେ। ସେ ହିଁ କାଦମ୍ବିନୀଙ୍କୁ ଡାକ୍ତରୀ ପାଠ ପଢ଼ିବାକୁ ଉତ୍ସାହିତ କରିଥିଲେ। ୧୮୮୬ରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ମେଡିସିନ୍ ଡିଗ୍ରୀ ପ୍ରାପ୍ତ କରି ପ୍ରଥମ ଭାରତୀୟ ମହିଳା ଡାକ୍ତର ହେବାର ପରିଚୟ ହାସଲ କଲେ। କେବଳ ସେତିକି ନୁହେଁ, ସେ ଥିଲେ ପ୍ରଥମ ଦକ୍ଷିଣ ଏସୀୟ ମହିଳା, ଯାହାଙ୍କୁ ୟୁରୋପୀୟ ମେଡିସିନ୍‌ରେ ପ୍ରଶିକ୍ଷଣ ମିଳିଥିଲା। ବ୍ରିଟେନ୍‌ରେ କାମ ଓ ଅଧ୍ୟୟନ କରିବା ସହ ସେ ସ୍ତ୍ରୀରୋଗ ବିଶେଷଜ୍ଞତା ହାସଲ କଲେ। ଏହାପରେ ୧୮୯୦ରେ ସେ ଭାରତ ଫେରିଲେ ଓ ଏଠାରେ ଡାକ୍ତରୀ ଅଭ୍ୟାସ ଜାରି ରଖିଲେ। ତାଙ୍କ ଭୂମିକା କେବଳ ଚିକିତ୍ସା କ୍ଷେତ୍ରରେ ସୀମିତ ନ ଥିଲା, ମହିଳାଙ୍କ ଅଧିକାର ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲେ କାଦମ୍ବିନୀ। ୧୮୮୯ ରେ ସେ ଅନ୍ୟ ଛଅ ଜଣଙ୍କ ସହ ମିଶି ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ପ୍ରତିନିଧିମଣ୍ଡଳ ଗଠନ କରିଥିଲେ। ୧୯୨୩ ମସିହା ଅକ୍ଟୋବର ୩ରେ ତାଙ୍କର ଦେହାନ୍ତ ହୋଇଥିଲା।

# ୪୦୦୦ କୋଟି ଟଙ୍କାର ପ୍ରୋଜେକ୍ଟ 'ରାମାୟଣ'



ନୀତେଶ ତିୱାରିଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମ ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳିରେ ଆସିବ। ପୂର୍ବରୁ ଫିଲ୍ମର ବଜେଟ୍ ୧୬୦୦ କୋଟି ହେବ ବୋଲି କୁହାଯାଉଥିଲା। ନିକଟରେ ଏକ ପଡକାଷ୍ଟରେ ଏହାର ବଜେଟ୍ ସମ୍ପର୍କରେ ପଚାରାଯିବାରୁ ପ୍ରଯୋଜକ ନମିତ ମଲହୋତ୍ରା କହିଛନ୍ତି- 'ରାମାୟଣ' ଏକ ଲାଇଫ୍‌ଟାଇମ୍ ପ୍ରୋଜେକ୍ଟ। ଦୁଇଟିଯାକ ପ୍ରୋଜେକ୍ଟ ପୂର୍ଣ୍ଣ ହେବା ବେଳକୁ ପାଖାପାଖି ୪୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇ ଯାଇଥିବ। ଆମେ ଏକ ବଡ଼ ପୌରାଣିକ କାହାଣୀକୁ ସାରା ବିଶ୍ୱକୁ ଦେଖେଇବାକୁ ଚାହୁଁଛୁ।' ଯଦି ଏହାର ବଜେଟ୍ ୪୦୦୦ କୋଟି ହେଉଛି ତାହେଲେ ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବ। 'ରାମାୟଣ'ର ପ୍ରଯୋଜନା ଦାୟିତ୍ୱରେ ନମିତ ମଲହୋତ୍ରାଙ୍କ ପ୍ରାଇମ୍ ଫୋକସ୍ ଷ୍ଟୁଡିଓ ଓ ବିଏଫ୍‌ଏକ୍ସ ଷ୍ଟୁଡିଓ ଡିଏନ୍‌ଜି ରହିଛି। ଏହାବାଦ୍ ଏଥିରେ ରାବଣ ଭୂମିକାରେ ଅଭିନୟ କରୁଥିବା ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଯଶ୍ ମଧ୍ୟ ସହ ପ୍ରଯୋଜକ ଅଛନ୍ତି।

# ଧୂମପାନ ଭଳି କ୍ଷତିକାରକ ଡେସ୍କ ଚାକିରି



ଦୀର୍ଘ ସମୟ ପର୍ଯ୍ୟନ୍ତ ବସିରହି କାମ କରିବା ଶରୀର ପାଇଁ କ୍ଷତିକାରକ। ଏହା ମଧୁମେହ, ମାଂସପେଶୀ ଦୁର୍ବଳତା, ପିଠି ଯନ୍ତ୍ରଣା, ଡିପ୍ ଭେନ୍ ଥ୍ରୋମ୍ବୋସିସ୍, ଅବସାଦ ଏବଂ କୋଲନ କ୍ୟାନସର୍ ଭଳି ଅନେକ କର୍କଟ ରୋଗର କାରଣ ସାଜିପାରେ ବୋଲି ଅନେକ ଅଧ୍ୟୟନରୁ ମଧ୍ୟ ପ୍ରକାଶ ପାଇଛି। ତେଣୁ ଧୂମପାନ ଯେଭଳି ପ୍ରାଣଘାତୀ, ଅଧିକ ସମୟ ବସିବା ତାହା ସହ ସମାନ ବୋଲି ବିବେଚନା କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଗତିହୀନ ଭାବେ ବା ସ୍ଥିର ଭାବେ ଦୀର୍ଘ ସମୟ ବସି ରହି କାମ କରିବା ମୃତ୍ୟୁର ଚତୁର୍ଥ ସବୁଠୁ ବଡ଼ କାରଣ ବୋଲି କୁହାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ସହ ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଏକ ମଜଭୁତ ସମ୍ପର୍କ ଥିବା କଥାକୁ ସୂଚାଇଛି। ଯାହାକି ମେଟାବଲିକ୍ ସିଣ୍ଡ୍ରୋମ, ହୃଦ୍‌ରୋଗ ଏବଂ କର୍କଟର କାରଣ ହୋଇପାରେ। ତେବେ ଯେଉଁମାନେ ନିତିଦିନ ୮ ଘଣ୍ଟାରୁ ଅଧିକ ସମୟ ବସି ରହି କାମ କରୁଛନ୍ତି ସେମାନଙ୍କୁ ମେଦବୃଦ୍ଧି ଏବଂ ଧୂମପାନ ଯୋଗୁଁ ହେଉଥିବା ମୃତ୍ୟୁ ଭଳି ପରିସ୍ଥିତି ସାମ୍ନା କରିବାକୁ ପଡ଼ିଥାଏ। ତେଣୁ ଦୀର୍ଘ ସମୟ ବସି ରହି କାମ କରୁଥିବା ଲୋକଙ୍କୁ ମଝିରେ ମଝିରେ ବ୍ରେକ୍ ନେବା, କାମ ମଧ୍ୟରେ ହାଲକାଫୁଲକା ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଆଯାଇଛି।






# ଦେହକୁ ହିତ ଅଞ୍ଜିର

ଅଞ୍ଜିର ଏକ ସ୍ୱାଦିଷ୍ଟ ଏବଂ ପୌଷ୍ଟିକ ଫଳ। ଏଥିରେ ସବୁ ଫଳ ଓ ପନିପରିବାଠାରୁ ଅଧିକ ଆଲକାଲାଇନ୍ ଥାଏ। ଏହା ପଟାସିୟମ, କ୍ୟାଲସିୟମ, ଭିଟାମିନ୍–ଏ, ବି୨, ସି, କ୍ୟାଲସିୟମ, ଲୌହସାର, ମାଙ୍ଗାନିଜ୍ ଆଦି ପୌଷ୍ଟିକତତ୍ତ୍ୱରେ ଭରପୁର। ତେଣୁ ଏହା ମନୁଷ୍ୟ ଶରୀରର ପୁଷ୍ଟିସାଧନ କରି ନାନା ରୋଗ ଦୂର କରିଥାଏ।

- ଅଞ୍ଜିର ତନ୍ତୁଯୁକ୍ତ ହୋଇଥିବାରୁ ପେଟ ସଫା କରିବା ସହ କୋଲେଷ୍ଟ୍ରଲ, ଶ୍ୱାସ, ଅର୍ଶ ଓ ଯକୃତ ସମ୍ବନ୍ଧୀୟ ରୋଗ ନିୟନ୍ତ୍ରଣ କରିଥାଏ।
- ଅଞ୍ଜିରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଓଜନ ହ୍ରାସ, ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ହିତକର। କୋଷ୍ଠକାଠିନ୍ୟର ଉପଶମ ପାଇଁ ଏହା ବହୁତ ଉପଯୋଗୀ। ଏଥପାଇଁ ରାତିରେ ୨ଟି ଅଞ୍ଜିରକୁ ପାଣିରେ ଭିଜାଇ ପରଦିନ ସକାଳୁ ପାଣି ପିଇବା ସହିତ ଅଞ୍ଜିର ଖାଇବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ରୋଗପ୍ରତିରୋଧକଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଏହା ରକ୍ତଚାପ ନିୟନ୍ତ୍ରଣ କରି ହୃଦ୍‌ରୋଗ ଆଶଙ୍କାକୁ ମଧ୍ୟ ହ୍ରାସ କରିପାରେ।
- ସେହିପରି ୨ଟି ଅଖ୍‌ରୋଟ୍, ଆଲମଣ୍ଡ ୨ଟି, ୨ଟି ଶୁଖିଲା ଖଜୁରୀ, ମୁଠାଏ କିସ୍‌ମିସ୍ ସହିତ ୨ଟି ଅଞ୍ଜିରକୁ ଭଲଭାବେ ସଫା କରି ରାତିରେ ଏକ ଗ୍ଲାସ ପାଣିରେ ଭିଜାଇ ରଖି ପରଦିନ ସକାଳୁ ସେହି ପାଣି ସହିତ ଭିଜିଥିବା ନଟ୍‌ସ ଖାଇବା ଦ୍ୱାରା ଶାରୀରିକ ଓ ମାନସିକ ପୁଷ୍ଟିସାଧନ ହୋଇ ତ୍ୱଚା ଉଜ୍ଜ୍ୱଳ ହୁଏ। ପାଚନ ପ୍ରକ୍ରିୟା ସକ୍ରିୟ ରୁହେ।
- ଅନ୍ୟପଟେ ମାତ୍ରାଧିକ ଅଞ୍ଜିର ଖାଇଲେ ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଆଲର୍ଜି, ରକ୍ତ ପତଳା କରିବାକୁ ଔଷଧ ଖାଉଥିଲେ, ଯକୃତଜନିତ ସମସ୍ୟା, ପାଚନପ୍ରକ୍ରିୟା ଅତି ସମ୍ବେଦନଶୀଳ ହୋଇଥିଲେ ସେମାନେ ଡାକ୍ତରଙ୍କ ପରାମର୍ଶ କରି ଅଞ୍ଜିର ଖାଇବା ଆବଶ୍ୟକ।

'ସକାଳ'ର ସ୍ୱାସ୍ଥ୍ୟ

# ବାରିଆଟ୍ରିକ୍ ସର୍ଜରୀ



ଫିଟ୍ ଆଉ ସ୍ଲିମ୍ ରହିବା ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ଅଧୁନା ଜୀବନଶୈଳୀ, ଅଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ସେବନ ଓ ବ୍ୟାୟାମ ଅଭାବରୁ ମେଦବହୁଳତା ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେବେ ଦୀର୍ଘ ସମୟ ଧରି ଡାଏଟ୍, ବ୍ୟାୟାମ ଓ ଔଷଧ ସେବନ ଦ୍ୱାରା ଓଜନ ହ୍ରାସ ନ ହେଲେ ଏଥିପାଇଁ ସର୍ଜରୀ ବିକଳ୍ପ ରହିଛି। ଏହି ସର୍ଜରୀ ନାଁ ହେଉଛି ବାରିଆଟ୍ରିକ୍ ସର୍ଜରୀ। ଏହି ସର୍ଜରୀ ଏବେ ମେଟାବୋଲିକ ସର୍ଜରୀ ଭାବେ ଅଭିହିତ ହେଉଛି। ତେବେ ଅଧିକ ମେଦବହୁଳତାକୁ ନେଇ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଏହି ସର୍ଜରୀ ଭଲ ବିକଳ୍ପ ହୋଇଥିଲେ ମଧ୍ୟ ଏହା ବ୍ୟୟ ବହୁଳ। ମୁଖ୍ୟତଃ ବିଏମ୍ଆଇ ୩୫ରୁ ଅଧିକ ହେଲେ ଏହି ସର୍ଜରୀ କରାଯାଇଥାଏ। ନିର୍ଦ୍ଦିଷ୍ଟ ବୟସ ମଧ୍ୟରେ ଏହି ସର୍ଜରୀ କରାଯିବାର ନିୟମ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ମେଦବହୁଳତା କେବଳ ସୌନ୍ଦର୍ଯ୍ୟକୁ ପ୍ରଭାବିତ କରେ ନାହିଁ, ଧୀରେ ଧୀରେ ଏହା ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ସମ୍ପର୍କିତ ରୋଗ, ଯକୃତ ରୋଗ, ନିଦ୍ରାହୀନତା ଆଦି ରୋଗ ସୃଷ୍ଟି କରାଏ। ତେଣୁ ଡାଏଟ୍, ଔଷଧ ସେବନ, ଶାରୀରିକ ବ୍ୟାୟାମ ଦ୍ୱାରା ଓଜନ ହ୍ରାସ ହୋଇ ନ ପାରିଲେ ଏହି ବାରିଆଟ୍ରିକ୍ ସର୍ଜରୀ କରାଯାଇଥାଏ। ମୁଖ୍ୟତଃ ଏହି ସର୍ଜରୀରେ ପାକସ୍ଥଳୀର ଆକାରକୁ ଛୋଟ କରାଯାଇଥାଏ। ଏହି ସର୍ଜରୀ ଦ୍ୱାରା ଶରୀରର ଭୋକ, ମେଟାବୋଲିଜିମ୍ ଏବଂ ଇନ୍‌ସୁଲିନ୍ ପ୍ରକ୍ରିୟାର ପରିବର୍ତ୍ତନ ହୋଇଥାଏ। ଏହାଦ୍ୱାରା ଭୋକ ନିୟନ୍ତ୍ରଣରେ ରହୁଥିବାରୁ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ। ସେହିପରି ବିଭିନ୍ନ ଗବେଷଣାରୁ ପ୍ରମାଣିତ ହୋଇଛି ଯେ, ବାରିଆଟ୍ରିକ୍ ବା ମେଟାବୋଲିକ ସର୍ଜରୀ ଟାଇପ୍-୨ ମଧୁମେହ, ଉଚ୍ଚ ରକ୍ତଚାପ, ପିସିଓଏସ୍ ଏବଂ ସ୍ଲିପ୍ ଏପନିଆ ପରି ରୋଗ ନିୟନ୍ତ୍ରଣ କରିପାରେ। ତେବେ ସର୍ଜରୀ ପୂର୍ବ ଏବଂ ପରେ ଡାକ୍ତରଙ୍କ ପରାମର୍ଶରେ ରହିବାକୁ ହୋଇଥାଏ।

# ହୃଦ୍‌ଘାତ ପୂର୍ବରୁ ସଙ୍କେତ



ମଣିଷ ଶରୀରର ହାର୍ଟ ବା ହୃତ୍‌ପିଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରକୁ ଶକ୍ତି ଯୋଗାଏ। ଆଜିକାଲିର ଜୀବନ ଓ ଖାଦ୍ୟପେୟ ଶୈଳୀ, କାର୍ଯ୍ୟଚାପ, ନିଶା ସେବନ ଆଦି ଯୋଗୁଁ ଅଧିକାଂଶ ହୃଦ୍‌ରୋଗର ଶିକାର ହେଉଛନ୍ତି। ହୃଦ୍‌ଘାତ ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଅନେକ ଲୋକଙ୍କ ଜୀବନ ଯାଉଛି। ତେଣୁ ହୃଦ୍‌ଘାତ ପୂର୍ବର ସଙ୍କେତ ପାଇବା ପାଇଁ ଆମେରିକା, ମିସିସିପି ବିଶ୍ୱବିଦ୍ୟାଳୟର ଇଞ୍ଜିନିୟରମାନେ ଏକ ପିନ୍ଧିବାଯୋଗ୍ୟ ଉପକରଣ ତିଆରି କରିଛନ୍ତି। ଏହା ଦ୍ୱିତୀୟ ପର୍ଯ୍ୟାୟ ଗବେଷଣାର ଅନ୍ତର୍ଭୁକ୍ତ ରହିଛି। ଏହି ଉପକରଣ ହୃଦ୍‌ଘାତ ଆଶଙ୍କା ପୂର୍ବରୁ ଚେତାବନୀ ଦେଇପାରିବ ବୋଲି ଆଶା କରାଯାଉଛି। ଆଖପାଖରେ କୌଣସି ଡାକ୍ତରୀ ପରୀକ୍ଷଣର ସୁବିଧା ନ ଥିଲେ ଏହି ଉପକରଣ ପିନ୍ଧିଥିଲେ ଦୂରଦୂରାନ୍ତ ସମୟରେ ମଧ୍ୟ ହୃଦ୍‌ଘାତର ଆଶଙ୍କା ସମ୍ବନ୍ଧରେ ପୂର୍ବ ସୂଚନା ପାଇପାରିବେ। ତେଣୁ ଇଂଜିନିୟରମାନେ ଉପକରଣକୁ ହାଲୁକା ଏବଂ ଶକ୍ତି ସଂରକ୍ଷଣକାରୀ ସହ ଅଧିକ ସଠିକ୍ ସୂଚନା ଦେବାକୁ ସ୍ୱତନ୍ତ୍ର ଭାବେ ବନାଇଛନ୍ତି। ଏଥିରେ ଏଆଇ ଏବଂ ଉନ୍ନତ ଗଣିତର ଉପଯୋଗ କରାଯିବା ସହ ଇଲେକ୍ଟ୍ରୋକାର୍ଡିଓଗ୍ରାମର ବିଶ୍ଳେଷଣ କରିବାକୁ ଏହି ଉପକରଣରେ ଏକ ଚିପ୍ ଡିଜାଇନ୍ ମଧ୍ୟ କରାଯାଇଛି। ଏହା ହୃତ୍‌ପିଣ୍ଡର ବିଦ୍ୟୁତ୍ ସଙ୍କେତ ଗ୍ରାଫ୍। ଏହା ହୃଦ୍‌ଘାତ ଆଶଙ୍କା ସଙ୍କେତ ଦେଇଥାଏ। ଡାକ୍ତରଙ୍କ କହିବାନୁସାରେ, ହୃଦ୍‌ଘାତର ସମୟଟି ବହୁତ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ଯେତେ ଶୀଘ୍ର ଏହାକୁ ଚିକିତ୍ସା କରାଯାଏ ବିପଦକୁ ଏଡାଇ ଦିଆଯାଇପାରେ। ଏ ଦୃଷ୍ଟିରୁ ନୂତନ ଉପଯୋଗଉପକରଣଟି ଭବିଷ୍ୟତରେ ହୃଦ୍‌ରୋଗଜନିତ ମୃତ୍ୟୁକୁ ସ୍ୱଳ୍ପ ମାତ୍ରାରେ ହ୍ରାସ କରିପାରିବ ବୋଲି ଆଶା ଓ ବିଶ୍ୱାସ ରହିଛି।

## ଚକୋଲେଟ୍, ଚିପ୍‌ସରୁ ହୋଇପାରେ
# ଟାଇପ୍ ୨-ମଧୁମେହ



ଆଜିକାଲି ପିଲାମାନେ ଘରୋଇ ଖାଦ୍ୟ ବଦଳରେ ଅଧିକ ତେଲମସଲା ଯୁକ୍ତ ଜଙ୍କ୍‌ଫୁଡ, ଚକୋଲେଟ୍, ଚିପ୍‌ସ ଆଦି ଖାଇବାକୁ ଗୁରୁତ୍ୱ ଦେଉଛନ୍ତି। ପିଲାଙ୍କ ଦୈନିକ କ୍ୟାଲୋରୀରେ ମାତ୍ର ୫ ପ୍ରତିଶତ ଚିନି ଗ୍ରହଣ କରିବା ନିୟମ ରହିଥିବାବେଳେ ଏବେ ୪ରୁ ୧୦ବର୍ଷ ପିଲା ଦୈନିକ ୧୩ ପ୍ରତିଶତ ଚିନି ଓ ୧୧ରୁ ୧୮ ବର୍ଷ ମଧ୍ୟରେ ପିଲାମାନେ ୧୫ ପ୍ରତିଶତ ଚିନି ସେବନ କରୁଛନ୍ତି। ଯାହାଫଳରେ ସ୍ୱଳ୍ପ ବୟସରୁ ସେମାନେ ଟାଇପ୍-୨ ମଧୁମେହର ଶିକାର ହେଉଛନ୍ତି। ସେହିପରି ଜଙ୍କଫୁଡ୍, ସ୍ନାକ୍ସ, ଚକୋଲେଟ ଏବଂ ଶର୍କରାଯୁକ୍ତ ପାନୀୟରେ କୃତ୍ରିମ ଚିନି ଓ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମିଶାଯାଉଥିବାରୁ ଏହାକୁ ସେବନ କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ପିଲାଙ୍କ ଜଳଖିଆରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା- ଫଳ ଏବଂ ଦୁଗ୍ଧ, ମଧ୍ୟାହ୍ନଭୋଜନରେ ରୁଟି, ଗଜା ମୁଗ, ଡାଲି, ସିଝା ପରିବା, ପନୀର ଆଦି ସାମିଲ କରିପାରିବେ। ସନ୍ଧ୍ୟାରେ ପିଲାଙ୍କୁ ସନ୍ତୁଳିତ ସ୍ନାକ୍ସ, ରାତ୍ରିଭୋଜନରେ ରୁଟି, ସବ୍‌ଜି ସାମିଲ କରିବା ଆବଶ୍ୟକ। ଡାଲି, ରାଜମା ତଥା ସମସ୍ତ ପ୍ରକାର ଶସ୍ୟ ଆଦି ଖାଇବା ଦ୍ୱାରା ମଧ୍ୟ ଟାଇପ୍-୨ ମଧୁମେହକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଅଦା, ହଳଦୀ, ଗୋଲମରିଚ ଆଦିକୁ ଖାଦ୍ୟପ୍ରସ୍ତୁତିରେ ବ୍ୟବହାର କରିବା ଉଚିତ। ଡାକ୍ତରଙ୍କ ଅନୁଯାୟୀ, ଡାଏଟ୍‌ରେ ଅଖ୍‌ରୋଟ୍, ପିସ୍ତା ଏବଂ ବ୍ରାଜିଲ୍ ନଟ୍‌ସ, ଚିୟା ସିଡ୍‌ସ, କଖାରୁ ମଞ୍ଜି ଆଦି ସାମିଲ କଲେ ସେମାନେ ବଳଶାଳୀ ହୋଇଥାନ୍ତି। ତେଣୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ ସହିତ ପିଲାମାନେ ଶାରୀରିକ ସକ୍ରିୟ ରହିବା ଜରୁରି। ଦୈନିକ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ତିନି ଲିଟର ପାଣି ପିଇବା ଦ୍ୱାରା ପିଲାମାନେ ସୁସ୍ଥ ଓ ନୀରୋଗ ରହିପାରନ୍ତି।

## ପ୍ରଥମ ଏକଦିବସୀୟରେ ଦୀପ୍ତିଙ୍କ ଲଢୁଆ ଅର୍ଦ୍ଧଶତକ

# ଭାରତର ଦ୍ୱିତୀୟ ସର୍ବବୃହତ୍ ରନ୍‌ଚେଜ୍



ସାଉଥାମ୍ପଟନ, ୧୭ ।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଏକଦିବସୀୟ ମ୍ୟାଚରେ ଭାରତୀୟ ମହିଳା କ୍ରିକେଟ୍ ଦଳ ୪ ୱିକେଟ୍‌ରେ ବିଜୟୀ ହୋଇଛି । ୨୫୯ ରନର ଲକ୍ଷ୍ୟକୁ ପିଛା କରିଥିବା ଭାରତ ଦୀପ୍ତି ଶର୍ମା ଅପରାଜିତ ଅର୍ଦ୍ଧଶତକ ବଳରେ ୬ ୱିକେଟ ହରାଇ ୧୦ ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା । ଏହି ଫର୍ମାଟ୍‌ରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ରନ ଚେଜ୍ ହୋଇଛି । ଏଥିସହ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ ।

**ଏକଦିବସୀୟ ମହିଳା କ୍ରିକେଟ୍‌ରେ ଭାରତର ସଫଳ ରନଚେଜ୍**

| ଟାର୍ଗେଟ୍ | ପ୍ରତିପକ୍ଷ | ବର୍ଷ |
|---|---|---|
| ୨୬୫ | ଅଷ୍ଟ୍ରେଲିଆ | ୨୬୫ |
| ୨୫୯ | ଇଂଲଣ୍ଡ | ୨୦୨୫ |
| ୨୫୨ | ନ୍ୟୁଜିଲାଣ୍ଡ | ୨୦୨୨ |
| ୨୪୮ | ଦ.ଆଫ୍ରିକା | ୨୦୧୯ |
| ୨୪୫ | ଦ.ଆଫ୍ରିକା | ୨୦୧୭ |

ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଏକଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ୫୦ ଓଭରରେ ୬ ୱିକେଟ୍ ହରାଇ ୨୫୮ ରନ କରିଥିଲା । ଦଳ ପକ୍ଷରୁ ସୋଫି ଡଙ୍କଲୀ ୮୩, ଡେଭିଡସନ ରିଚାର୍ଡ୍ସ ୫୩, ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୪୧, ଇମା ଲାମ୍ବ୍ ୩୯ ଓ ସୋଫି ଇକଲେଷ୍ଟୋନ ଅପରାଜିତ ୨୩ ରନ କରିଥିଲେ । ଭ୍ରମଣକାରୀ ଭାରତୀୟ ଦଳ ପକ୍ଷରୁ ସ୍ନେହ ରାଣା ଓ କ୍ରାନ୍ତି ଗୌଡ଼ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଜବାବରେ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ସହଜରେ ମ୍ୟାଚ୍ ଜିତିନେଇଥିଲା । ଦୁଇ ଓପନର୍ ସ୍ମୃତି ମନ୍ଧାନା ୩୬, ପ୍ରତୀକ ରାୱଲ ୨୮, ହର୍ଲିନ ଦେଓଲ ୨୭, ଜେମିମା ରୋଡ୍ରିଗ୍ସେଜ ୪୮, ଅଧିନାୟିକା ହର୍ମନପ୍ରୀତ୍ କୌର ୧୭ ରନ କରିଥିଲେ । ସେହିଭଳି ଦୀପ୍ତି ୬୨ ଓ ଅମନଜୋତ୍ କୌର ୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଜିତାଇଥିଲେ । ଦୀପ୍ତି ତାଙ୍କ ୧୪ତମ ଅର୍ଦ୍ଧଶତକୀୟ ପାଳିରେ ୬୪ ବଲ୍ ଖେଳି ୩ ଚୌକା ଓ ଗୋଟିଏ ହାତରେ ଏକ ସୁନ୍ଦର ଛକା ମାରିଥିଲେ । ମ୍ୟାଚ୍ ବିଜୟୀ ପାଳି ଲାଗି ଦୀପ୍ତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଉଲ୍ଲେଖଯୋଗ୍ୟ ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଭାରତ ୩-୨ରେ ଜିତି ରେକର୍ଡ କରିଥିଲା । ଇଂଲଣ୍ଡ ମାଟିରେ ଭାରତୀୟ ମହିଳା ଦଳର ଏହା ପ୍ରଥମ ଟି-୨୦ ସିରିଜ୍ ବିଜୟ ଥିଲା ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପାଳି: ୨୫୮/୬, ୫୦ ଓଭର (ସୋଫିଆ ଡଙ୍କଲୀ-୮୩, ଡାଭିଡ୍ସନ-୫୩, ନାଟାଲୀ-ସ୍କିଭର-୪୧, ଇମା ଲାମ୍ବ୍- ୩୯, ଇକଲେଷ୍ଟୋନ- ୨୩, ସ୍ନେହ ରାଣା- ୨/୩୧, କ୍ରାନ୍ତି ଗୌଡ଼- ୨/୫୫) ।

ଭାରତ ପାଳି: ୨୬୨/୬, ୪୮.୨ ଓଭର (ଦୀପ୍ତି- ଅପରାଜିତ- ୬୨, ଅମନଜୋତ୍- ଅପରାଜିତ- ୨୦, ମନ୍ଧାନା- ୩୬, ଜେମିମା ରୋଡ୍ରିଗ୍ସେଜ- ୪୮, ହରମନପ୍ରୀତ୍- ୧୭, ହର୍ଲିନ ଦେଓ- ୨୭, ପ୍ରତୀକା ରାୱଲ- ୩୬, ଚାର୍ଲୋଟି ଡିନ୍- ୨/୫୫, ଇକଲେଷ୍ଟୋନ- ୧/୩୪) ।

# ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିପାରନ୍ତି କରୁନ

ମାଞ୍ଚେଷ୍ଟର ୧୭ ।୭ (ଏଜେନ୍ସି): ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଖେଳାଯିବ । ଏଥିଲାଗି ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାରଠାରୁ ଅଭ୍ୟାସ ଆରମ୍ଭ କରିଦେଇଛି । ଲର୍ଡ୍ସରେ ଅନୁଷ୍ଠିତ ସିରିଜ ୩ୟ ଟେଷ୍ଟକୁ ଘରୋଇ ଇଂଲଣ୍ଡ ନାଟକୀୟ ଭାବେ ୨୨ ରନରେ ଜିତି ସିରିଜରେ ୨-୧ରେ ଅଗ୍ରଣୀ ରହିଛି । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସମ୍ମାନଜନକ ସିରିଜକୁ ବଞ୍ଚାଇ ରଖିବାକୁ ହେଲେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ୪ର୍ଥ ଟେଷ୍ଟରେ ବିଜୟ ଜରୁରୀ ହୋଇପଡ଼ିଛି ।



ଏକ ହାଲ୍‌କା ମୁହୂର୍ତ୍ତରେ କୋଚ୍ ଗମ୍ଭୀରଙ୍କ ସହ ଜାଡେଜା

ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଖେଳାଳିମାନେ ଗୁରୁବାର ଏଠାରେ ହାଲ୍‌କା ଅଭ୍ୟାସ କରିଛନ୍ତି । ଏଥିରେ ଦଳର ପ୍ରାୟ ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ । ତେବେ ଲର୍ଡ୍ସ ପରାଜୟ ପରେ ଭାରତୀୟ ମ୍ୟାନେଜମେଣ୍ଟ ଦଳରେ କେତୋଟି ପରିବର୍ତ୍ତନ କରିବା ନେଇ ସମ୍ଭାବନା ରହିଛି । ବିଶେଷ କରି ୮ ବର୍ଷ ପରେ ଟେଷ୍ଟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟର୍ କରୁନ ନାୟାରଙ୍କୁ ୪ର୍ଥ ଟେଷ୍ଟରେ ବାଦ୍ ଦେବାନେଇ ରିପୋର୍ଟ ପ୍ରକାଶ ପାଇଛି । ତାଙ୍କ ସ୍ଥାନରେ ଅନ୍ୟତମ ଇନଫର୍ମ ବ୍ୟାଟର୍ ସାଇ ସୁଦର୍ଶନ ମାଞ୍ଚେଷ୍ଟର ଟେଷ୍ଟରେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି । ପ୍ରଥମ ୩ଟି ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଥିବା ୩୩ ବର୍ଷୀୟ ବିଦର୍ଭ ବ୍ୟାଟର୍ କରୁନ ୬ଟି ପାଳିରେ ଯଥାକ୍ରମେ ୦, ୨୦, ୩୧, ୨୬, ୪୦ ଓ ୧୪ ସହ ମୋଟ୍ ୧୩୧ ରନ କରିଛନ୍ତି । ତାଙ୍କର ଆଭରେଜ ୨୧.୮୩ ରହିଥିବାବେଳେ ୪୦ ରନ ଶ୍ରେଷ୍ଠ ପାଳି ରହିଛି । ନାୟାରଙ୍କ ଏହି ନୈରାଶ୍ୟଜନକ ପ୍ରଦର୍ଶନ ହିଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ପାଲଟିଛି । ଅପରପକ୍ଷରେ ୪ର୍ଥ ଟେଷ୍ଟରେ ମଧ୍ୟ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ୍ ସିଂହଙ୍କୁ ସାମିଲ କରାଯାଇପାରେ । ୱାର୍କଲୋଡ୍‌କୁ ନଜରରେ ରଖି ଅଭିଜ୍ଞ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ପୁଣିଥରେ ବିଶ୍ରାମ ଦେବାନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଛି । ଫଳରେ ପ୍ରଥମ ୩ଟି ମ୍ୟାଚରେ ଖେଳିବାର ସୁଯୋଗ ପାଇ ନ ଥିବା ଅର୍ଶଦୀପ୍ ଏଠାରେ ଟେଷ୍ଟ ପଦାର୍ପଣ କରିପାରନ୍ତି ।

## ଡୁରାଣ୍ଡ କପ୍ ପୁରସ୍କାର ରାଶି ୩ ଗୁଣା ବଢ଼ିଲା

କୋଲକାତା, ୧୭ ।୭ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍ ଆସନ୍ତା ୨୩ରୁ ଆରମ୍ଭ ହେବାକୁ ଯାଉଛି । ସମ୍ମାନଜନକ ଡୁରାଣ୍ଡ କପ୍‌ର ଏହି ୧୩୪ତମ ସଂସ୍କରଣ ଲାଗି ଗୁରୁବାର ଆୟୋଜକଙ୍କ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି । ଏଥର ପୁରସ୍କାର ବାବଦରେ ୩ କୋଟି ଟଙ୍କା ପ୍ରଦାନ କରାଯିବ । ଯାହାକି ଗତ ସଂସ୍କରଣ ତୁଳନାରେ ପାଖାପାଖି ୩ଗୁଣ । ଗତ ବର୍ଷ ପୁରସ୍କାର ବାବଦକୁ ୧ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଚାମ୍ପିଅନ ଓ ରନର୍ସଅପ୍ ବାଦ ଏଥର ସେମିଫାଇନାଲ, କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଦଳଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ଦିଆଯିବ । ସେହିଭଳି ୩ଟି ବ୍ୟକ୍ତିଗତ ପୁରସ୍କାର ବାବଦକୁ ୩ଟି ଏସ୍‌ୟୁଭି କାର୍ ପ୍ରଦାନ କରାଯିବ ବୋଲି ଡୁରାଣ୍ଡ କପ୍‌ର ଅଧ୍ୟକ୍ଷ ତଥା ଭାରତୀୟ ଆର୍ମିର ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫ୍‌ନାଣ୍ଟ ଜେନେରାଲ ମୋହିତ ମାଲ୍‌ହୋତ୍ରା କହିଛନ୍ତି । ଜୁଲାଇ ୨୩ରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସି ଓ ସାଉଥ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ସ୍ଥାନୀୟ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯିବ ।

## ଗୋଟିଏ ଓଭରରେ ହେଟ୍‌ମାୟରଙ୍କ ୫ ଛକା

ଗୁୟାନା, ୧୭ ।୭ (ଏଜେନ୍ସି): କ୍ରିକେଟ୍ ୱେଷ୍ଟଇଣ୍ଡିଜ ଆନୁକୂଲ୍ୟରେ ଆୟୋଜିତ ଗ୍ଲୋବାଲ୍ ସୁପର୍ ଲିଗ୍‌ର ୯ମ ସଂସ୍କରଣରେ ସିମ୍‌ରନ ହେଟ୍‌ମାୟରଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିଛି । ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ହେଟ୍‌ମାୟର ଗୋଟିଏ ଓଭରରେ ୫ଟି ଛକା ମାରିଛନ୍ତି । ହୋବାର୍ଟ ହରିକେନ୍ସ ଓ ଗୁୟାନା ଆମାଜନ ୱାରିୟର୍ସ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଉଥିଲା । ଏଥିରେ ଗୁୟାନା ଆମାଜନ ପକ୍ଷରୁ ଖେଳୁଥିବା ହେଟ୍‌ମାୟର ପ୍ରତିପକ୍ଷ ବାମହାତୀ ସ୍ପିନର ଫାବିଆନ ଆଲେନଙ୍କ ଏକ ଓଭରରେ ଏହି ବିସ୍ଫୋରକ ବ୍ୟାଟିଂ କରିଥିଲେ । ଗୁୟାନା ପାଳିର ୧୦ମ ଓଭର ବୋଲିଂ କରିଥିବା ଆଲେନଙ୍କ ପ୍ରଥମ ୪ଟି ବଲ୍‌କୁ ହେଟ୍‌ମାୟର ଛକା ମାରିଥିଲେ । ତେବେ ୫ମ ବଲ୍‌ରୁ ୨ ରନ ହୋଇଥିବାବେଳେ ଅନ୍ତିମ ବଲ୍‌ରୁ ପୁଣି ଏକ ଛକା ହୋଇଥିଲା । ଫଳରେ ଆଲେନ ଏହି ଓଭରରେ ୩୨ ରନ ବ୍ୟୟ କରିଥିଲେ । ହେଟ୍‌ମାୟର ୧୦ ବଲରେ ୩୯ ରନର ବିସ୍ଫୋରକ ପାଳି ଖେଳିବାରୁ ଗୁୟାନା ଆମାଜନ ୧୨୬ ରନର ଲକ୍ଷ୍ୟକୁ ୧୬.୩ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା ।

## ଟି-୨୦ ସିରିଜ ଜିତିଲା ବାଂଲାଦେଶ

କଲମ୍ବୋ, ୧୭ ।୭ (ଏଜେନ୍ସି): ଏଠାରେ ଅନୁଷ୍ଠିତ ୩ୟ ଟି-୨୦ ମ୍ୟାଚରେ ବାଂଲାଦେଶ ୮ ୱିକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି । ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୩୩ ରନର ଲକ୍ଷ୍ୟକୁ ବାଂଲାଦେଶ ୧୬.୩ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଭ୍ରମଣକାରୀ ବାଂଲାଦେଶ ଟି-୨୦ ସିରିଜକୁ ୨-୧ରେ ଜିତିନେଇଛି । ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୭ ୱିକେଟ୍‌ରେ ଓ ୨ୟ ମ୍ୟାଚକୁ ବାଂଲାଦେଶ ୮୩ ରନରେ ଜିତିଥିଲା ।

■ ଡ. ବିସି ରାୟ ଟ୍ରଫି

## ୨୧ ଜଣିଆ ଓଡ଼ିଶା ଦଳ ଘୋଷିତ



କଟକ,୧୭।୭(ସମିସ): ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି. ରାୟ ଟ୍ରଫି ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ । ପଞ୍ଜାବର ଅମୃତସରରେ ୧୦ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍ ନିମନ୍ତେ ଗୁରୁବାର ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ୨୧ ଜଣିଆ ରାଜ୍ୟ ଦଳ ଘୋଷଣା କରିଛି । ଦଳରେ ସୌମ୍ୟରଞ୍ଜନ ଦେବତା, ଉଦୟ ଏକ୍କା, ବିଷ୍ଣୁପ୍ରସାଦ ସାହୁ, କିରଣ ମୁଣ୍ଡା, ଶିବ ମୁଣ୍ଡା, ଆୟୂଷ ଅଶ୍ରୁଜିତ, ଶଙ୍କର ଭୁଏ, ଜେଙ୍ଗା ଲାକ୍ରା, କୃଷ୍ଣଚନ୍ଦ୍ର ହାଁସଦା, ଅନିକେତ ଖାଡିଆ, ସ୍ୱାଗତମ ସାହୁ, ସତ୍ୟ ନାଏକ, ରାଜ କୁମାର ରାଓ, ସମୀର ଟପ୍ପୋ, ଅମନ ଲାକ୍ରା, ପିଣ୍ଟୁ ନାଗ, ବିକି ମାଝୀ, ଇଶାନ୍ତ କୁଜୁର, ପ୍ରସନ୍ନଜିତ ବାଡା, ବିଜୟ ମୁର୍ମୁ, ମହମ୍ମଦ ଫରହାନ ଏହସାନ ସ୍ଥାନ ପାଇଛନ୍ତି । ସେଖ ମନଜୁର ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଧନେଶ୍ୱର ତିର୍କୀ ସହକାରୀ କୋଚ୍, ଚିତ୍ତରଞ୍ଜନ ବେହେରା ମ୍ୟାନେଜର, ସରୋଜ କୁମାର ବେହେରା ଫିଜିଓ ଭାବେ ଦଳ ସହ ଗସ୍ତ କରିବେ । ଓଡ଼ିଶା ଗ୍ରୁପ-ସିରେ ସ୍ଥାନ ପାଇଛି । ଏହି ଗ୍ରୁପରେ ଝାଡ଼ଖଣ୍ଡ, ମଣିପୁର ଏବଂ କର୍ଣ୍ଣାଟକ ରହିଛନ୍ତି । ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ ।

## ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ଖେଳି ଅବସର ନେବେ ରସେଲ

ସେଣ୍ଟ କିଟ୍ସ, ୧୭ ।୭ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ସଫଳ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି । ଜୁଲାଇ ୨୦ରୁ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ । ୩୭ ବର୍ଷୀୟ ରସେଲ ଅବସର ନେଇ ଏହି ଘୋଷଣା କରିଛନ୍ତି । ଜୁଲାଇ ୨୨ରେ ଏହି ମ୍ୟାଚ୍ ରସେଲଙ୍କ ଘରୋଇ ପଡ଼ିଆ ଜାମାଇକାର ସାବିନା ପାର୍କରେ ଖେଳାଯିବ । ଘରୋଇ ଦର୍ଶକଙ୍କ ସାମ୍ନାରେ ମ୍ୟାଚ୍ ଖେଳି ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେବେ । ତେବେ ସେ ଆଇପିଏଲ୍ ସମେତ ବିଭିନ୍ନ ଦେଶରେ ଆୟୋଜିତ ଫ୍ରାଞ୍ଚାଇଜଭିତ୍ତିକ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଖେଳ ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି । ୨୦୧୧ରେ ପାକିସ୍ତାନ ବିପକ୍ଷରେ ଖେଳି ରସେଲ ଟି-୨୦ କ୍ରିକେଟ୍‌ରେ ପାଦ ଥାପିଥିଲେ । ବର୍ତ୍ତମାନ ସୁଦ୍ଧା ସେ ୱେଷ୍ଟଇଣ୍ଡିଜ ପାଇଁ ୮୪ ମ୍ୟାଚ୍ ଖେଳି ୧୦୭୮ ରନ କରିବା ସହ ୬୧ ୱିକେଟ୍ ନେଇଛନ୍ତି । ୨୦୧୨ ଓ ୨୦୧୬ରେ ଟି-୨୦ ବିଶ୍ୱକପ୍ ଜିତିଥିବା ୱେଷ୍ଟଇଣ୍ଡିଜ ଦଳର ସେ ଅନ୍ୟତମ ପ୍ରମୁଖ ସଦସ୍ୟ ରହିଥିଲେ । ସେହିଭଳି ୨୦୧୯ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷରେ ସେ ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ । ସେ ୫୬ ଦିନିକିଆ ମ୍ୟାଚରେ ୧୦୩୪ ରନ ଓ ୭୦ ୱିକେଟ୍ ଅକ୍ତିଆର କରିଥିଲେ । କ୍ୟାରିୟରରେ ସେ ତାଙ୍କର ଏକମାତ୍ର ଟେଷ୍ଟ ମ୍ୟାଚ୍ ୨୦୧୦ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲେ । ୨୦୧୯ ରୁ ସେ କେବଳ ଟି-୨୦ କ୍ରିକେଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ ।

ଜାପାନ ଓପନ୍

## ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗଙ୍କ ବିଦାୟ

ଟୋକିଓ, ୧୭ ।୭ (ଏଜେନ୍ସି): ଚଳିତ ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରୁ ଭାରତର ଲକ୍ଷ୍ୟ ସେନଙ୍କୁ ବିଦାୟ ନେବାକୁ ପଡ଼ିଛି । ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମୁକାବିଲାରେ ଲକ୍ଷ୍ୟ ୧୯-୨୧, ୧୧-୨୧ ସିଧାସଳଖ ଗେମ୍‌ରେ ଘରୋଇ ଖେଳାଳି କୋଡାଇ ନାରାଓକାଙ୍କ ନିକଟରୁ ପରାସ୍ତ ହୋଇଛନ୍ତି । ଫଳରେ ଚଳିତ ବର୍ଷ ଅଲ୍ ଇଂଲଣ୍ଡ ଟୁର୍ଣ୍ଣାମେଣ୍ଟ ପରେ ଲକ୍ଷ୍ୟ କ୍ରମାଗତ ୫ମଥର ଲାଗି କ୍ୱାର୍ଟର ଫାଇନାଲକୁ ଉଠିବାରେ ବିଫଳ ହୋଇଛନ୍ତି । ଅପରପକ୍ଷରେ ପୁରୁଷ ଡବଲ୍ସରେ ବିଶ୍ୱର ପୂର୍ବତନ ଏକ ନମ୍ବର ଯୋଡ଼ି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ଅଟକିଯାଇଛନ୍ତି । ଏହି ଭାରତୀୟ ଯୋଡ଼ି ୨୨-୨୪, ୧୪-୨୧ ଗେମ୍‌ରେ ଚାଇନାର ଲିଆଙ୍ଗ କେଙ୍ଗ୍ ୱି ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କ ନିକଟରୁ ପରାସ୍ତ ହୋଇଥିଲେ । ପୂର୍ବରୁ ଗତକାଲି ପିଭି ସିନ୍ଧୁ ମଧ୍ୟ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ ।

ସାହାଣୀ କପ୍

## ଇଞ୍ଜୁରି ଟାଇମ୍‌ରେ ଜିତିଲା ଖୋର୍ଦ୍ଧା




କଟକ,୧୭।୭(ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ୪ଟି ଜୋନ୍‌ରେ ଖେଳାଯାଉଛି । ଗୁରୁବାର ଦ୍ୱିତୀୟ ଦିବସରେ କେନ୍ଦ୍ରାପଡ଼ା ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଖୋର୍ଦ୍ଧା ଇଞ୍ଜୁରି ଟାଇମ୍‌ରେ ୨ଟି ଗୋଲ୍ ସ୍କୋର କରି ରୋମାଞ୍ଚକ ବିଜୟ ହାସଲ କରିଥିଲା । ଖୋର୍ଦ୍ଧା ଏବଂ ପାରାଦୀପ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଉଭୟ ଦଳ ପ୍ରଥମାର୍ଦ୍ଧରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ । ପାରାଦୀପର କେ. ରିତିକ୍, ପ୍ରକାଶ ନାୟକ, ଖୋର୍ଦ୍ଧାର ତୋଫାନ ନାୟକ ଏବଂ ରଞ୍ଜନ ସ୍ୱାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୭୬ତମ ମିନିଟରେ ପ୍ରକାଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପାରାଦୀପକୁ ୩-୨ରେ ଆଗୁଆ ରହିଥିଲେ । ନିର୍ଦ୍ଧାରିତ ୯୦ ମିନିଟ ପର୍ଯ୍ୟନ୍ତ ପାରାଦୀପ ବିଜୟ ଆଶାରେ ରହିଥିଲା । ମାତ୍ର ଇଞ୍ଜୁରି ଟାଇମ୍‌ରେ ଖୋର୍ଦ୍ଧା ମ୍ୟାଚ୍‌ର ଚିତ୍ରପଟ୍ଟ ବଦଳାଇ ଦେଇଥିଲା । ୯୧ତମ ମିନିଟରେ ଚନ୍ଦନ ନାୟକ ଏବଂ ୯୫ତମ ମିନିଟରେ ତୋଫାନ ନାୟକଙ୍କ ଗୋଲ୍ ବଳରେ ଖୋର୍ଦ୍ଧା ଅବିଶ୍ୱସନୀୟ ବିଜୟ ହାସଲ କରିଥିଲା । କେନ୍ଦ୍ରାପଡ଼ା ଜୋନରେ ଅନ୍ୟ ଏକ ମ୍ୟାଚ୍‌ରେ କଟକ ୫-୦ ଗୋଲରେ ପୁରୀକୁ ହରାଇଛି । ସେହିପରି ବୌଦ୍ଧ ଜୋନରେ ବରଗଡ ୪-୦ ଗୋଲରେ କଳାହାଣ୍ଡିକୁ, ଦେବଗଡ଼ ୨-୦ ଗୋଲରେ ନୟାଗଡ଼କୁ, କେନ୍ଦୁଝର ଜୋନରେ ସୁବର୍ଣ୍ଣପୁର ୬-୦ ଗୋଲରେ ବାଲେଶ୍ୱରକୁ ହରାଇଥିବା ବେଳେ ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା । ବ୍ରହ୍ମପୁର ଜୋନରେ କୋରାପୁଟ ୪-୦ ଗୋଲରେ ମୟୂରଭଞ୍ଜକୁ ଏବଂ ମାଲକାନଗିରି ୮-୧ ଗୋଲରେ ରାୟଗଡାକୁ ହରାଇଛି ।

## ଅଗଷ୍ଟ ୧୦ରେ କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍

# ଯୋଗ୍ୟତା ମାନଦଣ୍ଡ ଜାରି କଲା ଏଏଫ୍ଆଇ

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍ ଅନୁଷ୍ଠିତ ହେବ । ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଏକଦିବସୀୟ ମେଗା ଇଭେଣ୍ଟ ଆୟୋଜିତ ହେବ । ଏଥିରେ ଅଂଶଗ୍ରହଣ କରିବା ଲାଗି ଏଏଫ୍ଆଇ ପକ୍ଷରୁ ଗୁରୁବାର ଯୋଗ୍ୟତା ମାନଦଣ୍ଡ ଘୋଷଣା କରାଯାଇଛି । ପୁରୁଷ ଓ ମହିଳା ୧୦୦ ମିଟର ଲାଗି ଯଥାକ୍ରମେ ଯୋଗ୍ୟତା ମାନଦଣ୍ଡ ୧୦.୬୦ ଓ ୧୧.୮୦ ସେକେଣ୍ଡ ଧାର୍ଯ୍ୟ କରାଯାଇଛି । ସେହିଭଳି ପୁରୁଷ ୨୦୦ ମିଟର ଲାଗି ୨୧.୩୦ ସେକେଣ୍ଡ ଓ ମହିଳାଙ୍କ ଲାଗି ୨୩.୫୦ ସେକେଣ୍ଡ ରଖାଯାଇଛି । ତେବେ ଜାଭେଲିନ୍ ଇଭେଣ୍ଟରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଭାଗନେବେ ନାହିଁ ବୋଲି ବୋଲି ଜଣାପଡ଼ିଛି ।

**ଭାଗନେବେନି ନୀରଜ**



ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଆଥ୍‌ଲେଟିକ୍ସ ଆନୁକୂଲ୍ୟରେ ଆୟୋଜିତ ଏହି କଣ୍ଟିନେଣ୍ଟାଲ୍ ଟୁର୍ ହେଉଛି ଏକ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାର ଏକ ବାର୍ଷିକ ସିରିଜ । ସମ୍ମାନଜନକ ଡାଏମଣ୍ଡ ଲିଗ୍ ପରେ ଏହା ଦ୍ୱିତୀୟସ୍ତରର ଏକଦିବସୀୟ ପ୍ରତିଯୋଗିତା । ସେହିଭଳି ବ୍ରୋଞ୍ଜ-ଲେଭଲ୍ ଟୁର୍ ମିଟ୍ ସ୍ୱର୍ଣ୍ଣ ଓ ରୌପ୍ୟସ୍ତରଠାରୁ କମ୍ ମାନ୍ୟତା । କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍‌ରେ ଆୟୋଜକ ଭାରତ ସମେତ ୧୦ ଦେଶର ୧୫୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗନେବେ । ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ୨୦ଟି କ୍ରୀଡ଼ା ଇଭେଣ୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତା ସହ ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ଇଭେଣ୍ଟ ଫେରିଛି । ଶେଷ ଓ ପ୍ରଥମଥର ଲାଗି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା ।

**ଯୋଗ୍ୟତା ମାନଦଣ୍ଡ**

**ପୁରୁଷ**

| | |
|---|---|
| ୧୦୦ମି | ୧୦.୬୦ ସେକେଣ୍ଡ |
| ୨୦୦ମି | ୨୧.୩୦ ସେକେଣ୍ଡ |
| ୪୦୦ମି | ୪୬.୨୦ ସେକେଣ୍ଡ |
| ୮୦୦ମି | ୧:୪୮.୫୦ ସେକେଣ୍ଡ |
| ୫୦୦୦ମି | ୧୪:୧୦.୦୦ ସେକେଣ୍ଡ |
| ଲଙ୍ଗ ଜମ୍ପ | ୭.୮୦ ମିଟର |
| ଟ୍ରିପଲ ଜମ୍ପ | ୧୬.୬୦ ମିଟର |
| ଜାଭେଲିନ୍ | ୭୫ ମିଟର |

**ମହିଳା**

| | |
|---|---|
| ୧୦୦ମି | ୧୧.୮୦ ସେକେଣ୍ଡ |
| ୨୦୦ମି | ୨୩.୫୦ ସେକେଣ୍ଡ |
| ୪୦୦ମି | ୫୩.୦୦ ସେକେଣ୍ଡ |
| ୮୦୦ମି | ୨:୦୫.୦୦ ସେକେଣ୍ଡ |
| ୧୫୦୦ମି | ୪:୧୮.୦୦ ସେକେଣ୍ଡ |
| ୧୦୦ମି ହର୍ଡଲ୍ସ | ୧୩.୫୫ ସେକେଣ୍ଡ |
| ଲଙ୍ଗ ଜମ୍ପ | ୬.୦୦ ମିଟର |
| ଜାଭେଲିନ୍ | ୫୨ ମିଟର |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS